# ମୋଶାଙ୍କ ଉପରେ ଶିକ୍ଷା

ଠିକ୍ ଅଛି । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭାଇ ନେଭିଲ୍ । ଶୁଭ ସକାଳ, ବନ୍ଧୁଗଣ । ମୋତେ ବେଳେ ବେଳେ ଥରେ ଏହା ଜାଣିବା ହେତୁ ଦେଖିବାକୁ ପଡିଥାଏ ଯେ ଏହା ସକାଳ କି ସନ୍ଧ୍ୟା ଅଟେ । ତେବେ, ଆଜି ସକାଳେ ମୁଁ ଏଠାରେ ରହିପାରିବା ହେତୁ ଆନନ୍ଦିତ ଅଟେ । ଏହା ଉଷ୍ମ ଅଟେ, ଏବଂ ଆପଣ ନିଶ୍ଚିତ ଭାବରେ ଏକ ଉଷ୍ମ ସ୍ୱାଗତ ପାଇଅଛନ୍ତି । ଆମର ଆଉ ଅଧିକ ବସନ୍ତ ଋତୁ ନାହିଁ; ଆମର ଏଠାରେ ଗ୍ରୀଷ୍ମ ଏବଂ ଶୀତ ଅଛି, କଅଣ ନୁହେଁ କି? ସମସ୍ତ କିଛି ବିଷୟ ଯେକୌଣସି ପ୍ରକାରେ ବି, ନିଜ ସ୍ଥାନରୁ ଅନ୍ୟତ୍ର ଥିବା ପରି ମନେହୁଏ ।

2 ତେବେ, ମୋତେ ଯାହା ବିଳମ୍ବ କଲା, ମୁଁ—ମୁଁ ଘର ସଫା କରୁଥିଲି । ଏବଂ ଆଜି ସକାଳେ ମୋର ଦେହ ପୀଡା ଏବଂ ଯନ୍ତ୍ରଣା କରୁଥିଲା । ଏବଂ ମୁଁ ବହୁତ ସମୟ ଆଗରୁ ଉଠି ଯାଇଥିଲି, କିନ୍ତୁ ମୁଁ ଅନୁଭବ କରି ନ ଥିଲି ଯେ ଜଣେ ସ୍ତ୍ରୀଲୋକକୁ ଏତେ ଅଧିକ କାମ କରିବାକୁ ପଡ଼ିଥାଏ, ସେମାନଙ୍କୁ ତିନୋଟି ପିଲାଙ୍କୁ ପ୍ରସ୍ତୁତ କରିବାକୁ ପଡିଥାଏ ଏବଂ ତାହାପରେ ରବିବାର ଶ୍ରେଣୀ ବିଦ୍ୟାଳୟକୁ ଯିବାକୁ ଥାଏ । ଓଃ, ମୋର ପ୍ରଭୁ! ବହୁତ କିଛି କରିବାକୁ ରହିଥାଏ, ତାହାଠାରୁ ଅଧିକ ଯାହା ମୁଁ ଭାବୁଥିଲି ଯେ ସେଠାରେ କରିବା ପାଇଁ ଥିଲା । ଏବଂ ମୁଁ ଭାବିଲି, "ତେବେ, ବର୍ତ୍ତମାନ..." ଗତ ସନ୍ଧ୍ୟାରେ କାମ କରୁଥିଲି, ଏବଂ—ଏବଂ ମୁଁ—ମୁଁ ସୁସମାଚାର କ୍ଷେତ୍ରରୁ ଫେରିଆସିଥିଲି ଯେ ଘର ସଫା କରିବାରେ ସାହାଯ୍ୟ କରିବି, ମୁଁ ଭାବିଥିଲି । ମୋର ପ୍ରଭୁ, କଅଣ ତାହା କରିବା ହେତୁ ପରିଶ୍ରମ କଠିନ ନୁହେଁ କି? ହଁ! ମୁଁ ଶିଶୁର ଯତ୍ନ ନେବା ପାଇଁ କାହାରିକୁ ବି ଗୋଟିଏ ସପ୍ତାହରେ ପଇଁ-ତିରିଶ ଡଲାର ଦେବି ବୋଲି କହିଥିଲି, ଏବଂ କେହି ତାହା କଲେ ନାହିଁ ।

3 ଜଣେ ବ୍ୟକ୍ତି କିଛି ସମୟ ପୂର୍ବରୁ ଖବରକାଗଜରେ ଖଣ୍ଡେ ଅଂଶ ଲେଖିଥିଲେ । ଅବଶ୍ୟ, ଏହା ସେହି ବିଷୟରେ ଯାଏ ନାହିଁ । କହିଲେ ଯେ ସେ ଏଠାରେ ଉପରେ ଥିଲେ, ଏଠାରେ କେଣ୍ଟକିରେ କୌଣସି ପ୍ରକାରର ଜଣେ ରାଜନେତା ଥିଲେ, ଯିଏକି କହୁଥିଲେ ଯେ ସେ ଦୁଇଥର ସେନାରେ ରହିଥିଲେ, ସେ ତିନିଥର ଆହତ ହୋଇଥିଲେ, ଜଣେ ନାୟକ ଭାବରେ, ସେ ଆଖପାଖରେ ନାଗରିକ ଭାବରେ ରହିଥିଲେ, ସେ ଅନେକ କାର୍ଯ୍ୟ କରିଥିଲେ, ଦୁଇଟି ପିଲାଙ୍କ ଜୀବନକୁ ଉଦ୍ଧାର କରିଥିଲେ, ଏବଂ ଜଣକାକୁ ଏକ ଖାଲରୁ ଏବଂ ଅନ୍ୟ ଜଣକାକୁ ଅନ୍ୟ କିଛି ଗୋଟାଏରୁ, ତାହାସବୁ ଭୁଲି ଯାଇଥିଲେ ଯାହା ତାଙ୍କୁ କରିବାକୁ ପଡ଼ିଥିଲା । ଏବଂ ଅବଶେଷରେ ସେ ଭାବିଲେ, ତେବେ, ସେମାନଙ୍କୁ ଆଖପାଖ ପଡ଼ୋଶକୁ ସଠିକ୍ ରଖିବାକୁ ପଡ଼ିବ, ସେ ଏକ କାର୍ଯ୍ୟାଳୟ ପାଇଁ ନିର୍ବାଚନ ଲଢିବେ । ଏବଂ ଯେତେବେଳେ ସେ ତାହା କଲେ, ଏକ ଲକ୍ଷ ଲୋକମାନଙ୍କ ମଧ୍ୟରୁ, ତାଙ୍କୁ ପାଞ୍ଚଟି ଭୋଟ୍ ମିଳିଲା । ସେ ପୋଲିସ୍ ମୂଖ୍ୟଙ୍କୁ ପଚାରିଲେ ଯେ ଯଦି ସେ ଏକ ବ୍ୟବହୃତ-ପୁରୁଣା ବନ୍ଧୁକ ପାଇପାରିବେ

କି ଯାହା ତାଙ୍କୁ ପାଖ ପଡୋଶରୁ ବାହାରିକି ଯିବା ପାଇଁ ସାହାଯ୍ୟ କରିବ, କହିଲେ, “ଏପରିକି ସହରର ଆଖପାଖରେ ରହିବା ବିପଜ୍ଜନକ ଥିଲା।” ତାଙ୍କର ସହାରେ ପର୍ଯ୍ୟାପ୍ତ ବନ୍ଧୁ ନ ଥିଲେ ଯିଏକି ତାଙ୍କୁ ସହରରୁ ବାହାରିବାରେ ସାହାଯ୍ୟ କରିବେ। ତାହା ହେଉଛି ଆମେରିକୀୟ କୃତଜ୍ଞତା, ଯଦିଓ, କଅଣ ନୁହେଁ କି? ତାହା ଠିକ୍ ଅଟେ। ଆମେରିକାରେ, ଆପଣ ଯେତେ ଅଧିକ କରିବେ, ସେତେ ଅଧିକ ଆପଣଙ୍କଠାରୁ କରିବାର ଆଶା କରାଯାଏ। ତାହା ଠିକ୍, ଆପଣଙ୍କଠାରୁ ଅଧିକ ଆଶା କରାଯାଏ।

4 ତେବେ, ଆଜି ସକାଳେ ମୁଁ ମୋର ପ୍ରଶଂସାର ଶବ୍ଦକୁ ଦେବାକୁ ଚାହେଁ ଯେ ମଣ୍ଡଳୀ କେତେ ପରିଷ୍କାର ଏବଂ ସୁନ୍ଦର ଦେଖାଯାଉଛି। ଏବଂ ଯେତେବେଳେ ମୁଁ ଉପରକୁ ଆସୁଥିଲି, ସେଠାରେ ଉତ୍ତମ ବାୟୁ ପ୍ରବାହ ହୋଇପାରିବା ନିମନ୍ତେ ସେମାନଙ୍କର ଏକ ଦ୍ୱାର ରହିଥିଲା। ତେଣୁ ତାହା ପ୍ରକୃତରେ ସୁନ୍ଦର ଅଟେ, ଯେକେହି ବି ଏଠାରେ ଟ୍ରଷ୍ଟି ବୋର୍ଡରେ ଅଛନ୍ତି ଏବଂ ଏହାକୁ ପ୍ରବର୍ତ୍ତାଇବାରେ ସାହାଯ୍ୟ କରିଛନ୍ତି। ତାହା ନିଶ୍ଚିତ ଭାବରେ ଅତ୍ୟନ୍ତ ସୁନ୍ଦର ଥିଲା, ଏବଂ ଏହା ଏକ ସୁନ୍ଦର ପରିଷ୍କାର କାର୍ଯ୍ୟ ଅଟେ। ମୁଁ ଭାବୁଛି ଭାଇ ହଲ୍, ଯଦି ମୁଁ ଭୁଲ୍ କରୁ ନାହିଁ, ତାହା କରିଥିଲେ। ତାହା ଏକ ବହୁତ ସୁନ୍ଦର କାମ ଅଟେ।

5 ତେବେ, ଏହା ଟିକିଏ ବିଳମ୍ବ ହୋଇଯାଇଛି, କିନ୍ତୁ ଆପଣମାନେ ଜାଣନ୍ତି ଯେ ପବିତ୍ରକୃତ ଲୋକମାନେ କିପରି ଅଟନ୍ତି। ଦେଖନ୍ତୁ, ଏହାର କୌଣସି ନିର୍ଦ୍ଦିଷ୍ଟ ସମୟ ନାହିଁ, କଅଣ ଆମର ଅଛି କି, ଭାଇ ସ୍ଲଟର, ଭାଇ ଡେଟ୍ସମ୍ୟାନ୍? [ଭାଇ ଓ ଅନ୍ୟମାନେ କୁହନ୍ତି, “ନା।”—ସମ୍ପା।] ଠିକ ସବୁକିଛି କେବଳ ଯେପରି ଭାବରେ ଆମେ ଏହାକୁ ଗ୍ରହଣ କରିଥାଉ।

6 ଦକ୍ଷିଣାଞ୍ଚଳରେ ଅଦ୍ଭୁତ ସଭାଗୁଡ଼ିକ ହୋଇଥିଲା! ମାତ୍ର ମୁଁ କେବଳ କିଛି ଦିନ ପୂର୍ବରୁ ହିଁ କଥା ହୋଇପାରିଥିଲି। ମୁଁ ସିଧାସଳଖ, ଚାରିମାସ ପର୍ଯ୍ୟନ୍ତ ପ୍ରଚାର କଲି, ଏବଂ ଏପରିକି ମୋର ଫୁସ୍ ଫୁସ୍ କରିବାକୁ ସୁଦ୍ଧା—କୁ ସୁଦ୍ଧା ଯଥେଷ୍ଟ ସ୍ୱର ନ ଥିଲା। ମୋତେ ତ କେବଳ ଏକ ପ୍ରକାରେ ମୋ ପତ୍ନୀଙ୍କୁ ଇଶାରା କରିବାକୁ ପଡିଥିଲା, ଆପଣମାନେ ଜାଣନ୍ତି, ଯାହା ମୁଁ ଚାହୁଁଥିଲି, ଏବଂ ଏହା ଏକ ପ୍ରକାର...ଏବଂ ତେବେ ତାହାପରେ, ଆଉ ଏଠାକୁ ଫେରି ଆସିବା ଯେଉଁଠାରେକି ଏହା କୌଣସି ପ୍ରକାରର ଏହି କପଟୀ ପାଗ ହୋଇଯାଇଛି ଯାହାକି ଆମର ରହିଅଛି, (କାହିଁକି, ଦିନେ ଥଣ୍ଡା ଏବଂ ପରଦିନ ଗରମ), ମୁଁ ଏକ ପ୍ରକୃତ, ପ୍ରକୃତ ପୁରୁଣା-ଢଙ୍ଗର ଫ୍ଲୁ ଜ୍ୱରରେ ଆକ୍ରାନ୍ତ ହୋଇଗଲି। ଆଉ କିଛି ଦିନ ପୂର୍ବେ, ମୁଁ ଉଠିଲି, ଏବଂ ପୁଣିଥରେ ଆରମ୍ଭ କଲି। ଯଦିଓ, ଏବଂ ତେଣୁକରି ଆମେ ମଙ୍ଗଳମୟ ପ୍ରଭୁଙ୍କଠାରେ, ଆମ ପ୍ରତି ତାହାଙ୍କର ସମସ୍ତ ଉତ୍ତମତା ଏବଂ ଦୟା ପାଇଁ କୃତଜ୍ଞ ଅଟୁ, ଏବଂ—ଏବଂ ସେ କେତେ ଉତ୍ତମ ରହି ଆସିଛନ୍ତି। ସେଠାରେ ତଳେ ଅଦ୍ଭୁତ ସଭାଗୁଡ଼ିକ ହୋଇଥିଲା, ଏବଂ ପ୍ରଭୁ ଆମକୁ ଅତ୍ୟଧିକ, ପ୍ରଚୁର ମାତ୍ରାରେ ଆଶୀର୍ବାଦ କରିଥିଲେ।

7 ଏବଂ ଗତକାଲି ରାତ୍ରି, ମଧ୍ୟରାତ୍ରିର ପାଖାପାଖି, ଭାଇ ଉଡ ମୋତେ ତାଙ୍କ ଘରକୁ ଡାକିଲେ, ଏବଂ ଭାଇ ଆର୍ଗାନ୍‌ବ୍ରାଇଟ୍ ଫୋନ୍‌ରେ ଥିଲେ, ଚାହୁଁଥିଲେ ଯେ ମୁଁ ସ୍ୱିଜରଲ୍ୟାଣ୍ଡରେ

ଆରମ୍ଭ କରେ । ତେଣୁ, ଏହା ଜଣେ ବୃଦ୍ଧ ବ୍ୟକ୍ତିଙ୍କ ପାଇଁ ଯିବାଟା ବହୁତ ଅଧିକ ଅଟେ ।

8 ତେଣୁକରି, ବର୍ତ୍ତମାନ, ଆମର ପରବର୍ତ୍ତୀ ସଭାଗୁଡିକ ଆସନ୍ତା ମାସର ଏଗାର ତାରିଖରେ, ଇଣ୍ଡିୟାନାପୋଲିସ୍‌ର କ୍ୟାଡଲ୍ ଟ୍ୟାବର୍ନେକଲ୍‌ଠାରେ ଆରମ୍ଭ ହେବ। ଇଣ୍ଡିୟାନାପୋଲିସ୍‌ର କ୍ୟାଡଲ୍ ଟ୍ୟାବର୍ନେକଲ୍‌ଠାରେ—ଠାରେ, ଏଗାର ତାରିଖରୁ ନେଇ ପନ୍ଦର ତାରିଖ ପର୍ଯ୍ୟନ୍ତ । ଏବଂ ତାହାପରେ, ସେଠାରୁ, ସେଠାରେ ମିନ୍ନିଆକୁ-... ମିନ୍ନିଆପୋଲିସ୍‌କୁ—କୁ; ଇଣ୍ଡିୟାନାପୋଲିସ୍‌ଠାରୁ ନେଇ ମିନ୍ନିଆପୋଲିସ୍‌କୁ, ଖ୍ରୀଷ୍ଟିଆନ ବ୍ୟବସାୟ ପୁରୁଷମାନ ।

9 ତେବେ ମୁଁ ଭାବୁଛି ଯେ ଭାଇ ନେଭିଲ୍ ମୋତେ ଫୋନ୍ କରିଥିଲେ, ଏବଂ ମୁଁ ମୋର ଦେଖାଇବାକୁ ଚାହୁଁଥିଲି...ତାଙ୍କୁ ଏବଂ ନେଭିଲ୍ ଟ୍ରିଓ୍ୱଙ୍କୁ ମୋର କୃତଜ୍ଞତା ଜଣାଇବାକୁ ଚାହୁଁଥିଲି ଯେଉଁମାନେକି ସେଠାକୁ ଆସି ମୋ ପାଇଁ ସେହି ଅନ୍ତିମ ସଂସ୍କାର ପାଇଁ ଗୀତ ଗାଇଥିଲେ, ଯାହାକି ଗତକାଲିର ପୂର୍ବ ଦିନରେ ମୋର ରହିଥିଲା । ଏବଂ ମୁଁ ଭାଇ ନେଭିଲ୍‌ଙ୍କୁ ପଚାରିଲି; କୌଣସି ଗାୟକ ନ ଥିଲେ, ଲିଡିକ୍ ପରିବାର; ଯେତେବେଳେ ଶ୍ରୀମାନ ଲିଡିକ୍ ମହିମାରେ ଘରକୁ ଚାଲି ଯାଇଥିଲେ । ଏବଂ ମୁଁ ନିଶ୍ଚିତ ଭାବରେ...ଯଦି ତାଙ୍କ ପୁଅ, ମୁଁ ତାଙ୍କୁ ଏଠାରେ ଦେଖୁ ନାହିଁ; ଏବଂ ମୁଁ ପରେ ଜାଣିବାକୁ ପାଇଲି ଯେ ଏହା ଏକ ପୋଷ୍ୟ ପୁତ୍ର ଥିଲେ । ଏହା ଜାଣି ଯେ ତାଙ୍କ ବାପା ମରୁଅଛନ୍ତି, ଉଦ୍ଧାର ହୋଇ ନାହିଁ, ମୋତେ ନେବା ପାଇଁ ଘରକୁ ଦୌଡି ଆସିଲେ, ଏହା ପୂର୍ବେକି ସେ...ଏବଂ ତାଙ୍କ ବାପା ମରିବା ପୂର୍ବରୁ ଉଦ୍ଧାରପ୍ରାପ୍ତ ହୋଇଥିଲେ । ତେଣୁ ସବୁଠୁ ମହାନ ବିଷୟ ଯାହା ସେହି ବାଳକ କଲେ, ତାହା ହେଲା ତାଙ୍କ ବାପାଙ୍କ ଚାଲିଯିବା ପୂର୍ବରୁ ତାଙ୍କ ପାଇଁ ପ୍ରାର୍ଥନା କରିବା ନିମନ୍ତେ ସେ କାହାରିକୁ ନେବା ପାଇଁ ଆସିବା । ଏବଂ ନେଭିଲ୍ ଟ୍ରିଓ୍ୱ ଆସି ସେମାନଙ୍କ ପାଇଁ ପ୍ରକୃତ ସୁନ୍ଦର ଗୀତ ଗାଇଲେ ।

10 ଏବଂ ତେଣୁ ଭାଇ ନେଭିଲ୍ ମୋତେ ପଚାରିଲେ ଯେ ଯଦି ମୁଁ ଆଜି ସକାଳେ ଏବଂ ଆଜି ସନ୍ଧ୍ୟାରେ, ମଧ୍ୟ କହିବି କି? ତେଣୁ ଆପଣ ଲକ୍ଷ୍ୟ କରନ୍ତୁ, ଶାସ୍ତ୍ର କୁହେ, "ବହୁତ ମାଗ ଯେପରିକି ତୁମେ..." ତେଣୁ ଭାଇ ନେଭିଲ୍ ନିଶ୍ଚିତ ଭାବରେ ସେହି ବିଷୟଗୁଡ଼ିକ ଉପରେ ଶାସ୍ତ୍ରାନୁସଙ୍ଗତ ଅଟନ୍ତି! ଏବଂ ତେଣୁ ମୁଁ ମୋର ଯଥାସମ୍ଭବ ଚେଷ୍ଟା କରିବି ।

11 ତେବେ, ମୁଁ ଆଜି ସକାଳେ କହିଲି, ଏହା ମାତୃ ଦିବସ ହୋଇଥିବା ହେତୁ, ଆଉ ଆମେ ସେହି—ସେହି ସାନ ପିଲାମାନଙ୍କ ସହ କଥା ହେବାକୁ ଚାହୁଁ । ମୁଁ ଭାବିଲି ଯେ ଆଜି ସକାଳେ ସାନ ପିଲାମାନଙ୍କ ପାଇଁ—ପାଇଁ ଏକ ଉତ୍ତମ ସମୟ ହେବ । ତେବେ ମୁଁ ଭାବୁଛି ଯେ ମାତାର ଦିନ...

12 ତେବେ, ପୃଥିବୀରେ ଏପରି କୌଣସି ବି ବିଷୟ, ଯାହାକି ଆମେ ଜାଣୁ, ଜଣେ ପ୍ରକୃତ, ପ୍ରକୃତ ମାତା ଅପେକ୍ଷା ଅଧିକ ସୁମଧୁର ନୁହେଁ । ପରମେଶ୍ୱର ତାଙ୍କର ସାହସିକ ପ୍ରାଣକୁ, ଜଣେ ପ୍ରକୃତ, ପ୍ରକୃତ ମାତାକୁ ଆଶୀର୍ବାଦ କରନ୍ତୁ । ମାତ୍ର ଆଜି ଆମେମାନେ ଏତେ ଅଧିକ ବିକଳ୍ପଗୁଡିକ ପାଇଅଛୁ ଯାହା—ଯାହାକୁ "ମାତା" ବୋଲି କୁହାଯାଏ, ଯେଉଁମାନେକି ମାତା

ନୁହଁନ୍ତି; ସେମାନେ ତ କେବଳ ସ୍ତ୍ରୀଲୋକମାନେ ଅଟନ୍ତି ଯେଉଁମାନେକି ସନ୍ତାନ ବହନ କରନ୍ତି, ମାତ୍ର ମାତା ନୁହଁନ୍ତି । ଜଣେ ପୁରୁଣା-ଢଙ୍ଗର ମାତା ସେ ଅଟନ୍ତି ଯିଏକି ନିଜ ପରିବାରର ଯତ୍ନ ନିଅନ୍ତି, ଏବଂ ଏହି ଆରାମଦାୟକ ପ୍ରାଙ୍ଗଣରେ ଓ ନୃତ୍ୟରେ ରହନ୍ତି ନାହିଁ, ଏବଂ ରାତିସାରା, ଧୂମପାନ କରିବା, ମଦ୍ୟପାନ କରିବା, ଭିତରକୁ ଆସନ୍ତି ନାହିଁ । ସେ ତ ସେହି ମାତାର ପବିତ୍ର ନାମକୁ ପାଇବାର ଯୋଗ୍ୟ ନୁହଁନ୍ତି । ସେ ତ କେବଳ ଜଣେ ସ୍ତ୍ରୀ ଅଟନ୍ତି, ତାହାହିଁ ସବୁ, ଯିଏକି ଏକ ଶିଶୁକୁ ପ୍ରତିପାଳନ କରୁଅଛି; ମାତ୍ର ଜଣେ ମାତା ନୁହେଁ, 'କାରଣ *ମାତା* ର ତ ଏହା ବିଷୟରେ ଏକ ଭିନ୍ନ ଅର୍ଥ ଅଛି । ବର୍ତ୍ତମାନ ମୁଁ—ମୁଁ ଭାବୁଛି ଯଦି ଆପଣ...

13 ତେବେ, ମାତୃ ଦିବସ ପାଇଁ, ମୁଁ ନିଜକୁ ପ୍ରକୃତ ଭଲ ଭାବରେ ପ୍ରକାଶ କରିବାକୁ ଚାହେଁ । ମୋର ମଧ୍ୟ, ସେଠାରେ ଧୂସର-କେଶ ଥିବା ଜଣେ ବୃଦ୍ଧ ମାତା ବସିଛନ୍ତି । ଏବଂ ମୁଁ ଭାବୁଛି, ଗୋଟିଏ ଦିନ, ଠିକ ଅଛି; ମାତ୍ର ପ୍ରତ୍ୟେକ ଦିନ ଏକ ମାତୃ ଦିବସ ହେବା ଉଚିତ୍, କେବଳ ବର୍ଷକୁ ଥରେ ନୁହେଁ । ଏବଂ ସେହି କାରଣ ଯେ ଏହି ମାତୃ ଦିବସର ଜିନିଷଗୁଡ଼ିକ ବର୍ତ୍ତମାନ ଚାଲିଛି...

14 ଏବଂ ମୁଁ ଦେଖୁଛି ଯେ ଆମେମାନେ କେବଳ ଅଳ୍ପ ହାତଗଣତି ଲୋକମାନେ ଅଛୁ, ଏବଂ ଆମେମାନେ ସମସ୍ତେ ପରସ୍ପର ଜଣେ ଅନ୍ୟକୁ ଜାଣୁ । ଆମେମାନେ ଘରର ଲୋକ ଅଟୁ, ଏବଂ ସେହି କାରଣରୁ ଆମେ ଏହିପରି କଥା ହେବାକୁ ଯାଉଅଛୁ ।

15 ମୁଁ ଭାବୁଛି ଯେ ଜଣେ ମାତାକୁ ପ୍ରତ୍ୟେକ ଦିନ ସମାନ ଭାବରେ ସମ୍ମାନିତ କରାଯିବା ଉଚିତ୍, ତାହା ଠିକ୍, ଜଣେ ପ୍ରକୃତ ମାତା । ଏବଂ, ମାତ୍ର ଏହି ଦିନକୁ ସେମାନେ ମାତୃ ଦିବସ ବୋଲି କୁହନ୍ତି, ତାହା ଜଗତରେ କିଛି ନୁହେଁ ବରଂ ଏକ ବଡ ବ୍ୟବସାୟିକ ନିର୍ବୋଧତା ଅଟେ, କେବଳ ଲୋକମାନଙ୍କଠାରୁ ଟଙ୍କା ବାହାର କରିବା ପାଇଁ । ଏବଂ ଏହା ବର୍ଷକୁ ଥରେ, ଏକ ମାତୃ ଦିବସ ପାଳନ କରିବା, ଜଣେ ମାତା ପାଇଁ ଅପମାନ ଅଟେ, "ତେବେ, ଆମେ ତାଙ୍କୁ ଦେଖିବାକୁ ଯାଇ ନ ଥାଉ, ମାତ୍ର ଆମେ ତାଙ୍କୁ ଏକ ଛୋଟ ଫୁଲ ଗୁଚ୍ଛା ପଠାଇ ଦେଇଥାଉ ଏବଂ ତାହା ଏହାକୁ ସମାଧାନ କରିବ ।" ତାହା ମାତା ନୁହେଁ! ମୋର, ପ୍ରଭୁ! ଜଣେ ପ୍ରକୃତ ମାଆ ତ ଏପରି ଜଣେ ସ୍ତ୍ରୀ ଅଟନ୍ତି ଯାହାଙ୍କୁ ଆପଣ...ଏପରି ଜଣେ ଯିଏକି ଆପଣଙ୍କୁ ପ୍ରତିପାଳିତ କରନ୍ତି, ଏବଂ ଆପଣ ତାଙ୍କୁ ପ୍ରେମ କରନ୍ତି, ଏବଂ ଆପଣ ତାଙ୍କୁ ସବୁ ସମୟରେ ଦେଖନ୍ତି ଏବଂ ତାଙ୍କ ସହିତ କଥାବାର୍ତ୍ତା କରନ୍ତି । ଆପଣ ସବୁ ସମୟରେ ତାଙ୍କ ପ୍ରତି ନିଜର ପ୍ରେମକୁ ବ୍ୟକ୍ତ କରନ୍ତୁ, କେବଳ ବର୍ଷରେ ଗୋଟିଏ ଦିନ ନୁହେଁ ।

16 ମାତ୍ର ଏହା ପୂର୍ବେକି ମୁଁ ମୋର ଛୋଟ ନାଟକଟିକୁ ଆରମ୍ଭ କରେ, ମୁଁ କେବଳ ଏହାକୁ ପ୍ରକାଶ କରିବାକୁ ଚାହେଁ, ଏବଂ ନୂତନୀକୃତ କରିବାକୁ ଇଚ୍ଛା କରେ...ଆପଣଙ୍କ ମଧ୍ୟରୁ କେତେକ, ଆପଣଙ୍କ ମଧ୍ୟରୁ ଅନେକେ ମରି ଯାଇଛନ୍ତି, ସେମାନଙ୍କ ମଧ୍ୟରୁ ଅନେକେ ଚାଲିଯାଇଛନ୍ତି ଯେବେଠାରୁ ଏହା ନିର୍ମିତ ହୋଇଥିଲା । ଏହା ୧୯୩୩ ମସିହାରେ ହୋଇଥିଲା ।

17 କଅଣ ଆପଣ କିଛି ରାତି ପୂର୍ବରୁ ସେହି ଖବରକାଗଜରେ ତାହା ଦେଖିଥିଲେ କି ଯେଉଁଠାରେ ସେହି ସ୍ତ୍ରୀଲୋକଟି ସେହି ପୁରୁଷକୁ ହତ୍ୟା କରିଥିଲେ? ତାଙ୍କୁ ତାଙ୍କର ଗାଡିର

ଚଲାପଥରେ ଫିଙ୍ଗିଦେଲେ ଓ ତାଙ୍କୁ ନିଜ କାର ଦ୍ୱାରା ପଛକୁ ଓ ଆଗକୁ ଚଢାଇ ଦେଲେ ଯେପର୍ଯ୍ୟନ୍ତକି ସେ ତାଙ୍କୁ ରାସ୍ତାରେ ସମ୍ପୂର୍ଣ୍ଣ ଭାବେ ଦଳି ନ ଦେଲେ। ଏବଂ ସେମାନେ କହିଲେ, ସେହି—ସେହି ଓକିଲମାନେ ଏବଂ ପ୍ରଭୃତି ସବୁ, କହିଲେ, "କଅଣ ତାହା ତୁମର ବିବେକକୁ ନିନ୍ଦା କରେ ନାହିଁ କି?"

ସେ କହିଲେ, "ପରମେଶ୍ୱର ଏବଂ ମୁଁ ସେହି ବିଷୟ ପ୍ରତି କ୍ଲାନ୍ତ ହୋଇ ପଡୁଅଛୁ ଯେପରି ଭାବରେ ସ୍ତ୍ରୀଲୋକମାନଙ୍କ ସହିତ ବ୍ୟବହାର କରାଯାଉଛି।" ହୁଃ! ହଁ, ସେ ଏକ ପ୍ରତିମା ଅଟେ। ତାହା ଠିକ୍ ଅଟେ। "କ୍ଲାନ୍ତ ହୋଇ ପଡୁଅଛୁ।" ଏହି ଜାତି କେତେ ନିମ୍ନ ସ୍ତରକୁ ଯାଇପାରେ? ମୁଁ ଆଶ୍ଚର୍ଯ୍ୟ କରୁଛି ଯେ, ଆମେମାନେ ଈଶ୍ୱରୀୟ ବିଚାର ବିନା କେତେ ଦୂରକୁ ଯାଇପାରିବା? "ପରମେଶ୍ୱର ଏବଂ ମୁଁ"? ଯଦି ପରମେଶ୍ୱର ସେହି ବିଷୟରେ ଦୋଷୀ ଥିଲେ ଯେ ସମସ୍ତ ନିର୍ବୋଧତା ତାଙ୍କ ଉପରେ ନ୍ୟସ୍ତ ଅଟେ, ତାହାହେଲେ ସେ ପରମେଶ୍ୱର ହେବେ ନାହିଁ, ତାହା ହିଁ ସବୁ ଅଟେ। "ପରମେଶ୍ୱର ଏବଂ ମୁଁ"? ମୋର ପ୍ରଭୁ! ପରମେଶ୍ୱରଙ୍କର ସେହିପରି ବିଷୟ ସହିତ କୌଣସି ସମ୍ପର୍କ ନାହିଁ। ଆଶ୍ଚର୍ଯ୍ୟ କରେ ଯେତେବେଳେ ସେ ସେଠାରେ ଯନ୍ତ୍ରଣାରେ ଅଛନ୍ତି, ସେତେବେଳେ ସେ ଏହା ବିଷୟରେ କିପରି ଚିନ୍ତା କରିବେ? ଓଃ!

18 ଆମେରିକା! ବର୍ତ୍ତମାନ ଆପଣ ମନେ ରଖନ୍ତୁ, ଯଦି ଆପଣ ଏହାକୁ ଲେଖି ନାହାଁନ୍ତି, ତେବେ ଏହାକୁ ଲେଖି ରଖନ୍ତୁ। ଏହା ମୋର ଭବିଷ୍ୟଦ୍‌ବାଣୀ ଅଟେ। ବୁଝିଲେ? 1933 ରେ, ଯେତେବେଳେ ଆମମାନଙ୍କର ଏଠାରେ ସେବା ହେଉଥିଲା ଯେଉଁଠାରେକି ସେହି ପୁରାତନ, ମୁଁ ବିଶ୍ୱାସ କରେ ଯେ ସେଠାରେ ବର୍ତ୍ତମାନ ଚର୍ଚ୍ଚ ଅଫ କ୍ରାଇଷ୍ଟ ଅଛି, ସେଠାରେ ସେହି ପୁରାତନ ରହିଥିଲା...ଏହା ଠିକ୍ ଏଠାରେ ଅଛି, ଭାଇ ନେଭିଲ୍, ଠିକ୍ ସେଠାରେ ତଳେ। ଚାର୍ଲି କେର୍ଣ୍ଣ ସେଠାରେ ରହୁଥିଲେ। ଏହା କଅଣ ଅଟେ...ଏଠାରେ ମେଗସ୍ ଆଭେନ୍ୟୁଠାରେ ଅନାଥ ଗୃହ। 1933 ରେ, ମୁଁ ଠିକ ଗୋଟିଏ 1933 ଫୋର୍ଡ ଗାଡି ନେଇଥିଲି, ଏବଂ ମୁଁ ସେଦିନ ସକାଳେ ତାହାକୁ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲି। ଏବଂ, ଘରୁ ବାହାରିବା ପୂର୍ବରୁ, ମୁଁ ଏକ ଦର୍ଶନ ଦେଖିଲି। ମୁଁ ଏହାକୁ ଲେଖି ରଖିଛି, ପୁରୁଣା ହଳଦିଆ କାଗଜ ଏଯାଏଁ ସୁଦ୍ଧା ଏକ ବାଇବଲରେ ରହିଛି। ମୁଁ ଶେଷ ସମୟକୁ ଆସୁଥିବାର ଦେଖିଥିଲି।

19 ଏବଂ, ଆପଣ, କେତେଜଣ ତାହା ସ୍ମରଣ କରିପାରନ୍ତି ଯେ ଗୋଟିଏ '33 କାର୍ ସେଠାରେ ପଶ୍ଚାତ୍ ସମୟରେ କିପରି ଦେଖାଯାଉଥିଲା? ଓଃ, ଏହା ଏହିପରି ଭାବରେ ଏକ ପ୍ରକାର ରହିଥିଲା, ଏବଂ ପଛ ପଟକୁ ଉଠି ରହିଥିଲା, ଏବଂ ଅତିରିକ୍ତ ଚକ ଟଙ୍ଗା ଯିବା ପାଇଁ କାଟି ଦିଆଯିବା ପରି ରହିଥିଲା। ମୁଁ ଗୋଟିଏ ଦର୍ଶନ ଦେଖିଲି, ଯେ, "ପ୍ରଭୁଙ୍କ ଆଗମନ ପୂର୍ବରୁ, ସେହି କାରଗୁଡିକ ଅଣ୍ଡା ଆକୃତି ପରି ଦେଖାଯିବ।" କେତେ ଜଣଙ୍କୁ ସେହି ଭବିଷ୍ୟଦ୍‌ବାଣୀକୁ ମନେ ଅଛି? ଏଠାରେ କେହି ସେମାନଙ୍କ ମଧ୍ୟରୁ ଅବଶିଷ୍ଟ ଅଛନ୍ତି କି? ଭାଇ ସେୱାର୍ଡ ଚାଲି ଯାଇଛନ୍ତି। ଏବଂ ମୁଁ ଅନୁମାନ କରେ...ଏହା 1933 ଥିଲା ଯେତେବେଳେ ଆମମାନଙ୍କର ଏଠାରେ ସେବା ହେଉଥିଲା। ମୁଁ ଅନୁମାନ କରେ ଯେ ସେହି ସମୟଠାରୁ, ପ୍ରାୟଃ ସମସ୍ତେ ବର୍ତ୍ତମାନ ଚାଲିଯାଇଛନ୍ତି।

20 ଏବଂ ମୁଁ ଭବିଷ୍ୟତ୍‌ବାଣୀ କରିଥିଲି, ଯେ, "ଆମେରିକା, ତାର ପ୍ରଥମ-କ୍ରମରେ ଈଶ୍ୱର ହେବେ ସ୍ତ୍ରୀଲୋକମାନେ।" ତାହାହିଁ ହେଉଛି ଏହା ଯାହାକି ଅଟେ। ସମସ୍ତକିଛି ହଲିଉଡ ଅନୁସାରେ କରା ହେଉଅଛି। ମୋ ପାଖରେ ସାକ୍ଷ୍ୟ ସ୍ୱରୂପେ ଏଫବିଆଇ ଦସ୍ତାବେଜରୁ ଜିନିଷଗୁଡିକ ଅଛି ଯାହାକି ଆପଣଙ୍କୁ କେବଳ—କେବଳ କହିବା ପାଇଁ ଖଣ୍ଡ ଖଣ୍ଡ କରି ଦେବ, ଠିକ୍ ଯେଉଁଠାରେ...ଏବଂ ଏହି ଚଳଚ୍ଚିତ୍ର ତାରକାମାନଙ୍କ ଉପରେ ହୋଇଥିବା ଘୋଟାଲା, ସେମାନଙ୍କ ମଧ୍ୟରୁ ଏପରି ଜଣେ ହେଲେ ବି ନାହିଁ ଯିଏକି, କ୍ୱଚିତ୍ ହିଁ, ବରଂ ବେଶ୍ୟା ଅଟନ୍ତି। ଏବଂ ଏଫବିଆଇ ଏହାକୁ ନିକଟରେ ହିଁ ପର୍ଦାଫାଶ କରିଥିଲା। ମୁଁ ଏହାକୁ ତାଙ୍କର ନିଜ ଦସ୍ତାବେଜରୁ ପାଇଅଛି। ଏବଂ ତେଣୁକରି ସେମାନେ ସମସ୍ତେ ବାହାରେ ରହୁଥିଲେ, ଏପରିକି ଏହି ଚଳଚ୍ଚିତ୍ର ତାରକାମାନେ ମଧ୍ୟ, ଯେଉଁଠାରେକି ସେ ପ୍ରମାଣ କରିଥିଲେ, ଯେ ସେମାନେ ଭିତରକୁ ଯାଇ ସେମାନଙ୍କୁ ବାଛିଥିଲେ, ଗୋଟିଏ ରାତିରେ ପଚି-ଶ ଏବଂ ପଚାଶ ଡଲାର ପାଇଁ, ପୁରୁଷମାନଙ୍କ ସହିତ ରହୁଥିଲେ, ଜଣେ ବ୍ୟକ୍ତିଙ୍କର, ଉପର ଓ ତଳ, ହଲିଉଡରେ ଏବଂ ସବୁ ସ୍ଥାନରେ, ବ୍ୟକ୍ତିଗତ ଘରମାନ ରହିଥିଲା ଏବଂ ପୁରୁଷମାନେ ସେଠାରେ ରହୁଥିଲେ ଯେଉଁଠାରେକି ସେମାନେ ସେହି ତାରକାମାନଙ୍କୁ ଏହି ଲୋକମାନଙ୍କ ପାଖକୁ ପଠାଉଥିଲେ। ଏବଂ ତାହାହିଁ ଅଟେ ଯାହାକି ଆମେମାନେ ଦେଖିଥାଉ, ଟେଲିଭିଜନ୍‌ରେ, ଏବଂ—ଏବଂ ସେଠାରେ ବାହାରେ ଏହି ପରଦାଗୁଡିକରେ ଏବଂ ଜିନିଷଗୁଡ଼ିକରେ, ଏବଂ ଆମର ପିଲାମାନେ ତାଙ୍କୁ ଏକ ପ୍ରତିମା ବୋଲି କହିଥାନ୍ତି। ଏବଂ ତାହାପରେ ତାଙ୍କୁ *ମାତା* ବୋଲି ଡାକିଥାନ୍ତି? ତାହା ତ ମାଆ ହେବାଠାରୁ ବହୁତ ଦୂର ଅଟେ। ତାହା ତ ମନ୍ଦତା ଅଟେ। ତାହା ଅବିକଳ ଠିକ୍ ଅଟେ। ଏବଂ ତଥାପି ସେମାନେ ସେହି ଦିନର ଗତି ସ୍ଥିର କରନ୍ତି। ଆମେ ସେମାନଙ୍କୁ ଅନୁମତି ଦେଇଥାଉ...ଯେଉଁ ପ୍ରକାରର ପୋଷାକ ସେମାନେ ପିନ୍ଧନ୍ତି, ଆମେରିକୀୟ ମହିଳାମାନଙ୍କୁ ଠିକ ସେମାନଙ୍କ ପରି ପୋଷାକ ପରିଧାନ କରୁଥିବାର ଦେଖିବାକୁ ଦେଉ, ଏବଂ ସବୁକିଛି। ନିଶ୍ଚିତରେ। ଏବଂ ଆମେରିକାର ଈଶ୍ୱର ତ ଜଣେ ସ୍ତ୍ରୀ ଅଟେ। ଯିହୋବା ନୁହଁନ୍ତି; ସେମାନେ ତ ଏଥିରୁ ଘୁରି ଦୂରେଇ ଯାଇଛନ୍ତି। ବର୍ତ୍ତମାନ *ମାତା*ଙ୍କୁ ନୁହେଁ, ତେବେ ଏହାକୁ ଅଲଗା ରଖି ଦିଅନ୍ତୁ, ତାହା ତ ଏକ ପବିତ୍ର ଜିନିଷ ଅଟେ ଯାହା ବିଷୟରେ ଆମେମାନେ କହିବାକୁ ଯାଉଛୁ; ମାତ୍ର ମୋର ଅଭିପ୍ରାୟ *ସ୍ତ୍ରୀଲୋକ* ଅଟେ।

21 ଏବଂ, ମନେ ରଖନ୍ତୁ, ମୁଁ ଭବିଷ୍ୟତ୍‌ବାଣୀ କରିଥିଲି ଯେ ସେହି ମହା ବିନାଶ ପୂର୍ବରୁ, ଯାହାକି ମୁଁ କହୁ ନାହିଁ ଯେ ଏହା ପ୍ରଭୁ ମୋତେ କହିଛନ୍ତି ବୋଲି, ମାତ୍ର ମୁଁ ବିଶ୍ୱାସ କରେ ଯେ ବର୍ତ୍ତମାନ କିମ୍ୱା 77 ର ସେହି ସମୟ ମଧ୍ୟରେ କିଛି ଗୋଟାଏ ଘଟିବ। ଏହା ଏହି ଘଟିକାରେ ଆସିପାରେ। ମାତ୍ର ବର୍ତ୍ତମାନ ଏବଂ '77 ମଧ୍ୟରେ, ମୁଁ ଭବିଷ୍ୟତ୍‌ବାଣୀ କରୁଛି ଯେ ବର୍ତ୍ତମାନ ଏବଂ '77 ମଧ୍ୟରେ ଏକ ବଡ଼ ବିଧ୍ୱଂସ ହେବ କିମ୍ୱା ସମଗ୍ର ପୃଥିବୀର ଏକ ସମ୍ପୂର୍ଣ୍ଣ ବିନାଶ ଘଟିବ।

22 ମୁଁ ଏହାକୁ 1933 ମସିହାରେ, ଭବିଷ୍ୟତ୍‌ବାଣୀ କରିଥିଲି, ମୁଁ ଭବିଷ୍ୟତ୍‌ବାଣୀ କରିଥିଲି ଯେ ସ୍ତ୍ରୀଲୋକମାନଙ୍କର ଅବନତି ଘଟି ଚାଲିଥିବ ଏବଂ ରାଷ୍ଟ୍ର ପତନ ହୋଇ ଚାଲିଥିବ, ଏବଂ

ସେମାନେ ମାତାଙ୍କ ସହିତ ଜଡିତ ହେବାର, କିମ୍ବା ସେହି ମାତାଙ୍କ ସହିତ ସେହିପରି ଭାବରେ ଜଡିତ ହେଉଥିବାର ଜାରି ରଖିବେ, ଯେପର୍ଯ୍ୟନ୍ତକି ସେମାନେ ନ ହୋଇଯାଆନ୍ତି, ଜଣେ ସ୍ତ୍ରୀଲୋକ ଏକ ପ୍ରତିମା ନ ହୋଇଯାଆନ୍ତି। ଏବଂ କିଛି ସମୟ ପରେ, ତାହା, "ଆମେରିକା ଜଣେ ସ୍ତ୍ରୀଲୋକଙ୍କ ଦ୍ୱାରା ଶାସିତ ହେବ।" ଏହାକୁ ଚିହ୍ନିତ କରି ରଖନ୍ତୁ ଏବଂ ଦେଖନ୍ତୁ ଯେ ଏହା ଠିକ୍ କି ନୁହେଁ। ଜଣେ ସ୍ତ୍ରୀଲୋକ ରାଷ୍ଟ୍ରପତି କିମ୍ବା ସେପରି କିଛି ଗୋଟାଏ ହେବେ, ମହାନ ବିଷୟର, ଆମେରିକାରେ କୌଣସି ଉଚ୍ଚ କ୍ଷମତାରେ ରହିବେ।

23 ମୁଁ ଏହା ସମ୍ମାନର ସହିତ କୁହେ, ଯେତେବେଳେ, ମହିଳାମାନେ, ଯେତେବେଳେ ଜଣେ ସ୍ତ୍ରୀଲୋକ ରୋଷେଇ ଘରୁ ବାହାରି ଥାଆନ୍ତି, ସେତେବେଳେ ସେ ତାର ସ୍ଥାନରୁ ବାହାରି ଯାଇଥାଏ। ତାହା ଠିକ୍ ଅଟେ। ସେହି ସ୍ଥାନ ହିଁ ତାହାର ଅଟେ। ତାହାର ବାହାରେ, ତାର କୌଣସି ସ୍ଥାନ ନାହିଁ। ଏବଂ ବର୍ତ୍ତମାନ, ମୁଁ ସେମାନଙ୍କ ଉପରେ କଠୋର ହେଉ ନାହିଁ, ମାତ୍ର ମୁଁ କେବଳ ତାହା କହୁଅଛି ଯାହା ସତ୍ୟ ଅଟେ ଏବଂ ଯାହା ବାଇବଲ କୁହେ...ଏପରି ହେଉଥିଲା ଯେ ପୁରୁଷ ଜଣକ ଘରର ମୁଖ୍ୟ ରହୁଥିଲେ, ମାତ୍ର ତାହା ବାଇବଲ ଦିନମାନଙ୍କରେ ଥିଲା। ସେ ଆଉ ଅଧିକ ମୁଖ୍ୟ ନାହାଁନ୍ତି। ସେ ତ କଣ୍ଢେଇ, କିମ୍ବା ସେ ଜଣେ...କିଅବା ଶିଶୁ ଦେଖାଶୁଣାକାରୀ କିମ୍ବା ସେହିପରି କିଛି ଗୋଟାଏ ଅଟନ୍ତି। ଏବଂ ବର୍ତ୍ତମାନ, ନା, ସେମାନେ କୁକୁରମାନଙ୍କର ଯତ୍ନ ନେବାକୁ ଚାହାଁନ୍ତି, ଜନ୍ମ ନିୟନ୍ତ୍ରଣ ଗ୍ରହଣ କରିବାକୁ ଚାହାଁନ୍ତି, ଏବଂ ସବୁ ସମୟରେ ଗୋଟିଏ ପୁରୁଣା କୁକୁରକୁ ନିଜର କୋଳରେ ନେବାକୁ ଚାହାଁନ୍ତି, ଯେପରିକି ଆପଣ ରାତିସାରା ବାହାରେ ବୁଲି ପାରନ୍ତି।

24 ମୁଁ—ମୁଁ ମାଆ ବିଷୟରେ କହୁନାହିଁ। ପରମେଶ୍ୱର ସେମାନଙ୍କୁ ଆଶୀର୍ବାଦ କରନ୍ତୁ। ତାହାହିଁ ଅଟେ ଯାହାକି ବର୍ତ୍ତମାନ ସେହି ରାଷ୍ଟ୍ରକୁ ଏକାଠି ଧରି ରଖିଛି, ଅଧା ବାଟରେ, ତାହା ହେଉଛି ଏକ ପ୍ରକୃତ, ଭଲ, ପବିତ୍ର, ପରମେଶ୍ୱର-ପରିତ୍ରାଣ ପ୍ରାପ୍ତ ମାତା। ତାହା ଠିକ୍ ଅଟେ।

25 ମାତ୍ର ସେହି ବିଷୟର ଲଜ୍ଜା ଯେ ଆମର ସ୍ତ୍ରୀଲୋକମାନେ କେତେ ପତିତ ହୋଇଯାଇଛନ୍ତି! ମୁଁ ଖବରକାଗଜରୁ ଖଣ୍ଡେ ବିଷୟ ପାଇଲି, ମୁଁ ଏହାକୁ ଏହି ଶେଷ ବିଶ୍ୱଯୁଦ୍ଧ, ଦ୍ୱିତୀୟ ପରେ କାଟି ରଖିଥିଲି, ଯାହା କହୁଥିଲା, "ଆମେରିକୀୟ ମହିଳାମାନଙ୍କର ନୈତିକତା କୁଆଡେ ଚାଲି ଯାଇଛି, ଯେ, ସୈନିକମାନେ ବିଦେଶରେ ଛଅ ମାସ ରହିବା ପରେ, ପାଞ୍ଚୋଟି ସୈନିକଙ୍କ ମଧ୍ୟରୁ ଚାରିଜଣଙ୍କୁ ସେମାନଙ୍କର ପତ୍ନୀ ଛାଡପତ୍ର ଦେଇଥିଲେ, ଏବଂ ସେମାନେ ଅନ୍ୟ କୌଣସି ପୁରୁଷଙ୍କୁ ବିବାହ କରିଥିଲେ?" ଏବଂ ସେମାନେ ଏପରିକି ବିଦେଶରୁ ଫେରି ଆସିବାର ସୁଦ୍ଧା ଅପେକ୍ଷା କରି ପାରି ନ ଥିଲେ, ସେଠାରେ ଯୁଦ୍ଧକ୍ଷେତ୍ରରେ ସୈନିକମାନେ ମରୁଥିଲେ! ସେହି ବ୍ୟକ୍ତି ଯିଏକି ସେହିପରି କରନ୍ତି ସେ ମାତା, ସେହି ପବିତ୍ର ନାମ ବୋଲାଇବାର ସୁଦ୍ଧା ଯୋଗ୍ୟ ନୁହଁନ୍ତି। ନା, ଏହା ନୁହଁନ୍ତି। ତେଣୁ ମୋତେ ସବୁବେଳେ "ସ୍ତ୍ରୀ-ଘୃଣାକାରୀ" ବୋଲି କୁହାଯାଇଅଛି, ମାତ୍ର ମୁଁ ନୁହେଁ। ମୁଁ ଭାବୁଛି ଜଣେ ସ୍ତ୍ରୀଲୋକ ଏକ ଅଦ୍ଭୁତ ଜିନିଷ ଅଟନ୍ତି, ଏବଂ ବିଶେଷ କରି, ଜଣେ ମାଆ। ମାତ୍ର ସେମାନେ ସେମାନଙ୍କର ସ୍ଥାନରେ ରହିବା ଉଚିତ୍ ଏବଂ ପୁରୁଷର ସ୍ଥାନକୁ ଅଧିକାର କରିବା ଉଚିତ୍ ନୁହେଁ, ଏବଂ

ପରମେଶ୍ୱରଙ୍କ ସ୍ଥାନକୁ ନେବା ଉଚିତ୍ ନୁହେଁ।

26 ଏବଂ ଆଜି ସକାଳେ ମୁଁ ଗୋଟିଏ ପବିତ୍ରତା ମଣ୍ଡଳୀକୁ ଏହା କହୁଥିବାର ଶୁଣିଲି, ଯେ, "ଜଣେ ମାତା ସ୍ୱର୍ଗର ତାରାମାନଙ୍କୁ ଶାସନ କରନ୍ତି," ଏବଂ ଏହିସବୁ। ମୁଁ କ୍ୟାଥୋଲିକମାନଙ୍କୁ ତାହା କୁମାରୀ ମରିୟମଙ୍କ ଉପରେ କରୁଥିବାର କଳ୍ପନା କରିପାରେ, ଏବଂ ସେହିପରି ବିଷୟସବୁ, ଯାହାକି, ସେହି ମୃତ ସ୍ତ୍ରୀଲୋକମାନଙ୍କୁ ଉପାସନା କରିବା, ସନ୍ଥ ସେସିଲିୟା ଏବଂ ସେହିଭଳି ପ୍ରଭୃତି ବିଷୟ, ଯାହାକି ଆଧ୍ୟାତ୍ମିକବାଦର ସର୍ବୋଚ୍ଚ ରୂପ ଅଟେ। ତାହା ହିଁ ସବୁକିଛି ଯାହାକି ଏହା ଅଟେ। ମୃତମାନଙ୍କ ସହିତ ମଧ୍ୟସ୍ଥି କରୁଥିବା ଯେକୌଣସି ବିଷୟ ଏକ ଆଧ୍ୟାତ୍ମିକବାଦ ଅଟେ। ତେଣୁକରି, ପରମେଶ୍ୱର ଏବଂ ମନୁଷ୍ୟ ମଧ୍ୟରେ କେବଳ ଜଣେ ହିଁ ମଧ୍ୟସ୍ଥି ଅଛନ୍ତି, ଏବଂ ତାହା ହେଉଛନ୍ତି ଖ୍ରୀଷ୍ଟ ଯୀଶୁ। ତାହା ଠିକ୍ ଅଟେ। ଅନ୍ୟ କୌଣସି ସାଧୁ, କିଅବା ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଛଡା କେହି ବି ବ୍ୟକ୍ତି ନୁହଁନ୍ତି କେବଳ ସେ ହିଁ ପରମେଶ୍ୱର ଏବଂ ମନୁଷ୍ୟ ମଧ୍ୟରେ ମଧ୍ୟସ୍ଥି ଅଟନ୍ତି। ମାତ୍ର ଯେତେବେଳେ ମୁଁ ମଣ୍ଡଳୀଗୁଡ଼ିକୁ ଦେଖେ, ଏପରିକି ପ୍ରଚାର ମଞ୍ଚ ପଛରେ ଛିଡା ହେବାକୁ ସୁଦ୍ଧା, ସମସ୍ତ ପବିତ୍ରତାକୁ ଖ୍ରୀଷ୍ଟଙ୍କଠାରୁ ନିଆଯାଇ ମାତାଙ୍କୁ ଦେଇ ଦିଆଯାଇଅଛି, ସମସ୍ତ ପବିତ୍ରତାକୁ ନେଇ ନିଆଯାଇଛି, ତାହାପରେ— ତାହାପରେ ସେମାନେ ଆରମ୍ଭ କରନ୍ତି ଏବଂ ଆପଣ ସେଠାରେ ଅଛନ୍ତି।

27 ଅତଏବ, ମାତ୍ର ସେଠାରେ ଜଣେ ପ୍ରକୃତ ମାତା ରହିଛନ୍ତି। ପରମେଶ୍ୱରଙ୍କର ପ୍ରଶଂସା ହେଉ! ଠିକ ଯେପରିକି ଆପଣ ଯେତେବେଳେ ଜଣେ କପଟୀକୁ ଦେଖନ୍ତି; ସେଠାରେ ଜଣେ ପ୍ରକୃତ ଖ୍ରୀଷ୍ଟିଆନ ଅଛି ଯିଏକି ପ୍ରକୃତରେ ଜୀବନ ଯାପନ କରେ। ଯେଉଁଠାରେ ଆପଣଙ୍କର ଏକ ଭଲ ଅଛି, ସେଠାରେ ଆପଣଙ୍କର ଏକ ମନ୍ଦ ବି ଅଛି। ତାହା ଅବିକଳ ଠିକ୍ ଅଟେ। ଏବଂ ବର୍ତ୍ତମାନ, ସେହି ପ୍ରକାରର ଜଣେ ମାତା ଏବଂ ସେହି ପ୍ରକାରର ଏକ ଶିଶୁ ବିଷୟରେ, ଆମେମାନେ ବର୍ତ୍ତମାନ ବାଇବଲରେ କଥା ହେବାକୁ ଇଚ୍ଛା କରୁ।

28 ତେବେ ମୁଁ ଆଶ୍ଚର୍ଯ୍ୟ କରେ, ଯେ ଆମମାନଙ୍କର ଏଠାରେ ଆଜି ସକାଳେ କେତେ ଜଣ ସାନ ପୁଅ ଏବଂ ଝିଅମାନେ ଅଛନ୍ତି? ଯଦି ତୁମେମାନେ ଗତକାଲି ଭାଇ ନେଭିଲ୍‌ଙ୍କ ପ୍ରସାରଣ ଶୁଣିଥିବ...କେତେ ଜଣ ସାନ ପୁଅ ଏବଂ ଝିଅମାନେ ଏଠାକୁ ଆସି ଏହି ଆଗ ଆସନରେ ବସିବାକୁ ଚାହିଁବେ ଯେତେବେଳେକି ମୁଁ ତୁମମାନଙ୍କ ସହ କଥାବାର୍ତ୍ତା କରେ? କଅଣ ତୁମେମାନେ ଏଠାକୁ ଆସିବାକୁ ଚାହିଁବ କି? ଏଠାରେ ଏକ, ଦୁଇ, ତିନି, ଚାରି, ପାଞ୍ଚଟି ଆସନ ଅଛି; ଏଠାରେ ଗୋଟିଏ, ଛଅଟି, ଏବଂ ଏଠାରେ କେତୋଟି ଛୋଟ ଛୋଟ ଆସନମାନ ଅଛି। କଅଣ ତୁମେମାନେ ଆଗକୁ ଆସିବାକୁ ଚାହିଁବ କି, ତୁମମାନଙ୍କ ମଧ୍ୟରୁ କେତେକ ସାନ ପିଲାମାନେ ଯେଉଁମାନେକି ନିଜ ମାଆ ବିନା ଯାଇପାରନ୍ତି, ଏବଂ ଏଠାରେ ଉପରକୁ ଆସିବାକୁ ଚାହିଁବ କି? ତୁମମାନଙ୍କୁ ସ୍ୱାଗତ ଅଛି! ମାଆମାନେ ଆସନ୍ତୁ...[ଭାଇ ନେଭିଲ୍ କୁହନ୍ତି, "ସେଠାରେ ଆହୁରି ଅଛନ୍ତି; ସେମାନଙ୍କ ମଧ୍ୟରୁ ଅଧିକାଂଶ ତ ରବିବାର ଶ୍ରେଣୀର କକ୍ଷରେ ଅଛନ୍ତି।"—ସମ୍ପା।] ଓଃ, ସେମାନେ ରବିବାର ଶ୍ରେଣୀର କକ୍ଷରେ ଅଛନ୍ତି। ତେବେ,

ତାହା ଉତ୍ତମ ଅଟେ। ଆମେମାନେ କିଛି ମିନିଟ୍ ଅପେକ୍ଷା କରିବା, ଏବଂ କଥାବାର୍ତ୍ତା କରିବା, ଏବଂ ସେମାନେ ଅଳ୍ପ କିଛି ମିନିଟ୍ ମଧ୍ୟରେ ବାହାରି ଯିବେ। ଏବଂ ଆମେମାନେ କେବଳ ଆଖପାଖରେ ଏକାଠି ହେବା, ଛୋଟ ଛୋଟ ପୁରୁଣା କଳା, ଏବଂ ବାଦାମୀ, ଏବଂ ନୀଳ ଆଖି, ଏଠାରେ ଉପରେ, ଏବଂ—ଏବଂ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣଙ୍କ ସହିତ କଥାବାର୍ତ୍ତା କରିବା। ତେବେ, କେତେଜଣ ପ୍ରଭୁଙ୍କୁ ଭଲ ପାଆନ୍ତି? କୁହନ୍ତୁ, "ଆମେନ୍।" [ମଣ୍ଡଳୀ କୁହନ୍ତି, "ଆମେନ୍!"] ଠିକ ଅଛି।

29 ତେବେ ମୁଁ ମାଆ ଓ ପିଲାମାନଙ୍କ ସହିତ କଥା ହେବାକୁ ଚାହେଁ, ଏବଂ ଏହା ସେମାନଙ୍କ ପ୍ରତି ନିର୍ଦ୍ଦେଶିତ ଅଟେ।

30 ଆଜି ରାତି, ଯଦି ପ୍ରଭୁ ଇଚ୍ଛା କରନ୍ତି, ଯୀଶୁ କରିଥିବା ସେହି ପ୍ରଥମ ଚମତ୍କାର ଉପରେ ମୁଁ କହିବାକୁ ଚାହେଁ, ଏବଂ ଏହା କିପରି କରାଯାଇଥିଲା, ଏବଂ କେଉଁ ଶକ୍ତି ସହିତ, ଏବଂ ଯେତେବେଳେ ସେ ତାହା କଲେ ସେତେବେଳେ ସେ କଅଣ କରିଥିଲେ...କେତେଜଣ ଜାଣନ୍ତି ଯେ ସେହି ପ୍ରଥମ ଚମତ୍କାର କଅଣ ଥିଲା ଯାହା ସେ କରିଥିଲେ? ସମସ୍ତେ ଏକାଠି ମିଶି, ତାହା କୁହନ୍ତୁ: "ଜଳକୁ ଦ୍ରାକ୍ଷାରସରେ ପରିଣତ କରିଥିଲେ।" ତାହା ଠିକ୍, ପ୍ରଥମ ଚମତ୍କାର ଯାହା ସେ କରିଥିଲେ। ତେବେ, ଯଦି ପ୍ରଭୁ ଇଚ୍ଛା କରନ୍ତି। ଯେତେବେଳେ ଆଜି ସକାଳେ, ମୁଁ ଅଧ୍ୟୟନ କରୁଥିଲି, ଏହା ଠିକ ସେତେବେଳେ ମୋ ମନକୁ ଆସିଲା।

31 ମୁଁ ଦେଖୁଛି ଯେ ଆଜି ସକାଳେ, ମୁଁ ଭାବୁଛି, ଆମେ ଆମର ଉତ୍ତମ ବନ୍ଧୁ, ଶ୍ରୀମାନ ଏବଂ ଶ୍ରୀମତୀ ୟେକରଙ୍କୁ ସେଠାରେ ପଛରେ ପାଇଅଛୁ। ମୁଁ ସେତେବେଳେ ସେମାନଙ୍କୁ ଲକ୍ଷ୍ୟ କଲି ଯେତେବେଳେ ମୁଁ ଏହି ଖମ୍ବର ଏପାଖକୁ ଏହି ପ୍ରକାରେ ବୁଲି ପଡିଲି। ଅନ୍ୟ ଦିନ ମୁଁ ଏକ ପରୀକ୍ଷା ଯାଞ୍ଚ କରାଇଲି; ମୋତେ ବିଦେଶ ଗସ୍ତକୁ ଯିବା ସମୟରେ ପରୀକ୍ଷା ଯାଞ୍ଚ ପାଇଁ ନିଜକୁ ପ୍ରସ୍ତୁତ ରଖିବାକୁ ପଡିଥାଏ। ଏବଂ, ଯେତେବେଳେ ମୁଁ ବାହାରକୁ ଆସିଲି, ମୁଁ ସେହି କାର୍ଯ୍ୟାଳୟ—କାର୍ଯ୍ୟାଳୟରେ କାହାକୁ ଭେଟିଲି, ଶ୍ରୀମାନ ଏବଂ ଶ୍ରୀମତୀ ୟେକରଙ୍କୁ ସେଠାରେ ବସିଥିବାର ଭେଟିଲି।

32 ଲୁଇସ୍‌ଭିଲରେ, ଡାଃ. ସ୍ଲୋଏନ୍, ଜଣେ ଅତି ଉତ୍ତମ ଖ୍ରୀଷ୍ଟିଆନ ଭାଇ। ମୁଁ ଆପଣଙ୍କୁ କୁହେ, ମୁଁ ପ୍ରକୃତରେ ସେଠାରେ ଜଣେ ବାସ୍ତବ ବ୍ୟକ୍ତିଙ୍କୁ ଭେଟିଲି, ଜଣେ ପ୍ରକୃତ ବ୍ୟକ୍ତି ଯିଏକି ପରମେଶ୍ୱରଙ୍କ ଉପରେ ବିଶ୍ୱାସ କରୁଥିଲେ ଏବଂ ସେଠାରେ ତାଙ୍କର ବିଶ୍ୱାସକୁ ରଖୁଥିଲେ। ଆପଣ ଜାଣିଛନ୍ତି ଯେ କଅଣ? ମୁଁ ଆପଣଙ୍କୁ କହିବି। ମୁଁ ପ୍ରଚାରକମାନଙ୍କ ଅପେକ୍ଷା ଡାକ୍ତରମାନଙ୍କୁ ଅଧିକ ଈଶ୍ୱରୀୟ ଆରୋଗ୍ୟତାରେ ବିଶ୍ୱାସ କରୁଥିବାର ପାଏ। ତାହା ଠିକ୍ ଅଟେ। ଆପଣ ସେମାନଙ୍କ ସହିତ କଥାବାର୍ତ୍ତା କରନ୍ତୁ। କହିବେ, "ନିଶ୍ଚିତ ଭାବରେ।" ଏବଂ ଯେତେବେଳେ ସେ...ଯେତେବେଳେ ମୁଁ ଯିବାକୁ ହେଲି, ସେ ମୋ ହାତ ଧରିଲେ, ସେ କହିଲେ, "ଭାଇ ବ୍ରାନହାମ୍, ଆପଣ ମାନବିକତା ପାଇଁ ତାହାଠୁଁ କହିଁ ଅଧିକ କରନ୍ତି ଯେତିକି ମୁଁ କରିପାରେ।" ସେ କହିଲେ, "ତାହା ଠିକ୍ ଅଟେ।" କହିଲେ, "ଆପଣ ତ ଏପରି ଲୋକମାନଙ୍କୁ

ସାହାଯ୍ୟ କରିପାରନ୍ତି ଯାହାଙ୍କୁ ମୁଁ ଛୁଇଁ ସୁଦ୍ଧା ପାରେ ନାହିଁ ।" କହିଲେ, "ତାହା ଠିକ୍ ଅଟେ ।"

33 ମୁଁ କହିଲି, "ତେବେ, ଅବଶ୍ୟ, ଆପଣ ସିଲେଇ କରିପାରନ୍ତି, କିମ୍ବା ଏକ ଅସ୍ଥିକୁ ବସାଇ ପାରନ୍ତି, କିଅବା ସେପରି କିଛି କରିପାରନ୍ତି । ମାତ୍ର ପରମେଶ୍ୱର ଆରୋଗ୍ୟ କରନ୍ତି ।"

34 ସେ କହିଲେ, "ତାହା ଠିକ୍ ଅଟେ ।" ଆମେନ୍ । ଓଃ, ମୁଁ ପ୍ରଶସ୍ତ ବିଚାର-ରଖୁଥିବା, ଉତ୍ତମ ବୁଝାମଣା-ରଖୁଥିବା ଲୋକମାନଙ୍କୁ ଦେଖିବାକୁ ପସନ୍ଦ କରେ । ମୁଁ ଅସ୍ତ୍ରୋପଚାର, ଏବଂ ଆୟୁର୍ବିଜ୍ଞାନ ଡାକ୍ତର, ଏବଂ ଚିରୋପ୍ରାକ୍ଟିକ୍ କୌଶଳ, ଅଷ୍ଟିଓପାଥିକ୍, ଈଶ୍ୱରୀୟ ଆରୋଗ୍ୟତା ବିଷୟରେ ଚିନ୍ତା କରେ, ଏବଂ ସମସ୍ତଙ୍କୁ ଏକାଠି, ଯଦି ସେଥିରୁ କିଛି ହେଲେ କୌଣସି ବ୍ୟକ୍ତିଙ୍କୁ ସାହାଯ୍ୟ କରିପାରେ, ମୁଁ ତାହା ସପକ୍ଷରେ ଅଟେ । ଏବଂ ଯେତେବେଳେ ଆପଣ ଏପରି ଜଣେ ଡାକ୍ତରଙ୍କୁ ନିଅନ୍ତି ଯିଏକି ଜଣେ ପ୍ରଚାରକଙ୍କୁ ନିନ୍ଦା କରନ୍ତି; ଏପରି ଜଣେ ପ୍ରଚାରକ ଯିଏକି ଜଣେ ଡାକ୍ତରଙ୍କୁ ନିନ୍ଦା କରନ୍ତି; ଏବଂ ଏପରି ଜଣେ ଅଷ୍ଟିଓପାଥ୍ ଯିଏକି ଜଣେ ଅସ୍ତ୍ରୋପଚାର କରୁଥିବା ଚିକିତ୍ସକଙ୍କୁ ନିନ୍ଦା—ନିନ୍ଦା କରନ୍ତି; ସେହି ଅସ୍ତ୍ରୋପଚାର କରୁଥିବା ଚିକିତ୍ସକ ଜଣେ ଆୟୁର୍ବିଜ୍ଞାନ ଡାକ୍ତରଙ୍କୁ ନିନ୍ଦା କରନ୍ତି; ତାହାହେଲେ ଆପଣ ଏହା କଳ୍ପନା କରିପାରନ୍ତି, ସେଠାରେ କୌଣସି ସ୍ଥାନରେ କିଛି ଗୋଟାଏ ସ୍ୱାର୍ଥପର ଉଦ୍ଦେଶ୍ୟ ଅଛି । ତାହା ଠିକ୍, କାରଣ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ତାହା ପ୍ରମାଣ କରିଛନ୍ତି ଯେ ସେମାନେ କାହାରିକୁ ସାହାଯ୍ୟ କରିଥାନ୍ତି । ତାହା ଅବିକଳ ଠିକ୍ ଅଟେ ।

35 ତେବେ ଏହାର ମୂଳ ବିଷୟ ହେଉଛି, ମୁଁ ଭାବୁଛି, ଯଦି ଆମର ଉଦ୍ଦେଶ୍ୟଗୁଡିକ ସଠିକ୍ ଅଟେ, ଏବଂ ଆମର ହୃଦୟ ଲୋକମାନଙ୍କ ପାଇଁ ସଠିକ୍ ଅଟେ, ତାହାହେଲେ ଆମକୁ ତ ଆମର ସାଙ୍ଗ ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ପାଇଁ ମିଳି ମିଶି କାମ କରିବା ଉଚିତ୍, ଯେପରି ଜୀବନ ସହଜସାଧ୍ୟ ହୁଏ । ଏବଂ ତାହାପରେ ଆପଣଙ୍କର ଉଦ୍ଦେଶ୍ୟଗୁଡିକ ନିଃସ୍ୱାର୍ଥପର ହୁଏ, ଓ ଆପଣ ପରମେଶ୍ୱରଙ୍କୁ ପ୍ରଶଂସା କରୁଥାନ୍ତି ଯିଏକି ସମସ୍ତ ବିଷୟକୁ ମୁକ୍ତ ଭାବରେ ପ୍ରଦାନ କରନ୍ତି । ଆମେନ୍ । ହଁ, ମହାଶୟ । ଓଃ, ଆମ ଭିତରେ କୌଣସି ସ୍ଥାନରେ କିଛି ହେଲେ ସ୍ୱାର୍ଥପରତା ରହିବା ଉଚିତ୍ ନୁହେଁ; ଏହା ତ ସିଦ୍ଧ ରୂପେ ହେବା ଉଚିତ୍ ।

36 ଯଦି ସେହି ଚିରୋପ୍ରାକ୍ଟିକ୍ କୌଶଳ ଥିବା ବ୍ୟକ୍ତିଜଣକ *ଏହା*କୁ ସାହାଯ୍ୟ କରିପାରନ୍ତି, ଏବଂ ଅଷ୍ଟିଓପାଥିକ୍ *ଏହି* ଜଣକାକୁ ସାହାଯ୍ୟ କରିପାରନ୍ତି, ଅସ୍ତ୍ରୋପଚାର *ଏହି* ଜଣକାକୁ ସାହାଯ୍ୟ କରନ୍ତି, ଏବଂ ଅନ୍ୟ କିଛି ଗୋଟାଏ *ସେହି* ଜଣକାକୁ ସାହାଯ୍ୟ କରନ୍ତି, ତାହହେଲେ ଆସୁ ଆମେମାନେ ସେସମସ୍ତଙ୍କ ପାଇଁ ପ୍ରାର୍ଥନା କରିବା, ଆମେନ୍, ଯେ ପରମେଶ୍ୱର ତାହାଙ୍କର ପ୍ରିୟ ଲୋକମାନଙ୍କୁ ଭଲରେ ଏବଂ ଖୁସିରେ ରହିବାକୁ କେବଳ ସାହାଯ୍ୟ କରିବେ । କାରଣ, ଆମ ପାଖରେ ଏଠାରେ ରହିବା ପାଇଁ ବହୁତ ଅଧିକ ସମୟ ନାହିଁ, ମାତ୍ର ଅଳ୍ପ କିଛି ଦିନ ଓ ଆମେମାନେ ମାର୍ଗରେ ରହିଥିବା, ଅନ୍ୟ କୌଣସି ସ୍ଥାନକୁ ଯାଉଥିବା । ତେଣୁକରି ଆମେ ଯାହା କରିବାକୁ ଚେଷ୍ଟା କରୁଅଛୁ ତାହା ହେଲା ଜୀବନକୁ ଟିକିଏ ସହଜ କରିଦେବା ଯେପରିକି ଆପଣଙ୍କର ଏଠାରେ ରହି ଥିବାବେଳେ ଏକ ଉତ୍ତମ ସମୟ ରହିପାରେ । ଆମେନ୍ ।

37 ତେବେ ଏହି ଚିନ୍ତାଧାରା ଉପରେ, ଆସନ୍ତୁ ଆମେମାନେ ବାଇବଲ ଖୋଲିବା ପୂର୍ବରୁ ନିଜର ମସ୍ତକଗୁଡିକୁ ନତ କରିବା, ଏବଂ ଆମର ଅତି ପ୍ରିୟ ତ୍ରାଣକର୍ତ୍ତାଙ୍କ ସହିତ କଥାବାର୍ତ୍ତା କରିବା ।

38 ଆମର ଦୟାଳୁ, ସ୍ୱର୍ଗସ୍ଥ ପିତା, ଆଜି ସକାଳେ ଆମେ ତୁମ ଉପସ୍ଥିତିକୁ ନମ୍ର ସହକାରେ ଆସୁଅଛୁ, ଏବଂ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପାଇଁ, ସମସ୍ତକିଛି ବିଷୟ ଉପରେ ଯାହାକି କଦାଚ ପୃଥିବୀରେ ରହିଥିଲା କିମ୍ବା କେବେ ରହିବ, ତୁମକୁ ଧନ୍ୟବାଦ ଦେଉଅଛୁ । କାରଣ, ସେ ହିଁ ସେହି ଜଣକା ଥିଲେ ଯିଏକି ମନୁଷ୍ୟ ଏବଂ ପରମେଶ୍ୱରଙ୍କୁ ଏକତ୍ର ଆଣିଥିଲେ, ଏବଂ ଆମ ଭଳି ଦରିଦ୍ର ଅଯୋଗ୍ୟ, ଧର୍ମହୀନ ବିଦେଶୀମାନଙ୍କୁ ପୁନର୍ମିଳନ କରାଇଥିଲେ, ଯେଉଁମାନେକି ପରମେଶ୍ୱରଙ୍କଠାରୁ ଦୂରରେ ଥିଲେ, ଆମମାନଙ୍କର, ନିଜ—ନିଜ ପସନ୍ଦ ଅନୁସାରେ, ଆମେମାନେ ନିଜର ପସନ୍ଦକୁ ନେଇ ତାହାଙ୍କଠାରୁ ଦୂରକୁ ଚାଲି ଯାଇଥିଲୁ । ଏବଂ ସେ ଆସିବା ହେତୁ ବହୁତ ଅଧିକ ଭଲ ଥିଲେ, ଏବଂ ଯେତେବେଳେକି ଆମେମାନେ ପରମେଶ୍ୱରଙ୍କୁ ଅପ୍ରସନ୍ନ କରୁଥିଲୁ, ଯେତେବେଳେ ଆମେମାନେ ପାପୀ ଥାଇ, ପରମେଶ୍ୱରଙ୍କଠାରୁ ଦୂରରେ ଥିଲୁ, ସେତେବେଳେ ସେ ଆପଣାର ନିଜ ରକ୍ତ ପାତିତ କରିବା ଦ୍ୱାରା, ଆମକୁ ପିତାଙ୍କ ସହିତ ପୁନର୍ମିଳନ କରାଇଥିଲେ ।

39 ଆମେ ତାହାଙ୍କ ପାଇଁ ତୁମକୁ କିପରି ଧନ୍ୟବାଦ ଦେଇଥାଉ! ଏବଂ ଆଜି ସେ ଜଣେ ମଧ୍ୟସ୍ଥି ଭାବରେ ଛିଡା ହୋଇଛନ୍ତି, ପରମେଶ୍ୱର ଏବଂ ମନୁଷ୍ୟ ମଧ୍ୟରେ ଏକମାତ୍ର ଜଣେ, ଯିଏକି ଆପଣା ନିଜ ରକ୍ତର ମଞ୍ଚ ମାଧ୍ୟମରେ, ଯାହା ସେ ପୃଥିବୀରୁ ମହିମା ପର୍ଯ୍ୟନ୍ତ ପାତିତ କରିଥିଲେ ଏକ ପ୍ରାର୍ଥନାକୁ ପରମେଶ୍ୱରଙ୍କ ଉପସ୍ଥିତିରେ ନେଇ ଆସିପାରନ୍ତି । ଏହି ପୃଥିବୀକୁ ଗୋଟିଏ ଗୁହାଳ କୁଣ୍ଡରେ ଜନ୍ମ ହୋଇ, ଏକ ଅମାରର ମାର୍ଗ ଦ୍ୱାରା ଆସିଲେ । ମୃତ୍ୟୁଦଣ୍ଡ ଜରିଆରେ, ଏହି ପୃଥିବୀରୁ ଚାଲିଗଲେ । ପୃଥିବୀ ତାହାଙ୍କୁ ଚାହିଁ ନ ଥିଲା । ସ୍ୱର୍ଗ ତାହାଙ୍କୁ ଗ୍ରହଣ କରିପାରି ନ ଥିଲା, କାରଣ ସେ ଜଣେ ପାପୀ ଥିଲେ, ଆମର ପାପଗୁଡିକୁ ସେ ଆପଣା ଉପରେ ବହନ କରି ନେଇଥିଲେ । ପୃଥିବୀ ତାଙ୍କୁ ଚାହିଁ ନ ଥିଲା । ସେମାନେ ତାହାଙ୍କୁ ପ୍ରତ୍ୟାଖ୍ୟାନ କରିଥିଲେ । "ଏପରି ବ୍ୟକ୍ତିଙ୍କଠାରୁ ଦୂରରେ ରୁହ!" ଏପରିକି ତାଙ୍କ ପାଖରେ...ଏପରିକି ଜନ୍ମ ହେବା ପାଇଁ ସୁଦ୍ଧା ଗୋଟିଏ ସ୍ଥାନ ନ ଥିଲା, କିମ୍ବା ମରିବା ପାଇଁ ଏକ ସ୍ଥାନ ନ ଥିଲା । ଏବଂ ସେ ସ୍ୱର୍ଗ ଓ ପୃଥିବୀ ମଧ୍ୟରେ ଝୁଲି ରହିଥିଲେ; ସ୍ୱର୍ଗ ତାଙ୍କୁ ଗ୍ରହଣ କରିପାରି ନ ଥିଲା, କିମ୍ବା ପୃଥିବୀ ତାଙ୍କୁ ଗ୍ରହଣ କରି ନ ଥିଲା । ଏବଂ ସେ ଯେକୌଣସି ଉପାୟରେ ବି, ମୃତ୍ୟୁବରଣ କଲେ, ଯେ ଆମେମାନେ ପାପରୁ ରକ୍ଷା କରାଯାଉ, ଆମର ଅସୁସ୍ଥତା ସୁସ୍ଥ କରାଯାଉ, ଆମେମାନେ ପୃଥିବୀରେ ରହିଥିବାବେଳେ ଆମକୁ ଆନନ୍ଦ ଦିଆଯାଉ ଏବଂ ଏକ ଆନନ୍ଦଦାୟକ ରହଣୀ ହେଉ । କି ଏକ ତ୍ରାଣକର୍ତ୍ତା! ଓଃ, ଆମେ ତାହାଙ୍କ ପାଇଁ ତୁମକୁ କିପରି ଧନ୍ୟବାଦ ଦେଉ!

40 ହେ ପରମେଶ୍ୱର, ଆମ ହୃଦୟର ଆମର ପ୍ରତ୍ୟେକ ପ୍ରସଂଶା ତାହାଙ୍କ ନିକଟରେ, ଏବଂ କେବଳ ତାହାଙ୍କୁ ହିଁ ଢଳାଯାଉ । ପ୍ରତ୍ୟେକ ସମ୍ମାନ ଏବଂ ପ୍ରତ୍ୟେକ ଉପାସନା, ସମସ୍ତକିଛି

ଯାହା ଆମର ଓଠରୁ କିମ୍ବା ହୃଦୟରୁ ଆସେ, ଏହା ହେଉ ଯେ ତାହାଙ୍କଠାରେ ଏହା ନ୍ୟସ୍ତ କରାଯାଉ ଯିଏକି ସମସ୍ତ ବିଷୟରେ ଯୋଗ୍ୟ ଅଟନ୍ତି, ଯିଏକି ଦିନେ ଆପଣା ହାତରେ ପୁସ୍ତକ ଧରି, ସେହି ସିଂହାସନ ଉପରେ ବସିଛନ୍ତି। ସ୍ୱର୍ଗରେ କିମ୍ବା ପୃଥିବୀରେ ଏପରି କୌଣସି ବ୍ୟକ୍ତି ନ ଥିଲେ ଯିଏକି ସେହି ପୁସ୍ତକକୁ ଦେଖିବାରେ, କିମ୍ବା ସେହି ମୁଦ୍ରାଗୁଡିକୁ ଫିଟାଇବାରେ ସକ୍ଷମ ବା ଯୋଗ୍ୟ ଥିଲେ ଯେଉଁଥିରେ ଏହା ମୁଦ୍ରାଙ୍କିତ ହୋଇଥିଲା। ଏବଂ ଏହି ମେଷଶାବକ ଯିଏକି, ଜଗତର ପତ୍ତନାବଧି ପୂର୍ବରୁ ହତ ହୋଇଥିଲେ, ଆସି, ତାହାଙ୍କ ହାତରୁ ଏହାକୁ ନେଇଥିଲେ, ମୁଦ୍ରାଗୁଡିକୁ ଫିଟାଇଥିଲେ ଏବଂ ଲୋକମାନଙ୍କ ପ୍ରତି, ସେହି—ସେହି ବାକ୍ୟଗୁଡିକୁ ଉନ୍ମୁକ୍ତ କରିଥିଲେ,

41 ଏବଂ, ପିତା, ଆମେମାନେ ଆଜି ପ୍ରାର୍ଥନା କରୁଅଛୁ ଯେ ତାହାଙ୍କର ପବିତ୍ରଆତ୍ମା ଆମ ହୃଦୟକୁ ସମସ୍ତ ଅନ୍ଧକାରରୁ ମୁକ୍ତ କରିବେ, ସମସ୍ତକିଛି ମନ୍ଦ ବିଷୟରୁ ଆମର ଜିହ୍ୱାକୁ ମୁକ୍ତ କରିବେ, ଆମର ସମସ୍ତ ପାପକୁ କ୍ଷମା କରିବେ, ଏବଂ ସମସ୍ତ ଅନ୍ଧକାରକୁ ଦୂର କରି ଦେବେ, ଏବଂ ଆଜି ସକାଳେ ଆମ ହୃଦୟ ମଧ୍ୟକୁ ଆସିଯିବେ।

42 ଏବଂ ବିଶେଷକରି ଏହି ସାନ ସାନ ପିଲାମାନେ, ହେ ପରମେଶ୍ୱର, ସେମାନଙ୍କୁ ଆଶୀର୍ବାଦ କର ଯେତେବେଳେକି ସେମାନେ ଆଜି ସକାଳେ ଏଠାରେ ସେମାନଙ୍କର ସୁନ୍ଦର ମାଆମାନଙ୍କ ସହିତ ବସିଛନ୍ତି। ହେ ପରମେଶ୍ୱର, ଆମେ କିପରି ତୁମକୁ ମାତୃତ୍ୱ ପାଇଁ, ପ୍ରକୃତ ନାରୀମାନଙ୍କ ପାଇଁ ଧନ୍ୟବାଦ ଦେଉଅଛୁ! ଏହି ସମସ୍ତ ଅନ୍ଧକାର ଏବଂ ପ୍ରତିମାପୂଜା, ଏବଂ ଜଗତର ଅପରିଷ୍କାର ଏବଂ ଦୁର୍ନୀତି ମଧ୍ୟରେ, ତଥାପି ଆମେମାନେ ପ୍ରକୃତ, ବାସ୍ତବ ମାତାମାନଙ୍କୁ ପାଇଅଛୁ। ଆମେ କିପରି ସେମାନଙ୍କ ପାଇଁ ତୁମକୁ ଧନ୍ୟବାଦ ଦେଉଅଛୁ! ଯୁବା ଏବଂ ବୃଦ୍ଧ, ଉଭୟ ସମାନ ଭାବରେ, ହେ ପିତା, ଆମେ ତୁମକୁ, ପ୍ରକୃତ ମାତୃତ୍ୱ ପାଇଁ ଧନ୍ୟବାଦ ଦେଉଅଛୁ। ଏବଂ ଆମେମାନେ ପ୍ରାର୍ଥନା କରୁଅଛୁ, ହେ ପରମେଶ୍ୱର, ଯେ ତୁମେ ସେମାନଙ୍କୁ ଆଶୀର୍ବାଦ କରିବ।

43 ଏହା ଦେଖି ଯେ, ଆଜି ସକାଳେ ଏଠାରେ ଆମର ଅନେକ ଭାଇ ଓ ଭଉଣୀମାନେ, ଧଳା ଗୋଲାପ ଲଗାଇ ବସିଛନ୍ତି, କିଅବା ଧଳା ପୋଷାକ ଏବଂ ଫୁଲ ଲଗାଇଛନ୍ତି, ଯାହାର ଅର୍ଥ ଯେ ସେମାନଙ୍କର ପ୍ରିୟ ସନ୍ଥ ମାତା ସେହି ପରଦାର, ଆରପାରିକୁ ଚାଲି ଯାଇଛନ୍ତି; ମାତ୍ର ମୃତ ଭାବରେ ନୁହେଁ, ବରଂ ଚିରଦିନ ପାଇଁ ଜୀବିତ ରହିବା ହେତୁ। କୌଣସି ଦିନେ ସେମାନେ, ମଧ୍ୟ, ନଦୀକୁ ଆସିବେ, ଏବଂ ସେମାନେ ଅନ୍ୟ ପାର୍ଶ୍ୱରେ, ସେଠାରେ ତାଙ୍କୁ ଦେଖିବାକୁ ପାଇବେ। ଅନେକେ ନାଲି ଗୋଲାପ ଲଗାଇଛନ୍ତି, ଯାହାର ଅର୍ଥ ମାଆ ଏବେ ସୁଦ୍ଧା ଏଠାରେ ଅଛନ୍ତି। ଏଥିପାଇଁ ଆମେ ତୁମକୁ ଧନ୍ୟବାଦ ଦେଉଅଛୁ।

44 ପ୍ରାର୍ଥନା କରେ ଯେ ତୁମେ ଆମମାନଙ୍କୁ ଏକାଠି ଆଶୀର୍ବାଦ କରିବ ଯେତେବେଳେକି ଆମେ ତୁମର ବାକ୍ୟକୁ ଅଧ୍ୟୟନ କରୁ, ଯେହେତୁ ଆମେ ଏହାକୁ ଖ୍ରୀଷ୍ଟଙ୍କ ନାମରେ ମାଗୁଅଛୁ। ଆମେନ୍।

45 ତେବେ ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ଏବଂ ଆଜି ସକାଳେ ଆମେମାନେ ଠିକ ତାହାଙ୍କ ବାକ୍ୟରେ ଆରମ୍ଭ କରିବା। ତେବେ, ପ୍ରଥମେ, ଏହି ଛୋଟ ନାଟକ ପୂର୍ବରୁ, ମୁଁ ସେହି ମାଆମାନଙ୍କ ଏବଂ ସାନ ଶିଶୁମାନଙ୍କ ପାଇଁ ଚିନ୍ତା କଲି...ଏବଂ ସେମାନେ ବୋଧହୁଏ ମୋ କଥା ଶୁଣିବେ, କାରଣ ବାସ୍ତବରେ ଏହି ବିଷୟର ଏକ ସ୍ୱର ଅଛି। ଏବଂ ମୁଁ ଗୋଟିଏ ଛୋଟ ନାଟକ ଦେବାକୁ ଯାଉଛି, କାରଣ ମୋର ସେବାଗୁଡିକରେ ବର୍ତ୍ତମାନ ମୁଁ ଧ୍ୟାନ ଦେବାରେ ଲାଗିଛି, ଯେ ଅନେକ ସମୟରେ ନାଟକଗୁଡିକ ବହୁତ ଅଧିକ ସାହାଯ୍ୟ କରିଥାଏ। କଅଣ ତୁମେମାନେ ସେପରି ଭାବ ନାହିଁ କି? ସେହି ସାନ ପିଲାମାନେ ଏହାକୁ ଅଧିକ ଭଲ ଭାବରେ ବୁଝନ୍ତି। ମୁଁ ଛୋଟ ଛୋଟ ଉଜ୍ଜ୍ୱଳ-ଆଖିଥିବା, ଦୁଇଟି ପିଲାମାନଙ୍କୁ ବସିଥିବାର ଦେଖୁଅଛି, ଯେଉଁମାନେକି ବର୍ତ୍ତମାନ ମୋତେ ଅନାଉଅଛନ୍ତି, ଯେଉଁମାନେ ଆସନ୍ତା କାଲି ପୁରୁଷ ହେବେ ଯଦି ସେଠାରେ ଏକ ଆସନ୍ତାକାଲି ଅଛି।

46 ଏବଂ ବର୍ତ୍ତମାନ ଏହା ପୂର୍ବେକି ଆମେ କୌଣସି ନାଟକ, କିମ୍ବା ଅନ୍ୟ କିଛି ବିଷୟକୁ ନେଇ ଯାହାକି ମଣ୍ଡଳୀରେ ଚାଲୁଅଛି, ଏହାର ନିଶ୍ଚିତ ଭାବରେ ବାଇବଲ ପୃଷ୍ଠଭୂମି ରହିବା ଆବଶ୍ୟକ। ଆମେନ୍। ଏହା ନିଶ୍ଚିତରେ ସେହି ବାଇବଲ ପୃଷ୍ଠଭୂମି ରହିବା ଜରୁରୀ। ପ୍ରଥମେ, ଆସନ୍ତୁ ଆମେମାନେ ସମସ୍ତେ ମାଥିଉ, ତାର 16ତମ ପର୍ବ ଏବଂ 25ତମ ପଦକୁ ନେବା, ଏବଂ ଆମେ ଏହି ପଦଗୁଡ଼ିକୁ ପାଠ କରିବା। ପ୍ରଥମେ, ଯେତେବେଳେକି ଆମେମାନେ ଏହାକୁ ପାଠ କରୁଅଛୁ, ପ୍ରସ୍ତୁତ ହେଉଅଛୁ, ବୋଧହୁଏ ସେହି ସମୟବେଳକୁ ସାନ ସାନ ପିଲାମାନେ ବାହାରି ଯାଇଥିବେ। ତେବେ ମାଥିଉ 16:25, ଆମେ ଏହାକୁ ପାଠ କରୁ:

> *କାରଣ ଯେ କେହି ଆପଣା ଜୀବନ ରକ୍ଷା କରିବାକୁ ଇଚ୍ଛା କରେ ସେ ତାହା ହରାଇବ: କିନ୍ତୁ ଯେ କେହି ମୋ ନିମନ୍ତେ ଆପଣା ଜୀବନ ହରାଇବ ସେ ତାହା ପ୍ରାପ୍ତ ହେବ।*

47 ତେବେ, ଏହା ଏକ ଗୁରୁତ୍ୱପୂର୍ଣ୍ଣ ଶାସ୍ତ୍ର ଅଟେ। ଆସନ୍ତୁ ଆମେମାନେ ସମସ୍ତେ ଏକାଠି ତାହାକୁ ପାଠ କରିବା। ଆପଣମାନେ କଅଣ କୁହନ୍ତି? ପ୍ରତ୍ୟେକଜଣ, ସାନ ସାନ ପିଲାମାନେ ଏବଂ ସମସ୍ତେ, ବର୍ତ୍ତମାନ ଏକାଠି। [ଭାଇ ବ୍ରାନହାମ୍ ଏବଂ ମଣ୍ଡଳୀ ଏକତ୍ର ମିଶି ସେହି ନିମ୍ନଲିଖିତ ଶାସ୍ତ୍ରକୁ ପାଠ କରନ୍ତି—ସମ୍ପା।]

> *କାରଣ ଯେ କେହି ଆପଣା ଜୀବନ ରକ୍ଷା କରିବାକୁ ଇଚ୍ଛା କରେ ସେ ତାହା ହରାଇବ: କିନ୍ତୁ ଯେ କେହି ମୋ ନିମନ୍ତେ ଆପଣା ଜୀବନ ହରାଇବ ସେ ତାହା ପ୍ରାପ୍ତ ହେବ।*

48 ଆପଣମାନେ ଜାଣନ୍ତି, ପୁଅ ଏବଂ ଝିଅମାନେ, ଏବଂ ମୁଁ ଜାଣେ ଯେ ବୟସ୍କମାନେ ମଧ୍ୟ ଏହାକୁ ଠିକ ସେହି ସମାନ ଭାବରେ ଉପଭୋଗ କରିବେ ଯେପରିକି ସାନ ପିଲାମାନେ କରିବେ। ମାତ୍ର, ସେହି ଶାସ୍ତ୍ର ଏତେ ଗୁରୁତ୍ୱପୂର୍ଣ୍ଣ ଅଟେ! ଏବଂ କେତେକ ଶାସ୍ତ୍ର ଏତେ ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ ଯେ ପରମେଶ୍ୱର ଏହାକୁ ଚାରୋଟି ସୁସମାଚାରରେ ରଖିଥାଆନ୍ତି: ମାଥିଉ,

ମାର୍କ, ଲୂକ, ଏବଂ ଯୋହନ । ମାତ୍ର, ଏହା ଏତେ ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା ଯେ ସେ ଏହାକୁ ସୁସମାଚାରରେ ଛଅ ଥର ରଖିଲେ! ଛଅ ଥର ଏହା ତାହାଙ୍କ ନିଜର ଓଠରୁ ବାହାରିଥିଲା, ଯୀଶୁ ।

49 ତେବେ ଏଠାରେ ମାର୍କରେ, ଆମେମାନେ ସେଠାରେ, ମାର୍କର ସେହି ୫ମ ପର୍ବକୁ ଯିବା, ଏବଂ 34ତମ ପଦରୁ ଆରମ୍ଭ କରିବା, ଏବଂ ମୁଁ ସେଠାରେ କିଛି ପାଠ କରିବି । ଏବଂ ମୁଁ ଚାହେଁ ଯେ ଆପଣ ଏଠାରେ ପୁନର୍ବାର ଧ୍ୟାନ ଦିଅନ୍ତୁ, ଏହାର ଏକ ଛୋଟ ନିରନ୍ତରତା ସହିତ ଯେଉଁଠାରେକି ଯୀଶୁ ଏହା କହିଥିଲେ । ଏବଂ ମନେରଖନ୍ତୁ, ସେ ଏହାକୁ ସୁସମାଚାରରେ ଛଅ ଥର ରଖିଲେ, ତେଣୁ ଏଥିରେ ସୁନିଶ୍ଚିତ ହେବେ! ଦୁଇ ଏକ ସାକ୍ଷୀ ଅଟେ, ମାତ୍ର ସେ ଏହାକୁ ତିନିଥର ରଖିଲେ ଯେଣୁ, ଦେଖନ୍ତୁ, ଯେପରିକି ଏଥିରେ ସୁନିଶ୍ଚିତ ହେବେ ଯେ ତୁମେ ଏହାକୁ ମନେ ରଖ ।

> *ତତ୍ପରେ ସେ ଆପଣା—ତତ୍ପରେ ସେ ସେହିପରି ଆପଣା ଶିଷ୍ୟମାନଙ୍କ ସହିତ ଲୋକସମୂହକୁ ନିକଟକୁ, ଡାକି କହିଲେ, କେହି ଯେବେ ମୋହର ଅନୁଗାମୀ ହେବାକୁ ଇଚ୍ଛା କରେ, ତେବେ ସେ ଆପଣାକୁ କରୁ…ଆପଣା କ୍ରୁଶ ଘେନି ମୋହର ଅନୁଗମନ କରୁ ।*

50 ତେବେ, ଜଣେ ଅନୁବାଦକ ଉପସ୍ଥାପିତ କଲେ, "ଆପଣା କ୍ରୁଶ ଘେନି ପ୍ରତିଦିନ ମୋହର ଅନୁଗମନ କରୁ ।" ତେବେ, ବର୍ତ୍ତମାନ ସେହି 35ତମ ପଦ । ଶୁଣନ୍ତୁ:

> *କାରଣ ଯେ କେହି ଆପଣା ଜୀବନ ରକ୍ଷା କରିବାକୁ ଇଚ୍ଛା କରେ ସେ ତାହା ହରାଇବ; କିନ୍ତୁ ଯେ କେହି ମୋ ନିମନ୍ତେ ଏବଂ ସୁସମାଚାର ନିମନ୍ତେ ଆପଣା ଜୀବନ ହରାଇବ, ସେ ତାହା ପ୍ରାପ୍ତ ହେବ ।*
>
> *ଆଉ ମନୁଷ୍ୟ ଯେବେ ସମସ୍ତ ଜଗତ ଲାଭ କରି, ଆପଣା ଜୀବନ ହରାଏ, ତେବେ ତାହାର କି ଲାଭ ହେବ?*
>
> *କିମ୍ବା ମନୁଷ୍ୟ ଆପଣା ଜୀବନ ବଦଳରେ କଅଣ ଦେବ?*

51 ତେବେ ଆସନ୍ତୁ ଆମେମାନେ ଏହି 35ତମ ପଦକୁ ନେଇ ବର୍ତ୍ତମାନ ଏକତ୍ର ଉଦ୍ଧୃତ କରିବା । ଠିକ୍ ଅଛି । ତେବେ ଆସୁ ଏହାକୁ ଏକାଠି କହିବା । ଆମେ ମାର୍କ ୫:16 କୁ ନେବାକୁ ଯାଉଛୁ, ତେବେ ଆସନ୍ତୁ ଆମେମାନେ ଏହାକୁ ଏକାଠି କହିବା; ମାର୍କ ୫:16, ଆପଣଙ୍କୁ କ୍ଷମା ମାଗେ, ମାର୍କ ୫:16, 35 । ନା, ମୁଁ ଏବେ ବି ଏହାକୁ ଭୁଲ୍ ପାଇଛି । ମାର୍କ ୫, ମୋତେ କ୍ଷମା କରନ୍ତୁ । ମାର୍କ, ସାଧୁ ମାର୍କ, ୫ମ ପର୍ବ, 35ତମ ପଦ । ତେବେ ଆସନ୍ତୁ ଆମେ ଏହାକୁ ଚେଷ୍ଟା କରିବା । ସାଧୁ ମାର୍କ, ୫ମ ପର୍ବ, 35ତମ ପଦ । ବର୍ତ୍ତମାନ ଆମେ ଏହାକୁ ପାଇଲୁ । ଆସନ୍ତୁ ଆମେ ଏହାକୁ ପଢ଼ିବା । [ଭାଇ ବ୍ରାନହାମ୍ ଏବଂ ମଣ୍ଡଳୀ ଏକତ୍ର ନିମ୍ନଲିଖିତ ଶାସ୍ତ୍ର ପାଠ କରନ୍ତି—ସମ୍ପା ।]

*କାରଣ ଯେ କେହି ଆପଣା ଜୀବନ ରକ୍ଷା କରିବାକୁ ଇଚ୍ଛା କରେ ସେ ତାହା ହରାଇବ; କିନ୍ତୁ ଯେ କେହି ମୋ ନିମନ୍ତେ ଏବଂ ସୁସମଚାର ନିମନ୍ତେ, ଆପଣା ଜୀବନ ହରାଇବ...ତାହା ପ୍ରାପ୍ତ ହେବ।*

52 ତାହା ଆଶ୍ଚର୍ଯ୍ୟଜନକ କି? ତେବେ, ଆମେମାନେ ଆମର ଛୋଟ କାହାଣୀ ସହିତ ଠିକ୍ ଆଗକୁ ଯିବା, ଏବଂ ଯେତେବେଳେ ସେହି ସାନ ସାନ ପିଲାମାନେ ଆସନ୍ତି ସେମାନେ ସେମାନଙ୍କର ସ୍ଥାନ ଗ୍ରହଣ କରିବେ। କର୍ମକର୍ତ୍ତାମାନେ ସେମାନଙ୍କୁ ଦେଖନ୍ତୁ ଯେତେବେଳେ ସେମାନେ, ଚୁପଚାପ୍...ଆପଣ ଦେଖନ୍ତୁ ଯଦି ଆପଣ ସେମାନଙ୍କୁ ଏଠାକୁ ନେଇ ଆସିପାରନ୍ତି କି, ଯେତେବେଳେକି ଆମେମାନେ ନେଉ ଏବଂ ଆମର କାହାଣୀ ପ୍ରଦାନ କରୁ। ଆମେମାନେ ଆଜି ସକାଳେ ଏହାକୁ, ଏକ ନାଟକ ଉପରେ, ଆଧାର କରିବାକୁ ଯାଉଛୁ। ଏବଂ ମୁଁ, ଅନେକ ସମୟରେ, ଏଠାରେ କିଛି ଦିନ ପୂର୍ବରୁ ମୁଁ...

53 ଭାଇ ଏବଂ ଭଉଣୀ ଉଡ ମୋ ସହିତରେ ଥିଲେ, ମୁଁ ବିଶ୍ୱାସ କରେ ଯେ, ଶେଷ ସଭାରେ ସେଠାରେ, ଏବଂ ମୁଁ ଖ୍ରୀଷ୍ଟିଆନ ବ୍ୟବସାୟ ପୁରୁଷମାନଙ୍କ ଜଳପାନରେ କହୁଥିଲି। ଏବଂ ମୁଁ ଜଖିୟ ଉପରେ ଏକ ଛୋଟ ନାଟକ ବର୍ଣ୍ଣନା କରିଥିଲି...ଯିଏକି ସେହି ଡିମ୍ବିରି ଗଛ ଉପରେ ରହିଥିଲା, ଏବଂ, ଯେତେବେଳେ ଯୀଶୁ ଆସିଲେ, ଏବଂ ଜଖିୟ କିପରି ଏକ ଅଳିଆ ଆବର୍ଜନା ଡବାକୁ ନେଲା, ଆପଣମାନେ ଜାଣନ୍ତି (ଏବଂ ଏହାକୁ ନାଟକ ଦ୍ୱାରା ଅଭିନୟ କରା ଯାଇଥିଲା), ଏବଂ ଯୀଶୁଙ୍କୁ ଦେଖିବା ପାଇଁ, ଗୋଟିଏ ଏକ ଗଛ ଉପରକୁ ଚଢି ଗଲା; ସେହି ବ୍ୟବସାୟୀ ଗଛ ଉପରେ ବସି ରହିଥିଲା, ଆପଣମାନେ ଜାଣନ୍ତି, ଯୀଶୁଙ୍କଠାରୁ ଲୁଚି ରହିଥିଲା। ଏବଂ ଯେପରିକି, ଆପଣମାନେ ଜାଣନ୍ତି, ଯୀଶୁ ଜାଣି ନ ଥିଲେ ଯେ ସେ କେଉଁଠାରେ ଥିଲା। ଏବଂ ତାହାପରେ ଜଖିୟ କହିଲା, "ଓଃ, ସେମାନେ ମୋତେ କୁହନ୍ତି ଯେ ସେହି ବ୍ୟକ୍ତିଜଣକ ଜିନିଷଗୁଡିକୁ ଜାଣିପାରନ୍ତି ଏବଂ ବିଷୟଗୁଡିକୁ ଭବିଷ୍ୟତ୍‌ବାଣୀ କରିପାରନ୍ତି, ଏବଂ ଜାଣିପାରନ୍ତି ଯେ ସେହି ମାଛଟି ମୁଦ୍ରା ସହ କେଉଁଠାରେ ରହିଛି। ମୁଁ ଏହା ବିଶ୍ୱାସ କରେ ନାହିଁ।" ଏବଂ ଯୀଶୁ ଠିକ୍ ସେହି ଗଛ ତଳେ ଚାଲିକରି ଆସିଲେ। ଏବଂ ଜଖିୟ କହିଲା, "ଓଃ, ସେ ତ ମୋତେ ଦେଖିପାରୁ ନାହାଁନ୍ତି, ମୁଁ ତ ଏକ ଗଛ ଉପରେ ବସିଛି।"

54 ଯୀଶୁ ଅଟକି ଗଲେ ଏବଂ ଉପରକୁ ଅନାଇ, କହିଲେ, "ଜଖିୟ, ତଳକୁ ଓହ୍ଲାଇ ଆସ।" ସେ ଯେ କେବଳ ସେଠାରେ ଅଛି ତାହା ଜାଣି ନ ଥିଲେ, ମାତ୍ର ସେ ଏହା ବି ଜାଣିଥିଲେ ଯେ ସେ କିଏ ଥିଲା।

55 ତେଣୁ ମୁଁ ଭାବୁଛି ଯେ ଏକ ଛୋଟ ନାଟକ ବେଳେବେଳେ ସେହି ବୃଦ୍ଧ ଲୋକମାନଙ୍କୁ, ବୃଦ୍ଧ ପୁରୁଷ ଏବଂ ମହିଳାମାନଙ୍କୁ ଠିକ ସେତିକି ସାହାଯ୍ୟ କରିଥାଏ, ଯେତିକି ତାହା ଯୁବା ଲୋକମାନଙ୍କ କରିଥାଏ।

56 ତେଣୁକରି ତେବେ ଏହା ସମାପ୍ତ ହେବା ପରେ, ତୁମେମାନେ ମୋତେ ଏହା ପଚାରିପାର, "ଭାଇ ବ୍ରାନହାମ୍, ଆପଣ ଏହି ଚରିତ୍ର ଏବଂ ନାମଗୁଡିକ ବିଷୟରେ ଏହି ସୂଚନାଟି

କେଉଁଠାରୁ ପାଇଲେ?” ସେମାନଙ୍କ ମଧ୍ୟରୁ କେତେକ ତ, ମୋର ଉତ୍ତମ ବନ୍ଧୁ, ଭାଇ ବୁଥ-କ୍ଲିବର୍ନଙ୍କ ଦ୍ୱାରା ମୋତେ ସାହାଯ୍ୟ କରାଯାଇଛି। ଏବଂ ଆଉ ଜଣେ, ମହାନ ଇତିହାସକାର, ଜୋସେଫସ୍‌ଙ୍କ ଦ୍ୱାରା। ଏବଂ ତାହାପରେ ଏହି ଘଟଣା ବିଷୟରେ, ଇତିହାସର ପୁସ୍ତକମାନ ଯାହା ମୁଁ ପାଠ କରିଛି, ଏବଂ ଇତ୍ୟାଦି ସବୁ। ଏବଂ ସେହିପରି ଭାବରେ ମୁଁ ମୋର ସୂଚନାକୁ ପାଇଅଛି ଯେଉଁଥିରୁକି ଆମେମାନେ ଆଜି ସକାଳେ ତାହା ବିଷୟରେ, ନାଟକରେ ଦେବାକୁ ଯାଉଅଛୁ।

57 ମୁଁ ଦେଖୁଛି ଯେ ଆମର ସାନ ସାନ ପିଲାମାନେ ବର୍ତ୍ତମାନ ବାହାରକୁ ଆସୁଛନ୍ତି, ଏବଂ ଆଜି ସକାଳେ ଏହି କାହାଣୀ ପାଇଁ ଯାହାକି ଆମେମାନେ ଦେବାକୁ ଯାଉଅଛୁ। ତେବେ ତୁମେ ସାନ ସାନ ପୁଅ ଏବଂ ଝିଅମାନେ, ଯଦି ତୁମେମାନେ ପାର, ଯେତେ ଜଣ ଚାହୁଁଛ, ଠିକ୍ ଏଠାରେ ସମ୍ମୁଖକୁ ଆସିଯାଅ। ଆମ ପାଖରେ ପାଞ୍ଚଟି କିମ୍ବା ଛଅଟି ଖାଲି ଆସନ ଅଛି। ଯଦି ତୁମେମାନେ ଠିକ ଏଠାକୁ ଆସିବାକୁ ଚାହଁ, ତେବେ ଆମେମାନେ ତୁମକୁ ପାଇ ଆନନ୍ଦିତ ହେବୁ। ସେମାନେ ଏଠାରେ ହେବାକୁ ଥିବା ଏହି ଛୋଟ ନାଟକ ପାଇଁ ଠିକ ସମୟରେ ଆସୁଛନ୍ତି।

58 ଏବଂ ବର୍ତ୍ତମାନ ତାହା ସେହିପରି ହିଁ ମୁଁ ଏହି ସୂଚନାକୁ ପାଇଲି, ମୁଁ ଏହାକୁ ସେହିପରି ଭାବରେ ଜାଣିବାକୁ ପାଇଲି। କେହି ଜଣେ ଆଖପାଖରେ ଏହି ବିଷୟକୁ ନେଇ କହିପାରନ୍ତି, “ତେବେ, ମୁଁ କଦାପି ବାଇବଲରେ ସେହି ଅଂଶକୁ ପାଠ କରି ନାହିଁ।” ମାତ୍ର, ଯଦି ଆପଣ କଲେ ନାହିଁ, ଇତିହାସ ଏହାକୁ କଲା, ଆପଣ ଦେଖନ୍ତୁ। ତେଣୁ ଏହା ସବୁ ସେହି ସମାନ କାହାଣୀ ଅଟେ, କେବଳ ଏତିକି ଯେ ଏହାକୁ କେବଳ ଏକ—ଏକ—ଏକ ନାଟକ ରୂପରେ ଆକାର ଦିଆଯାଇଛି।

59 ଏବଂ, ତେଣୁ, ତାହାହିଁ ଏହା! ତାହାହିଁ ଏହା ଅଟେ! କଅଣ ତାହା ତୁମର ଛୋଟ ଭାଇ କି? ଓଃ, ସେ ନିଶ୍ଚିତରେ ତୁମ ପରି ଦେଖାଯାଉଛି! ଏବଂ ସେ ଜଣେ ଉତ୍ତମ ବାଳକ ଅଟେ। ଆପଣ କେବଳ ତାହା କହିପାରନ୍ତି ଯେ ସେ ଅଟେ। ଠିକ୍ ଅଛି।

60 ତେବେ କଅଣ ତୁମେମାନେ ଏଠାରେ ଉପରକୁ ଆସି ଏଠାରେ ବସିବାକୁ ଚାହିଁବ କି? ସେଠାରେ ଦୁଇଟି ସାନ ସାନ ଝିଅମାନେ ଅଛନ୍ତି, କିମ୍ବା ତିନୋଟି ସାନ ଝିଅମାନେ ଅଛନ୍ତି। ମୋର ପ୍ରଭୁ, ତାହା ତ ଭଲ ଏବଂ ଉତ୍ତମ ଅଟେ! ବର୍ତ୍ତମାନ ମୁଁ ଚାହେଁ...ଆଜି ସକାଳେ ଏହି ଛୋଟ କାହାଣୀଟି ସାନ ସାନ ଝିଅ ଏବଂ ପୁଅମାନଙ୍କ ପାଇଁ ଅଟେ। ଶ୍ରୀମତୀ କଲିନ୍ସ, ମୁଁ ବିଶ୍ୱାସ କରେ ଯେ ଆପଣ ସେଠାରେ ଅଛନ୍ତି, ଏବଂ ଅନ୍ୟ ସାନ ଭଉଣୀ; ପ୍ରିୟ, ତୁମେ ଠିକ ସେଠାକୁ ଯାଇ, ବସିବାକୁ ଚାହୁଁଛ। ହଁ, ମୁଁ ବିଶ୍ୱାସ କରେ ଠିକ ଏଠାରେ ଗୋଟିଏ ସ୍ଥାନ ଅଛି, ଯଦି ସେହି ମହିଳାଜଣକ ତାଙ୍କର ପକେଟବୁକ୍ ଘୁଞ୍ଚାଇ ଦେବେ—ଦେବେ। ଏବଂ—ଏବଂ ତାହାପରେ ଠିକ୍ *ଏଠାରେ* ଦୁଇଟି ଖଣ୍ଡ ଆସନମାନ ଅଛି।

61 ମୁଁ ଚାହୁଁଛି ଯେ ଏହି ସମସ୍ତ ସାନ ସାନ ପୁଅ ଏବଂ ଝିଅମାନେ ଏଠାରେ ଆଗକୁ ଆସନ୍ତୁ,

ଯେଣୁ ମୁଁ ସେମାନଙ୍କ ସହିତ କଥାବାର୍ତ୍ତା କରିପାରେ । ଏଠାରେ, ଏଠାରେ ଆମର କିଛି ଚୌକିମାନ ଅଛି । ଆମେ କେବଳ ଦେଖୁଛୁ ଯେ ତୁମେ କିଛି ଚୌକିମାନ ପାଇଯାଅ । ହଁ, ମହାଶୟ । ସେମାନଙ୍କ ମଧ୍ୟରୁ କେତେକ ଆମକୁ ଠିକ ଏଠାରେ ସାହାଯ୍ୟ କରିବେ । ତେଣୁ, ଆମେମନେ ଚାହୁଁଛୁ ଯେ ଏହା କେବଳ ଏହି ସାନ ସାନ ପୁଅ ଏବଂ ଝିଅମାନଙ୍କ ପାଇଁ ଦିଆ ଯାଉ । ଓଃ, ମୋର ପ୍ରଭୁ! କଅଣ ତାହା ଉତ୍ତମ ନୁହେଁ କି? ବର୍ତ୍ତମାନ ତାହା…ମୁଁ ବିଶ୍ୱାସ କରେ ଯେ ଆପଣଙ୍କୁ ଆଉ ଟିକେ କିଛି ରଖିବାକୁ ପଡିବ, ଭାଇ ନେୱିଲ୍, ମୁଁ ଆଉ କେତେକଙ୍କୁ ଆସୁଥିବାର ଦେଖୁଛି । ଏବଂ ତେବେ ତାହା ଉତ୍ତମ ଅଟେ!

62 ଏଠାରେ କେତେ ଜଣ ମାଆମାନେ ଅଛନ୍ତି? ନିଜର ହାତ ଉଠାନ୍ତୁ । ଓଃ, ତାହା ଅଦ୍ଭୁତ ଅଟେ! ତେବେ, ତାହା ଭଲ ଏବଂ ଉତ୍ତମ ।

63 ତେବେ ଯଦି ସେହି ପଛରେ ଥିବା ତୁମେ ସାନ ଝିଅମାନେ ଏଠାରେ, ଠିକ ଆଗକୁ ଆସିବାକୁ ଚାହିଁବ, ଯଦି ତୁମେମାନେ ମାଆଠାରୁ ଦୂରରେ ରହିବା ହେତୁ ଯଥେଷ୍ଟ ବୟସ୍କ ଅଟ । ଏବଂ ମାଆ ତୁମକୁ ଏଠାକୁ ନେଇକରି ଆସିବାକୁ ଚାହାଁନ୍ତି, ତେବେ, ତାଙ୍କୁ କୁହ ଯେ ସେ ମଧ୍ୟ ଆସନ୍ତୁ । ଏହା ମାଆଙ୍କ ପାଇଁ ମଧ୍ୟ, ଅଟେ । ଠିକ୍ ଅଛି, ବର୍ତ୍ତମାନ ।

64 ପିଲାମାନେ, ମୁଁ ତୁମମାନଙ୍କୁ କହୁଛି, ଆମେ ଠିକ ଗୋଟିଏ ପଦ ପାଠ କରିଛୁ । କଅଣ ତୁମେମାନେ ସମସ୍ତେ ମୋ ସହିତ ଏହାକୁ ଉଦ୍ଧୃତ କରିବାକୁ ଚାହିଁବ କି? କଅଣ ତୁମେମାନେ ସମସ୍ତେ ମୋ ସହିତ ଏହି ପଦଟିକୁ ଉଦ୍ଧୃତ କରିବାକୁ ଚାହିଁବ କି? ତେବେ, ଏହା ସାଧୁ ମାଥିଉ, ତାର 16ତମ ପର୍ବ ଏବଂ 25ତମ ପଦରେ ମିଳେ, ଯାହା ବିଷୟରେ ଆମେମାନେ ଆଲୋଚନା କରିବାକୁ ଯାଉଅଛୁ । ତେବେ ଏହି ସାନ…ପ୍ରତ୍ୟେକ ସାନ ପୁଅ ଏବଂ ଝିଅ, ଆଜି ସକାଳେ, ତେବେ ମୋ ସହିତ ଏହାକୁ ଉଦ୍ଧୃତ କର: [ପୁଅ ଏବଂ ଝିଅମାନେ ଭାଇ ବ୍ରାନହାମ୍ ପଛେ ପଛେ ପୁନରାବୃତ୍ତି କରନ୍ତି—ସମ୍ପା ।] କୁହ, "ସାଧୁ ମାଥିଉ, ତାର 16ତମ ପର୍ବ, 25ତମ ପଦ ।" ବର୍ତ୍ତମାନ ତୁମେମାନେ ମୋ ସହିତ ଉଦ୍ଧୃତ କର: "କାରଣ ଯେ କେହି ଆପଣା ଜୀବନ ରକ୍ଷା କରିବାକୁ ଇଚ୍ଛା କରେ ସେ ତାହା ହରାଇବ; କିନ୍ତୁ ଯେ କେହି ମୋ ନିମନ୍ତେ ଆପଣା ଜୀବନ ହରାଇବ ସେ ତାହା ପ୍ରାପ୍ତ ହେବ ।" ତାହା ପ୍ରାପ୍ତ ହେବ । ଆସନ୍ତୁ ଆମେମାନେ ଏହାକୁ ପୁନର୍ବାର କହିବା: "ଯେ କେହି ମୋ ନିମନ୍ତେ ଆପଣା ଜୀବନ ହରାଇବ ସେ ତାହା ପ୍ରାପ୍ତ ହେବ ।" ଅଦ୍ଭୁତ!

65 ତେବେ, ପୁଅ ଏବଂ ଝିଅମାନେ, ତୁମେ ଜାଣିଛ ଯେ କଅଣ? ଜଗତରେ ଏପରି ବହୁତ ଜିନିଷଗୁଡିକ ଅଛି ଯାହାକି ପ୍ରକୃତରେ ମୂଲ୍ୟବାନ ଅଟେ । ଏବଂ ସେହି ଜିନିଷଗୁଡ଼ିକ ମଧ୍ୟରୁ ଗୋଟିଏ ହେଲା, ତାହା ଆଜି ତୁମ ପାଖରେ ଅଛି, ଏହା ତ ସେହି ପ୍ରାଣ ଯାହାକି ସେହି ଶରୀର ଭିତରେ ଅଛି । ଏବଂ ତାହା ତୁମ ପାଇଁ, ଜଗତରେ ସବୁଠାରୁ ମୂଲ୍ୟବାନ ଜିନିଷ ଅଟେ । କଅଣ ତାହା ଠିକ୍ ଅଟେ, ମାଆ? କୁହନ୍ତୁ, "ଆମେନ୍ ।" [ମାଆମାନେ କୁହନ୍ତି, "ଆମେନ୍ ।"—ସମ୍ପା ।] ସବୁଠାରୁ ମୂଲ୍ୟବାନ ଜିନିଷ ଯାହା ତୁମେମାନେ ପାଇଛ ତାହା ହେଉଛି ତୁମର ପ୍ରାଣ । ଏବଂ ତେବେ ଯଦି ତୁମେ ତୁମର ପ୍ରାଣକୁ ରକ୍ଷା କର, ତାହାହେଲେ ତୁମେ ଏହା

ହରାଇବାକୁ ଯାଉଅଛ । ଏବଂ ଯଦି ତୁମେ ତୁମର ପ୍ରାଣକୁ ହରାଇବ, ତାହାହେଲେ ତୁମେ ଏହାକୁ ପ୍ରାପ୍ତ କରିବାକୁ ଯାଉଅଛ; ଯଦି ତୁମେ ନିଜର ପ୍ରାଣକୁ ଯୀଶୁଙ୍କ ନିକଟରେ ହରାଅ, ଦେଖ । ଅନ୍ୟ ଅର୍ଥରେ, ଯଦି ତୁମେ ଯୀଶୁଙ୍କଠାରେ ବିଶ୍ୱାସ କର, ତେବେ ତୁମେ ତାହାଙ୍କର ଶିଷ୍ୟ ହୋଇଯିବା । ଏବଂ ତାହାପରେ ଯଦି ତୁମେ ତୁମର ଜୀବନକୁ ଯୀଶୁଙ୍କୁ ଦେଇ ଦେବ ଯେତେବେଳେ ତୁମେ ଏପରି ଯୁବାବସ୍ଥାରେ ରହିଥାଅ, ଏବଂ ତାହାହେଲେ ତୁମେ ଯାଉଅଛ... ସେ ଏହାକୁ ଅନନ୍ତ ଜୀବନ ନିମନ୍ତେ ପ୍ରାପ୍ତ କରିବାକୁ ଯାଉଛନ୍ତି । ମାତ୍ର ଯଦି ତୁମେ—ଯଦି ତୁମେ ଏହାକୁ ରକ୍ଷା କରିବାକୁ ଚାହଁ, ତେବେ ତୁମେ ଏହାକୁ ହରାଇବାକୁ ଯାଉଅଛ; ହଁ, ତୁମେ ହରାଇବ । ତୁମେ ଏଠାରେ ଆଖପାଖରେ ଥିବା ଏହି ଅନ୍ୟ ଝିଅ ଏବଂ ପୁଅମାନଙ୍କ ପରି ଆଚରଣ କରିବାକୁ ଚାହଁ, ଏବଂ ବାହାରକୁ ଯାଇ ସେହି କାର୍ଯ୍ୟ କରିବାକୁ ଚାହଁ ଯାହାକି ସେମାନେ କରନ୍ତି, ତାହାହେଲେ ତୁମେ ଯାଉଅଛ—ତୁମେ—ତୁମେ ଏହାକୁ ହରାଇବାକୁ ଯାଉଅଛ । ମାତ୍ର ଯଦି ତୁମେ ତୁମର ଜୀବନକୁ ଯୀଶୁଙ୍କୁ ଦେବାକୁ ଚାହୁଁଛ, ତେବେ ତୁମେ ଏହାକୁ ଅନନ୍ତକାଳ ପାଇଁ ଏବଂ ଚିରଦିନ ପାଇଁ ରକ୍ଷା କରିବାକୁ ଯାଉଛ ।

66 ତେବେ, ବର୍ତ୍ତମାନ ତୁମେ ତାହା ମନେ ରଖ, ଯେ ଏହା ଜଗତର ସବୁଠାରୁ ମୂଲ୍ୟବାନ ଜିନିଷ ଅଟେ, ତାହା ହେଉଛି ତୁମର ଛୋଟ ପ୍ରାଣ । ଏବଂ ଯଦି ତୁମେ ଏହାକୁ ରକ୍ଷା କରିବ, ତୁମେ ଏହାକୁ ହରାଇବ; ଯଦି ତୁମେ ଏହାକୁ ଯୀଶୁଙ୍କୁ ଦେଇ ଦେବ, ତାହାହେଲେ ତୁମେ ଏହାକୁ ପ୍ରାପ୍ତ କରିବ । କଅଣ ତୁମେମାନେ ମୋ ସହିତ ତାହା କହିପାର କି? ଯଦି...[ପୁଅ ଏବଂ ଝିଅମାନେ ଭାଇ ବ୍ରାନହାମ୍‌ଙ୍କ ପଛରେ ପଛରେ ପୁନରାବୃତ୍ତି କରନ୍ତି—ସମ୍ପା ।] କୁହ, "ଯଦି ମୁଁ ଏହାକୁ ରକ୍ଷା କରେ, ତେବେ ମୁଁ ଏହାକୁ ହରାଇବି; ଏବଂ ଯଦି ମୁଁ ଏହାକୁ ଯୀଶୁଙ୍କୁ ଦେଇ ଦିଏ, ତେବେ ମୁଁ ଏହାକୁ ପ୍ରାପ୍ତ କରିବି ।" ତାହାହିଁ ଏହା! ବର୍ତ୍ତମାନ ତୁମେମାନେ ଏହା ବୁଝିଲ । କଅଣ ତାହା ନୁହେଁ...

67 ସମସ୍ତ ମାତାମାନେ ଯିଏକି ଭାବନ୍ତି ଯେ ତାହା ଭଲ ଥିଲା, କୁହନ୍ତୁ, "ଆମେନ୍ ।" [ମାତାମାନେ କୁହନ୍ତି, "ଆମେନ୍!"—ସମ୍ପା ।] ଓଃ, ତାହା ଉତ୍ତମ ଅଟେ! ତାହା ଭଲ ଅଟେ ।

68 ତେବେ, ତୁମେମାନେ ଦେଖ, ସେଠାରେ ଗୋଟିଏ ଜିନିଷ ଅଛି ଯାହାକି ତୁମେମାନେ କରିପାର । ତେବେ, ତୁମେମାନେ ଆଗକୁ ବଢ । ଯଦି ସେମାନେ ଏହିପରି ଆଚରଣ କରିବାକୁ ଚାହାଁନ୍ତି, ଏବଂ ସେମାନଙ୍କର ଜାଗତିକ-ଇଚ୍ଛା ନେବାକୁ ଚାହାଁନ୍ତି...ଯଦି ପୁଅ ଏବଂ ଝିଅମାନେ ସେଠାକୁ ଯାଇ କିଛି ବିଷୟ କରିବାକୁ ଚାହାଁନ୍ତି, ଏବଂ କାହାଣୀ କହିବାକୁ ଏବଂ ଏପରି କିଛି ଭୁଲ୍ କଥା କହିବାକୁ ଚାହାଁନ୍ତି, ଏବଂ—ଏବଂ ଠକିବାକୁ ଏବଂ ଚୋରି କରିବାକୁ, ଏବଂ—ଏବଂ ଖରାପ କାମ କରିବାକୁ, ଏବଂ ବିଦ୍ୟାଳୟରେ ନକଲ କରିବାକୁ, ଏବଂ ଜିନିଷସବୁ କରିବାକୁ ଚାହାଁନ୍ତି, ତେବେ ଯାଅ; ସେମାନେ ହରାନ୍ତି । ସେମାନେ ଏହାକୁ ହରାନ୍ତି । ମାତ୍ର ଯଦି ତୁମେ ଏହାକୁ ଯୀଶୁଙ୍କୁ ଦେଇ ଦେବ, ସେମାନେ ତାହା କରିବେ ନାହିଁ, ଏବଂ ତାହାପରେ ଏହା ତାହାକୁ ପ୍ରାପ୍ତ କରିବେ । ତାହାହିଁ ଅଟେ ଯାହାକି ତୁମେମାନେ କରିବାକୁ ଚାହଁ । କଅଣ ଏହା ନୁହେଁ କି?

69 ତେବେ ଆମେମାନେ ଆମର ଛୋଟ କାହାଣୀ ଆରମ୍ଭ କରିବାକୁ ଯାଉଛୁ । ତେବେ, ତାହା ଆମର ପୃଷ୍ଠଭୂମି ଅଟେ, ବର୍ତ୍ତମାନ ତୁମେମାନେ ତାହା ମନେ ରଖିଥାଅ । ତେବେ ଆସୁ ଆମେମାନେ ଆମର ଛୋଟ କାହାଣୀକୁ ଆରମ୍ଭ କରିବା । ବର୍ତ୍ତମାନ, ବୃଦ୍ଧ ଲୋକମାନଙ୍କୁ, ଏବଂ ସେହି—ସେହି ପିତା ଓ ମାତାମାନଙ୍କୁ, ଆପଣମାନେ ମଧ୍ୟ, ବର୍ତ୍ତମାନ, ଶୁଣନ୍ତୁ; ଆପଣ, ବିଶେଷ କରି ଆପଣ ମାଆ ଏବଂ ବାପାମାନେ । ତେବେ କେବଳ...ଏବଂ ଆମେମାନେ ଆରମ୍ଭ କରିବା । କଅଣ ତୁମେମାନେ ଛୋଟ ଛୋଟ କାହାଣୀଗୁଡିକୁ ପସନ୍ଦ କର କି? କଅଣ ତୁମେମାନେ? ଓଃ, ମୁଁ ସେଗୁଡିକୁ ଭଲ ପାଏ! ବିଶେଷ କରି ତେବେ...ତୁମେମାନେ ଅନେକ କାହାଣୀଗୁଡିକୁ ପଢ଼ି ଥାଅ ଯାହାକି ସତ ନୁହେଁ । ମାତ୍ର ଏହି କାହାଣୀଟି ସତ ଅଟେ, ସଂପୂର୍ଣ୍ଣ ଭାବେ ସତ୍ୟ, ଏହାର ପ୍ରତ୍ୟେକଟି ଶବ୍ଦ ସତ୍ୟ ଅଟେ । ଏହା ପରମେଶ୍ୱରଙ୍କ ବାଇବଲରେ ଅଛି, ତେଣୁ ଏହାକୁ ସତ୍ୟ ହେବା ଆବଶ୍ୟକ, ଦେଖନ୍ତୁ, କାରଣ ଏହା ପରମେଶ୍ୱରଙ୍କ ବାକ୍ୟ ଅଟେ । ପରମେଶ୍ୱରଙ୍କ ବାକ୍ୟ ହେଉଛି ସତ୍ୟ ।

70 "ବର୍ତ୍ତମାନ, ତୁମେ ଜାଣ," କହିଲେ, "ମୁଁ ବହୁତ କ୍ଳାନ୍ତ ହୋଇଯାଇଛି । ମୁଁ—ମୁଁ—ମୁଁ ଏତେ କ୍ଲାନ୍ତ ଅଟେ ଯେ ମରିବା ଭଳି ଲାଗେ ।"

71 "ତେବେ," କହିଲେ, "ତୁମେ କାହିଁକି ଉପର କୋଠରୀକୁ ଯାଇ ଶୋଇ ଯାଉନାହଁ? ଖଟ ଉପରେ, ସେଠାରେ ସୋଫା ଉପରେ ଶୋଇଯାଅ, ଏବଂ ବିଛଣାକୁ ଯାଅ ।"

72 ସେ କହିଲେ, "କିନ୍ତୁ, ଓଃ, ମୁଁ ବହୁତ ଅଧିକ କ୍ଳାନ୍ତ ଅଟେ ।" ସେ କହିଲେ, "ଓଃ, ପ୍ରିୟେ, ଯଦି ତୁମେ ତାହା ଦେଖିଥାନ୍ତ ଯାହା ମୁଁ ଆଜି ଦେଖିଲି! ଓଃ, ମୁଁ...ମୁଁ, କଅଣ...ଏପରିକି ମୁଁ କୌଣସି ରାତ୍ରି ଭୋଜନ ସୁଦ୍ଧା ଚାହେଁ ନାହିଁ! ଓଃ, ଏହା ଭୟଙ୍କର ଅଟେ, ଯେଉଁ ଦୃଶ୍ୟ ମୁଁ ଆଜି ଦେଖିଲି!"

କହିଲେ, "ତେବେ, ଏହା କଅଣ ଯାହା ତୁମେ ଦେଖିଲ?"

73 କହିଲେ, "ତେବେ, ମୁଁ ତାହା ପିଲାମାନଙ୍କ ଆଗରେ, ତୁମକୁ କହିପାରେ ନାହିଁ, ଓଃ, ଏହା ଅତିଶୟ ଭୟଙ୍କର ଅଟେ! ମୋର ପ୍ରଭୁ, ଏହା ତ ଖରାପ ଥିଲା!"

"ତେବେ, ଏହା କଅଣ ଥିଲା ଯାହା ତୁମେ ଦେଖିଲ?"

74 "ତେବେ, ମୁଁ ଉପର କୋଠରୀକୁ ଯାଉଛି ଏବଂ ଅଳ୍ପ ସମୟ ଶୋଇ ପଡିବି, ଏବଂ ତାହାପରେ—ଏବଂ ତାହାପରେ ରାତ୍ରି ଭୋଜନ ଉତ୍ତାରେ ଯେତେବେଳେ ଆମେ ସମସ୍ତ ପିଲାମାନଙ୍କୁ ଶୁଆଇ ଦେବା, ସେତେବେଳେ ମୁଁ ତୁମକୁ କହିବି ଯେ ଆଜି କଅଣ ଘଟିଲା ।"

"ଠିକ ଅଛି," ସେ କହିଲେ ।

75 ଏବଂ ସେ ଉପର କୋଠରୀକୁ ଗଲେ । ସେ ଶୋଇ ପଡ଼ିଲେ । "ଓଃ, ଏତେ କ୍ଳାନ୍ତ! ଓଃ, ମୋର ପ୍ରଭୁ!" ତୁମେମାନେ ଜାଣ ଯେ ବାପା ସେତେବେଳେ କିପରି ଥାଆନ୍ତି ଯେତେବେଳେ କ୍ଳାନ୍ତ ହୋଇଥାଆନ୍ତି, ପ୍ରକୃତରେ କ୍ଳାନ୍ତ ହୋଇଥାଆନ୍ତି!

76 ଏବଂ ଆଉ କିଛି ସମୟ ପରେ, ସେହି ଛୋଟ ଉଜ୍ଜ୍ୱଳ-ଆଖି ଥିବା ଝିଅଟି, ସେ ଚଟାଣରେ ଦୌଡିବାକୁ ଲାଗିଲା, ଏବଂ ଟିକିଏ ଉଚ୍ଚ ପାଟିରେ କଥା କହିବାକୁ ଲାଗିଲା । କହିଲେ, "ଶ-ଶ-ଶ, ଶ-ଶ-ଶ, ତାହା କର ନାହିଁ । ତୁମେ ବାପାଙ୍କୁ ନିଦରୁ ଉଠାଇ ଦେବ । ଏବଂ, ଓଃ, ସେ ଏତେ କ୍ଳାନ୍ତ ହୋଇଯାଇଛନ୍ତି ଯେ ସେ—ସେ ମରିବା ଭଳି ଅନୁଭବ କରୁଥିଲେ । ସେ ଆଉ ବଞ୍ଚିବାକୁ ଚାହୁଁ ନ ଥିଲେ । ଏବଂ ଯଦି ବାପା ସେତିକି କ୍ଳାନ୍ତ ଅଟନ୍ତି, ତେବେ, ଆମକୁ ତାଙ୍କୁ ଆଉ ଟିକିଏ ସମୟ ଶୋଇବାକୁ ଦେବା ଉଚିତ୍ । ତାଙ୍କୁ ଉଠାଇ ଦିଅ ନାହିଁ ।" ଏବଂ ଛୋଟ ମରିୟମ୍, ସେ ବାସ୍ତବରେ ଚୁପ୍‌ଚାପ୍ ରହିବା ନିମନ୍ତେ, ଯାଇ ବସି ପଡ଼ିଲା ।

77 ଆଉ କିଛି ସମୟ ପରେ ସେ ସବୁ ରାତ୍ରି ଭୋଜନ ବିଷୟ ପ୍ରସ୍ତୁତ କରି ସାରିଲେ, ତେବେ ସେ ଚୁପ୍ କରି ପାହାଚ ଉପରକୁ ଗଲେ ଏବଂ ସେ—ସେ ତାଙ୍କୁ ଡାକିଲେ, "ଅମ୍ରାମ?"

78 ଏବଂ ସେ କହିଲେ, "ହଁ, ଜେକୋବେଦ୍, ଏଠାରେ । ମୁଁ ତଳକୁ ଆସୁଛି ।" ତେଣୁ ସେମାନେ ପାହାଚରୁ ତଳକୁ ଓହ୍ଲାଇ ଆସନ୍ତି, ତୁମେମାନେ ଜାଣ, ଏବଂ ସେମାନଙ୍କର ଏକ ସୁନ୍ଦର ଭୋଜନ କଲେ ।

79 ତେବେ ସେମାନେ ରାତ୍ରି ଭୋଜନ କରିସାରିବା ପରେ, ଏବଂ ସେହି ସାନ—ସାନ ପୁଅ ଏବଂ ସାନ ଝିଅ ମଧ୍ୟ ସେମାନଙ୍କର ସମସ୍ତ ଭୋଜନ ଖାଇସାରିଲେ, କାହିଁକି, ସେମାନେ… ମାଆ ଜିନିଷଗୁଡିକୁ ଅନ୍ୟତ୍ର ରଖି ଦେଲେ ଏବଂ ସେ ସେମାନଙ୍କୁ ବିଛଣାରେ ଶୁଆଇ ଦେଲେ ।

80 ଏବଂ ତାହାପରେ ସେ କୋଠରୀକୁ ଗଲେ, ସେ ଏବଂ ତାଙ୍କ ସ୍ୱାମୀ, ଏବଂ ସେମାନେ ବସି ପଡିଲେ । କହିଲେ, "ତେବେ, ବର୍ତ୍ତମାନ, ଏହା କଅଣ ଥିଲା ଯାହା ତୁମେ ଆଜି ଦେଖିଲ, ଅମ୍ରାମ, ଯାହା ତୁମକୁ ଆଜି ରାତି ଏତେ—ଏତେ ବିବ୍ରତ କରି ଦେଲା, ଯେ ତୁମେ ବଞ୍ଚି ରହିବାକୁ ସୁଦ୍ଧା ଇଚ୍ଛା କରୁ ନ ଥିଲ?"

81 "ଓଃ," ସେ କହିଲେ, "ପ୍ରିୟେ, ମୁଁ—ମୁଁ ତ ଏହାକୁ ବୁଝି ହିଁ ପାରୁ ନାହିଁ ।" ସେ କହିଲେ, "ମୁଁ ଦେଖିଲି…ତେବେ, ଆମେ ତ ଏହା ପ୍ରତିଦିନ ଦେଖିଥାଉ, ମାତ୍ର ଆଜି କିଛି ବିଶେଷ ଥିଲା ।" କହିଲେ, "ଓଃ, ମୁଁ—ମୁଁ କଦାଚ ଦେଖିଥିବା ସବୁଠାରୁ ଭୟଙ୍କର ଦୃଶ୍ୟ ଦେଖିଲି ।" କହିଲେ, "ଆମର ବେଚାରା ପିଲାମାନେ, ସେମାନଙ୍କ ମଧ୍ୟରୁ ତ କେହି କେହି ବାର ବର୍ଷରୁ ସୁଦ୍ଧା ଅଧିକ ନୁହଁନ୍ତି, ସେମାନଙ୍କ ବେକର ଚାରିଆଡେ *ସେହିପରି* ଭାବରେ ଦଉଡି ଗୁଡାଇ, ସେହି ବଡ ପୁରୁଣା ୱାଗନ୍‌ଗାଡିକୁ ଟାଣୁଥିଲେ । ଏବଂ ସେହି ବେଚାରା ପିଲାମାନେ ଏତେ ଅଧିକ ଟାଣିଥିଲେ ଯେ ଏପରିକି ସେମାନେ, ସେହି ବହୁତ ବଡ଼ ଚଢାଣୀରେ ଆଉ ଟାଣି ପାରିଲେ ନାହିଁ, ସେଠାରେ ପଛରେ ଥିବା ସେହି ବଡ ପଥରଗୁଡିକ, ଏବଂ ସେମାନେ ଆଉ ଆଗକୁ ଯାଇପାରି ନ ଥିଲେ । ଆଉ କିଛି ସମୟ ପରେ ସେହି ୱାଗନ୍‌ଗାଡିଟି ଚର୍ର ଶବ୍ଦ କରି ପ୍ରକୃତ ଧୀମେଇ ଯିବାକୁ ଲାଗିଲା, ଏବଂ କିଛି ସମୟ ପରେ ଏହା ଅଟକି ଗଲା । ଜଣେ ଲୋକ ସେହି ରାସ୍ତାରେ ଆସିଲା, ଓଃ, ସେ ଜଣେ ଉନ୍ମତ୍ତ ବ୍ୟକ୍ତି ଥିଲା! ସେ ଗର୍ଜନ କଲା, 'ତୁମେମାନେ କାହିଁକି ଏହି ୱାଗନ୍‌ଗାଡିଟିକୁ ଅଟକାଉଅଛ?' 'ୱାମ!' ସେହି ବିରାଟ ବଡ ପୁରୁଣା ସର୍ପ

ଭଳି ଚାବୁକ ସହିତ, ଏବଂ ଏହାକୁ ପିଠି ପଛରେ କୋରଡା ପ୍ରହାର କଲା, ଏବଂ ସେମାନଙ୍କ ପିଠିରୁ ରକ୍ତ ବାହାରି ଗଲା, ଏବଂ ସେହିପରି ଭାବେ ଝରିଗଲା । ଏବଂ ସେହି ବେଚାରା ପିଲାମାନେ କେବଳ ଏହି ଦଉଡିଟିକୁ ଧରି କାନ୍ଦିଥିଲେ ।" କହିଲେ, "ଓଃ, ଜେକୋବେଦ୍! ଆମେମାନେ କଅଣ କରିପାରୁ, ମାଆ?" କହିଲେ, "ଆମେମାନେ ପରମେଶ୍ୱରଙ୍କ ଲୋକ ଅଟୁ । ପରମେଶ୍ୱର ଆମକୁ ଆଶୀର୍ବାଦ କରିଛନ୍ତି । ଆମେ ଅବ୍ରହାମ, ଇସ୍‌ହାକ ଏବଂ ଯାକୁବଙ୍କର ସନ୍ତାନ ଅଟୁ । ଏବଂ ଆମମାନଙ୍କୁ କାହିଁକି ଏହି ଜିନିଷଗୁଡ଼ିକୁ କରିବା ନିମନ୍ତେ ଏଠାରେ ଦାସ ହେବାକୁ ପଡ଼ିଥାଏ? ଓଃ, ସେହି ବେଚାରା ପିଲାମାନେ ଯେଭଳି କାନ୍ଦିଲେ ତାହା ଭୟଙ୍କର ଅଟେ । ଓଃ, ଏବଂ ମୁଁ ପ୍ରାର୍ଥନା କରେ ଏବଂ ମୁଁ ପ୍ରାର୍ଥନା କରେ ଏବଂ ମୁଁ ପ୍ରାର୍ଥନା କରେ, ଜେକୋବେଦ୍, ଏବଂ ଏପରି ମନେ ହୁଏ ଯେପରିକି ପରମେଶ୍ୱର ମୋ କଥାକୁ ଶୁଣନ୍ତି ହିଁ ନାହିଁ । ମୁଁ ପ୍ରାର୍ଥନା କରେ ଏବଂ ମୁଁ ପ୍ରାର୍ଥନା କରେ, ଆଉ ଏପରି ମନେ ହୁଏ ଯେପରିକି ସେ ବଧିର ପାଲଟି ଯାଇଛନ୍ତି, ସେ ମୋତେ ଆଦୌ ଶୁଣନ୍ତି ନାହିଁ । ଏପରି ମନେ ହୁଏ ଯେପରିକି ତାଙ୍କୁ ଆଉ ଅଧିକ ଫରକ୍ ପଡୁ ନାହିଁ ।"

82 "ତେବେ," ସେ କହିଲେ, "ଦେଖ, ଅମ୍ରାମ, ତାହା ତୁମ ପରି ଲାଗୁ ନାହିଁ । ତୁମେ ତ ଜଣେ ପ୍ରକୃତ ବାପା ଅଟ, ଏବଂ ତୁମେ...ତାହା ତୁମ ଭଳି ଲାଗୁନାହିଁ, କାରଣ ତୁମେ ତ ସବୁବେଳେ ଆମକୁ ଉତ୍ସାହିତ କରୁଥାଅ, ଆମକୁ ପରମେଶ୍ୱରଙ୍କ ଉପରେ ବିଶ୍ୱାସ ରଖିବାକୁ କହିଥାଅ ।"

83 "ଓଃ, ମାତ୍ର, ହେ ପ୍ରିୟେ, ଯେତେବେଳେ ମୁଁ ଏତେ ଅଧିକ ପ୍ରାର୍ଥନା କରେ, ଏବଂ ତଥାପି ପରମେଶ୍ୱର ମୋତେ ଶୁଣନ୍ତି ନାହିଁ, ଏବଂ ଏପରି ମନେ ହୁଏ ଯେପରିକି ଏହା ସବୁ ସମୟରେ ଅଧିକ ମନ୍ଦ ହିଁ ହେଉଥାଏ । ମୁଁ ଯେତେ ଅଧିକ ପ୍ରାର୍ଥନା କରେ, ତାହା ସେତେ ଅଧିକ ଖରାପ ହେଉଥାଏ ।"

84 ମାତ୍ର, ହେ ସାନ ପୁଅ ଏବଂ ଝିଅମାନେ, କଅଣ ପରମେଶ୍ୱର ପ୍ରାର୍ଥନା ଶୁଣନ୍ତି କି? [ପୁଅ ଓ ଝିଅମାନେ କୁହନ୍ତି, "ହଁ ।"—ସମ୍ପା ।] ସେ ପ୍ରାର୍ଥନା ଶୁଣନ୍ତି । କଅଣ ପରମେଶ୍ୱର ପ୍ରାର୍ଥନାର ଉତ୍ତର ଦିଅନ୍ତି କି? ["ହଁ ।"] ହଁ । କଅଣ ସେ ପ୍ରକୃତ ଶୀଘ୍ର ଉତ୍ତର ଦିଅନ୍ତି କି? ସବୁବେଳେ ନୁହେଁ । କଅଣ ସେ ଦିଅନ୍ତି? ନା । ବେଳେବେଳେ ସେ ଆମକୁ ଅପେକ୍ଷା କରାନ୍ତି । କଅଣ ତାହା ଠିକ୍ ଅଟେ? ["ହଁ ।"] ମାତ୍ର, ପରମେଶ୍ୱର ପ୍ରାର୍ଥନାର ଉତ୍ତର ଦିଅନ୍ତି, କଅଣ ସେ ଦିଅନ୍ତି ନାହିଁ କି? ଏବଂ କେବଳ ଏହେତୁ ଯେ ସବୁକିଛି ଭୁଲ୍ ଚାଲିଛି, ତାହା କୌଣସି ସଙ୍କେତ ନୁହେଁ ଯେ ଆମେମାନେ ପ୍ରାର୍ଥନା କରିବା ଛାଡି ଦେବା ଉଚିତ୍ । ଆମେମାନେ କେବଳ ପ୍ରାର୍ଥନା କରୁ, ଯେଉଁପ୍ରକାରେ ବି, କଅଣ ନୁହେଁ କି? ତାହା ଠିକ୍ । ତେବେ, ତୁମେ ଠିକ୍ ଉତ୍ତର ଦେଇଛ । ପରମେଶ୍ୱର ପ୍ରାର୍ଥନାର ଉତ୍ତର ଦିଅନ୍ତି । ଆସନ୍ତୁ ଆମେମାନେ ସମସ୍ତେ ଏହାକୁ ଏକତ୍ର ମିଶି କହିବା । "ପରମେଶ୍ୱର ପ୍ରାର୍ଥନାର ଉତ୍ତର ଦିଅନ୍ତି ।" ହଁ । ଯାଏ ଆସେ ନାହିଁ ଯେ ପରିସ୍ଥିତି କଅଣ ଅଟେ, ସେ ତ ଯାହା ହେଲେ ବି, ଉତ୍ତର ଦିଅନ୍ତି । ଠିକ୍ ଅଛି ।

"ତେବେ, କଅଣ ତୁମେ ପୁନର୍ବାର ପ୍ରାର୍ଥନା କରିବାକୁ ଯାଉଛ କି?"

85 "ହଁ।" ଏବଂ ବାପାଙ୍କର ସେଠାରେ ଉପରେ ଛାତ ତଳ ପ୍ରକୋଷ୍ଠରେ ଏକ ଗୁପ୍ତ କୋଠରୀ ରହିଥିଲା ଯେଉଁଠାକୁ ସେ ପ୍ରାର୍ଥନା କରିବାକୁ ଯାଆନ୍ତି। ତେଣୁ ସେ ସେହି ରାତି ସେଠାକୁ ଉଠିକରି ଯାଆନ୍ତି, ସେ ପାର୍ଶ୍ୱରେ ଆଣ୍ଠୁମାଡି ବସିଯାଆନ୍ତି, ସେ କୁହନ୍ତି...ତେବେ ସେ କହିଲେ, "ଜେକୋବେଦ୍, ବର୍ତ୍ତମାନ ତୁମେ ଯାଇ ବିଛଣାରେ ଶୋଇଅ, ଏବଂ ତୁମେ ଓ ପିଲାମାନେ। କାରଣ, ମୋତେ ବ୍ୟଥିତ କର ନାହିଁ, ମୁଁ ବୋଧହୁଏ ଆଜି ରାତି ସାରା ପ୍ରାର୍ଥନା କରିବାକୁ ଯାଉଛି।"

86 ତେଣୁ ସେ ଆଣ୍ଠୁମାଡି ତଳେ ବସି ପଡିଲେ, ଏବଂ ସେ ପ୍ରାର୍ଥନା କଲେ ଏବଂ ସେ ପ୍ରାର୍ଥନା କଲେ। ମୁଁ ଦେଖୁଛି ଯେ ସେ ତାଙ୍କ ହାତ ଉଠାଇ, ଏହା କହୁଛନ୍ତି, "ହେ ଅବ୍ରହାମ, ଇସ୍ହାକ, ଏବଂ ଯାକୁବର ପରମେଶ୍ୱର, ତୁମ ଲୋକମାନଙ୍କୁ କରିଥିବା ତୁମର ପ୍ରତିଜ୍ଞାକୁ ମନେ ପକାଅ! ଏଠାରେ ଆମେମାନେ ତଳେ ମିସରରେ ଏଠାରେ ଅଛୁ, ଏବଂ ଆମେମାନେ ଦାସତ୍ୱରେ ଅଛୁ। ଏବଂ, ଓଃ, ଆମର ନିଷ୍ଠୁର କର୍ତ୍ତୃତ୍ୱକାରୀମାନେ ଆମକୁ ଏହି କାର୍ଯ୍ୟ କରିବାକୁ ବାଧ୍ୟ କରୁଛନ୍ତି—କରୁଛନ୍ତି, ଏବଂ ଆମମାନଙ୍କୁ କୋରଡା ପ୍ରହାର କରୁଛନ୍ତି, ଏବଂ ଆମର ବେଚାରା ଲୋକମାନଙ୍କୁ ନିର୍ବସ୍ତ୍ର କରି—କରି ଉଲଗ୍ନ କରାଯାଉଛି, ଏବଂ ସେମାନେ ଆମକୁ ଚାବୁକରେ ମାରୁଛନ୍ତି। ଏବଂ ଆମେ ତୁମର ଲୋକ ଅଟୁ। ହେ ପରମେଶ୍ୱର, ନିଶ୍ଚିତ ଭାବରେ ତୁମେ ପ୍ରାର୍ଥନା ଶୁଣିବ! ନିଶ୍ଚିତ ଭାବରେ ତୁମେ ପ୍ରାର୍ଥନାର ଉତ୍ତର ଦେବ! ଏବଂ ମୁଁ ପ୍ରାର୍ଥନା କରେ ଏବଂ ମୁଁ ପ୍ରାର୍ଥନା କରେ ଏବଂ ମୁଁ ପ୍ରାର୍ଥନା କରେ, ଏବଂ ଏପରି ମନେ ହୁଏ ଯେ ଏପରିକି ତୁମେ ମୋତେ ଉତ୍ତର ସୁଦ୍ଧା ଦେଉନାହଁ। ମାତ୍ର, ହେ ପରମେଶ୍ୱର, ମୁଁ ବିଶ୍ୱାସ କରେ ଯେ ତୁମେ ପରମେଶ୍ୱର ଅଟ, ଏବଂ ତୁମେ ଶେଷରେ ପ୍ରାର୍ଥନାର ଉତ୍ତର ଦେବ।" ଏବଂ ସେ ସେହିପରି ଭାବରେ, ପ୍ରାୟଃ ରାତିସାରା ପ୍ରାର୍ଥନା କଲେ।

87 ଏବଂ ପରଦିନ ସକାଳେ, ପ୍ରାୟଃ ତିନି କିମ୍ବା ଚାରି ଘଟିକାରେ, ସେ ସେହି ଛୋଟ ପାହାଚରୁ ଓହ୍ଲାଇ ଆସନ୍ତି। ଏବଂ ସେ ସେଠାକୁ ଅନାନ୍ତି, ଏବଂ ସେଠାରେ ତାଙ୍କର ସୁନ୍ଦର ଛୋଟ ପତ୍ନୀ, ଛୋଟ ଜେକୋବେଦ୍ ଥିଲେ। ସେ ସେଠାରେ ଶଯ୍ୟାରେ ଶୋଇ ରହିଥିଲେ। ଏବଂ ଛୋଟ ହାରୋଣ ଏବଂ ଛୋଟ ମରିୟମଙ୍କୁ ବିଛଣାରେ ଶୁଆଇ ସାରିଥିଲେ, ତେଣୁକରି ସେମାନେ ସେତିକି ଶୋଇ ରହିଥିଲେ ଯେତିକି ସେମାନେ ଶୋଇପାରିଥାନ୍ତି, ଏବଂ ଶୋଇ ରହିଥିଲେ। ଠିକ୍ ଅଛି। ସେ ତାଙ୍କୁ କହିଲେ...ସେ କହିଲେ, "ଏହା ବିଳମ୍ବ ହେଉଅଛି, ଏବଂ ତୁମେ ତ ବର୍ତ୍ତମାନ ହେଉଅଛ..."

88 "ହଁ, ମୁଁ ରାତିସାରା ପ୍ରାର୍ଥନା କରିଛି।" ତାଙ୍କ ଆଖିଗୁଡିକ ଲୁହରେ ଦାଗ ହୋଇଯାଇଥିଲା, କାରଣ ସେ ଲୋକମାନଙ୍କ ପାଇଁ କାନ୍ଦିଥିଲେ।

89 ସେ କହିଲେ, "ଦେଖ, ଅମ୍ରାମ, ତୁମକୁ ଏହି ବିଷୟ ଉପରେ ଅଧିକ କଠିନ ହେବା ଉଚିତ୍ ନୁହେଁ।"

90 "ତେବେ," ସେ କହିଲେ, "ପ୍ରିୟେ, ଶୁଣ। ତାହା ଭଲ ଅଟେ। ମାତ୍ର ବର୍ତ୍ତମାନ ଦେଖ,

ତୁମର ଏଠାରେ ଦୁଇଟି ସନ୍ତାନ ଅଛନ୍ତି ଯାହାଙ୍କର ଲାଳନପାଳନ କରାଯିବାକୁ ଅଛି । ଏବଂ ସେହି ଭାର ମୋର ଅଟେ । ଯଦି କେହି ଆମର ବେଚାରା ଲୋକମାନଙ୍କ ପାଇଁ ପ୍ରାର୍ଥନା ନ କରିବେ, ତେବେ ସେମାନଙ୍କର କଅଣ ହେବ? ଯଦି କାହାରି ହୃଦୟରେ ଲୋକମାନଙ୍କ ପାଇଁ ଭାବନା ନ ରୁହେ ତେବେ କଅଣ ଘଟିବାକୁ ଯାଉଅଛି? କାହାରିକୁ ତ ପ୍ରାର୍ଥନା କରିବାକୁ ଅଛି ।"

"ତେବେ," ସେ କୁହନ୍ତି, "ଅମ୍ରାମ, ସମସ୍ତ ଭାର କେବଳ ତୁମର ନୁହେଁ ।"

91 "ତେବେ, ଏହା ସେହିପରି ମନେ ହୁଏ । ଏବଂ ଯାହା ବି ହେଉ, ମୁଁ ପ୍ରାର୍ଥନା କରିବି, ଯେକୌଣସି ପ୍ରକାରେ, ସବୁ ସମୟରେ!"

92 ସେଦିନ କାମ କରିବାକୁ ଯାଆନ୍ତି । ଏବଂ ପ୍ରତିଦିନ ସେ ଆସନ୍ତି ଏବଂ ଯାଆନ୍ତି, ଏବଂ ସେହି ପୁରୁଣା ପରିଶ୍ରମ । ଏବଂ ତାଙ୍କର ଏକ କଠିନ କାର୍ଯ୍ୟ ଥିଲା । ତାଙ୍କୁ କରିବାକୁ ପଡୁଥିଲା...ସେମାନେ ବହୁତ ବଡ଼ ଛାଞ୍ଚରେ ଡାମର ଢାଳୁଥିଲେ, ଏବଂ ତାଙ୍କୁ ସେହି ବଡ ଚୁଲି ପାଖରେ ଛିଡା ହେବାକୁ ପଡୁଥିଲା । ଯେତେବେଳେ ସେମାନେ ଏହାକୁ ଖୋଲୁଥିଲେ, ଓଃ, ମୋର ପ୍ରଭୁ, ଏହା ପ୍ରାୟଃ ତାଙ୍କର ଚର୍ମକୁ ଛିଣ୍ଡାଇ ଦେଉଥିଲା, ସେହି ଭୟଙ୍କର ଉତ୍ତାପ! ସେ ସେହି ଇଟାଗୁଡ଼ିକୁ ପୁନର୍ବାର ସେଠାରେ ରଖୁଥିଲେ ଏବଂ ଚୁଲିରେ ପୋଡୁଥିଲେ, ସେଗୁଡିକୁ ବାହାରକୁ ଆଣୁଥିଲେ; ଯେପରିକି ବଡ଼ ବଡ଼ ରାସ୍ତା, ଏବଂ ବହୁତ ବଡ଼ ଉଚ୍ଚ ଦୁର୍ଗ, ଦେବତାମାନଙ୍କର ପ୍ରତିମା ଏବଂ ସବୁକିଛି ନିର୍ମାଣ କରାଯାଏ । ଏବଂ ଏହି ପ୍ରକୃତ ଖ୍ରୀଷ୍ଟିଆନ ବ୍ୟକ୍ତିଜଣକ ସେଠାରେ ତଳେ ସେହିପରି ଭାବରେ, ଶତ୍ରୁ ପାଇଁ କାମ କରୁଥିଲେ । ମାତ୍ର ସେ ଜଣେ କ୍ରୀତଦାସ ଥିଲେ, ସେ ଦାସତ୍ୱ ବନ୍ଧନରେ ଥିଲେ । ତାଙ୍କୁ ଏହା କରିବାକୁ ପଡିଥିଲା ।

93 ପ୍ରତିଦିନ ରାତିରେ ଯେତେବେଳେ ସେ ଘରକୁ ଆସନ୍ତି, ସେ ପ୍ରାର୍ଥନା କରିଥାଆନ୍ତି । ଏବଂ ପୁନର୍ବାର ପାହାଚ ଉପରକୁ ଯାଆନ୍ତି, ଏବଂ ପ୍ରାର୍ଥନା କରନ୍ତି ଓ ପ୍ରାର୍ଥନା କରନ୍ତି ଓ ପ୍ରାର୍ଥନା କରନ୍ତି, ଏବଂ ତଳକୁ ଫେରିଆସନ୍ତି । ଅଧିକ କିଛି ଭଲ ହେଲା ନାହିଁ; ଖରାପ ହେବାକୁ ଲାଗିଲା ।

94 ଏବଂ ଗୋଟିଏ ଦିନ କାମରେ ସେ ଏକ ଗୁଜବ ଶୁଣିଲେ । କହିଲେ, "ତାହା କଅଣ? ତାହା କଅଣ? ମୋତେ କୁହ!" କେହି ଜଣେ ଅନ୍ୟର କାନରେ ଫୁସ୍ ଫୁସ୍ କରି କହିଲା । କିଛି ସମୟ ପରେ, ସେହି ଦିନ ସରିବା ପୂର୍ବରୁ, ଏହା ସମଗ୍ର ଦେଶରେ ବ୍ୟାପ୍ତ ହୋଇ ଯାଇଥିଲା, ଯେ କଅଣ ଘଟିବାକୁ ଯାଉଅଛି ।

95 ଏହା କଅଣ ଥିଲା? ସେହି ରାତିରେ ଏକ ପରିଷଦ ବୈଠକ ହେବାକୁ ଯାଉଥିଲା । ପୁରୁଣା ରାଜା ଫାରୋ, ସେହି ବୃଦ୍ଧ ଦୁଷ୍ଟ ରାଜା ତାଙ୍କର ସମସ୍ତ ଲୋକମାନଙ୍କୁ ଏକତ୍ର ଡାକି, ଅନ୍ୟ ଏକ ବଡ଼ ପରିଷଦ କରିବାକୁ ଯାଉଥିଲେ । ତେଣୁ ସେମାନଙ୍କର ସେଠାରେ ତଳେ ଏହି ମହାନ ପରିଷଦ ବୈଠକ ଅନୁଷ୍ଠିତ ହେଲା ।

96 ତେଣୁ ସେଦିନ ରାତିରେ ଯେତେବେଳେ ସେ ଭିତରକୁ ଗଲେ, ଓଃ, ସେ ସମ୍ପୂର୍ଣ୍ଣ ଭାବରେ ଥକି ଯାଇଥିଲେ । ସେ ଭିତରକୁ ଯାଆନ୍ତି, ଏବଂ ତାଙ୍କ ପତ୍ନୀ କହିଲେ, "ଅମ୍ରାମ, ପ୍ରିୟ," ସେ ତାଙ୍କୁ ଦ୍ୱାରରେ ଭେଟି ଚୁମ୍ବନ କଲେ, ଏବଂ କହିଲେ, "ମୁଁ ତୁମର ଭୋଜନକୁ ପ୍ରକୃତରେ

ଭଲ ଭାବରେ ପ୍ରସ୍ତୁତ କରି ଉଷ୍ମ ରଖିଛି । କିନ୍ତୁ," କହିଲେ, "ପ୍ରିୟେ, ତୁମେ ଏତେ ମଳିନ ଦେଖାଯାଉଛ । କଅଣ ହେଲା?"

97 କହିଲେ, "ଓଃ, ଜେକୋବେଦ୍, ଯଦି ତୁମେ କେବଳ ଜାଣିଥାଆନ୍ତ ଯେ କଅଣ ଘଟୁଅଛି! ଓଃ, ଏହା ତ ପୂର୍ବ ଅପେକ୍ଷା ଅଧିକ ମନ୍ଦ ଅଟେ!"

"କଅଣ?"

98 "ଶ-ଶ, ଏହାକୁ କହିପାରେ ନାହିଁ, ପିଲାମାନେ ଆଖପାଖରେ ଅଛନ୍ତି । ରାତ୍ରି ଭୋଜନ ପର୍ଯ୍ୟନ୍ତ ଅପେକ୍ଷା କର, ଏବଂ ମୁଁ ତୁମକୁ ଏହା ବିଷୟରେ କହିବି ।"

"ଠିକ ଅଛି ।"

99 ତେଣୁ, ସେ ରାତ୍ରି ଭୋଜନ ପ୍ରସ୍ତୁତ କରି ସାରିଲେ । ଏବଂ ଉଠି ରାତ୍ରି ଭୋଜନ କରି ସାରି, ସମସ୍ତ ଛୁଆମାନଙ୍କୁ ନେଇ ଶଯ୍ୟାରେ ଶୁଆଇ ଦେଲେ ।

100 ତେଣୁ, ସେମାନେ ଭିତରକୁ ଗଲେ । ସେ କହିଲେ, "ଜେକୋବେଦ୍, ମୁଁ ତୁମକୁ କିଛି କହିବାକୁ ଚାହେଁ ।" କହିଲେ, "ସବୁଠାରୁ ଏକ ଭୟଙ୍କର ବିଷୟ ଘଟୁଅଛି ।"

"କଅଣ?"

101 କହିଲେ, "ସେମାନେ ଆଜି, ଆଜି ରାତିରେ ଆଉ ଏକ ପରିଷଦ ବୈଠକ କରିବାକୁ ଯାଉଛନ୍ତି । ଏବଂ ଯେତେବେଳେ ସେମାନେ କରିବେ, ସେମାନେ ଆମ ଉପରେ ଆହୁରି ଅଧିକ କିଛି ବୋଝ ରଖିବାକୁ ଯାଉଛନ୍ତି ।"

102 ତେଣୁକରି, ତେବେ, ଆସ୍ତୁ ଆମେମାନେ ରାଜପ୍ରାସାଦକୁ ଯାଉ । ରାଜା ଫାରୋ ସେସମସ୍ତଙ୍କୁ ସେଠାକୁ ଆଣି, କହିଲେ, "ଠିକ୍ ଅଛି, ତୁମେ ସମସ୍ତ ସେନାଧ୍ୟକ୍ଷମାନେ! ଏଠାରେ ତୁମମାନଙ୍କ ସହିତ ମାମଲା କଅଣ? ମୁଁ ମୋର ଆଦେଶକୁ ଏଠାରେ ଦେଉଅଛି! ଏହି ଲୋକମାନେ ସବୁବେଳେ ସଂଖ୍ୟାରେ ବୃଦ୍ଧି ପାଉଛନ୍ତି! ମାମଲାଟି କଅଣ? କଅଣ ଆମେ ଏହାକୁ ରୋକି ପାରିବା ନାହିଁ କି?" କହିଲେ, "କୌଣସି ଦିନ ଏଠାରେ ଆଉ ଏକ ସୈନ୍ୟଦଳ ଆସିଯିବ । ଏବଂ ଆମର ଏହି ସମସ୍ତ ଶତ୍ରୁମାନେ, ସେଠାରେ ବାହାରେ ଗୋଶେନରୁ, ଏହି ଇସ୍ରାଏଲୀୟମାନେ, ଏହି ସୈନ୍ୟଦଳ ସହିତ ନିଜକୁ ଯୋଗ କରିଦେବେ, ଏବଂ ସେମାନେ ଆମକୁ ପରାସ୍ତ କରିଦେବେ । ଏବଂ ଆମର ମହାନ ଅର୍ଥନୀତି ଧ୍ୱଂସ ହୋଇଯିବ, ଆମର ମହାନ ରାଜ୍ୟ ବିଧ୍ୱଂସ ହେବ । ସେମାନେ ଆମକୁ ଅଧିକାର କରି ନେବେ । ତୁମମାନଙ୍କ ସାହିତ ମାମଲା କଅଣ ଅଟେ? କୁହ, କେହି ଜଣେ ହେଲେ କୁହ! ତୁମେମାନେ କିଛି କହିବାକୁ ଜାଣି ନାହଁ କି?" ଓଃ, ସେ ନିଷ୍ଠୁର ଏବଂ ଅତି ନିଷ୍ଠୁର ଥିଲେ । ଏହି ସମସ୍ତ ସେନାଧ୍ୟକ୍ଷମାନେ, କମ୍ପିତ ହେଉଥିଲେ ।

ସେମାନଙ୍କ ମଧ୍ୟରୁ ଜଣେ ଛିଡା ହୋଇ, କହିଲା, "ରାଜା ଫାରୋ ଚିରଞ୍ଜୀବୀ ହୁଅନ୍ତୁ ।"

"ତେବେ, କୁହ ତୁମେ କଅଣ କହିବାକୁ ଯାଉଛ!"

103 କହିଲା, "ରାଜା ଚିରଞ୍ଜୀବୀ ହୁଅନ୍ତୁ । ମହାମହିମ, ରାଜନ," ସେ କହିଲା, "ମୁଁ ଇଚ୍ଛା କରେ ଯେ ଆପଣ ଲୋକମାନଙ୍କ ଉପରେ ଅଧିକ ବୋଝ ଲଦି ଦିଅନ୍ତୁ ।"

104 "ତୁମେ ମନ୍ଦ-ବୁଦ୍ଧି! ତୁମେ ଆଗରୁ ଲୋକମାନଙ୍କ ଉପରେ ପ୍ରଚୁର ବୋଝ ଲଦି ଦେଇଛ, ଏବଂ ତଥାପି ସେମାନେ ବୃଦ୍ଧ ପାଉଛନ୍ତି । କାହିଁକି, ତୁମେ, ଯଦି ତାହାହିଁ ସବୁ କିଛି ବିଚାର ଯାହା ତୁମର ଅଟେ, ତେବେ ଏହାକୁ କେବଳ ନିଜ ପାଖରେ ରଖ!" ଓଃ, ସେ ରୁକ୍ଷ ଥିଲେ ।

105 କିଛି ସମୟ ପରେ ଜଣେ, ନିଜ ମୁହଁରେ ଶୟତାନ ପରି, ବହୁତ ବଡ ହସ ରଖି ଉଠିଲା । ଏବଂ ସେ କହିଲା, "ରାଜା ଫାରୋ ଚିରଞ୍ଜୀବୀ ହୁଅନ୍ତୁ ।" କହିଲା, "ମୋ ପାଖାରେ ଗୋଟିଏ ବିଚାର ଅଛି ।"

କହିଲେ, "ତେବେ, କୁହ! ସେଠାରେ ସେହିପରି ଭାବରେ ଛିଡା ହୁଅ ନାହିଁ!"

106 ସେ କହିଲା, "ମୁଁ ଆପଣଙ୍କୁ କହିବି ଯେ ଆମେମାନେ କଅଣ କରିପାରିବା ।" କହିଲା, "ଆପଣ ଜାଣନ୍ତି, ଏହି ଲୋକମାନେ ଏତେ ଦ୍ରୁତ ଗତିରେ ବୃଦ୍ଧି ପାଉଛନ୍ତି ।"

107 "ହଁ, ତାହା ଠିକ୍ ଅଟେ!" କହିଲା, "ସେମାନଙ୍କ ମଧ୍ୟରୁ କେତେକ, ସେମାନଙ୍କ ମଧ୍ୟରୁ ତ କେତେକଙ୍କର ଏପରିକି ଚଉଦଟି ସନ୍ତାନ ଥାଆନ୍ତି, ବେଳେବେଳେ ସେମାନଙ୍କର କୋଡ଼ିଏଟି ସନ୍ତାନ ଥାଆନ୍ତି । ଏବଂ ଆମ ଲୋକମାନଙ୍କର ତ ବୋଧହୁଏ ଗୋଟିଏ ବି ନ ଥାଏ ।" କହିଲା, "ସେମାନେ ଏତେ ଦ୍ରୁତ ଗତିରେ ବୃଦ୍ଧି ପାଉଛନ୍ତି, ସେମାନେ ତ କେବଳ ସମଗ୍ର ଦେଶକୁ ମାଡି ଯାଉଛନ୍ତି ।"

108 ଦେଖନ୍ତୁ, ପରମେଶ୍ୱର କିଛି ଗୋଟାଏ ବିଷୟ କରୁଥିଲେ । ଦେଖନ୍ତୁ, ପରମେଶ୍ୱର ସର୍ବଦା ଶୟତାନର ଆଖି ଉପରେ ପଶମ ଟାଣି ଦିଅନ୍ତି, ଆପଣ ଦେଖନ୍ତୁ । ବୁଝିଲେ? ସେ ଜାଣନ୍ତି ଯେ ସେ କଅଣ କରୁଅଛନ୍ତି । ବୁଝିଲେ? ଏବଂ ଏହି ସମସ୍ତ ସ୍ତ୍ରୀମାନେ ତ କେବଳ ବହୁତ ସନ୍ତାନ ଧାରଣ କରୁଥିଲେ ।

109 "କାହିଁକି," ସେ କହିଲା, "ରାଜା ଚିରଞ୍ଜୀବୀ ହୁଅନ୍ତୁ । ତେବେ, ମୁଁ ଆପଣଙ୍କୁ କହିବି ଯେ କଅଣ । ପ୍ରତ୍ୟେକ ଥର ଯେତେବେଳେ ଜଣେ ସ୍ତ୍ରୀଲୋକ ଏକ ଛୋଟ ବାଳକ ଶିଶୁକୁ ଜନ୍ମ ଦିଅନ୍ତି...ଏଠାରେ ଦେଶ ମଧ୍ୟକୁ ଯାଇ ଏପରି କିଛି ସ୍ତ୍ରୀଲୋକମାନଙ୍କୁ ନିଅ ଯେଉଁମାନେକି ନୁହଁନ୍ତି...ଯେଉଁମାନେକି ମାତା ନୁହଁନ୍ତି। ଆପଣ ଦେଖନ୍ତୁ, ସେହି ସ୍ତ୍ରୀଲୋକମାନେ ଯେଉଁମାନଙ୍କର କେବେବି ସନ୍ତାନସନ୍ତତି ହୋଇ ନ ଥିଲା, ସେହି ସ୍ତ୍ରୀଲୋକମାନେ ଯେଉଁମାନେକି ସନ୍ତାନ ଚାହାଁନ୍ତି ନାହିଁ ଏବଂ ଶିଶୁମାନଙ୍କୁ ପ୍ରେମ କରନ୍ତି ନାହିଁ, ପୁରୁଣା ଲମ୍ବା-ନାକ ଥିବା ଯାଦୁକରମାନେ । ଦେଖନ୍ତୁ, ନାକ ଯେତେ ଅଧିକ ଲମ୍ବା ଥିବ, ସେତିକି ଭଲ! ପୁରୁଣା ଲମ୍ବା ଲମ୍ବା ଆଙ୍ଗୁଠି, ଚିତ୍ରିତ-ମୁଖମଣ୍ଡଳ, ଏବଂ ସେମାନଙ୍କୁ ନେଇକରି ଆସ । ସେମାନେ ଜାଣନ୍ତି ନାହିଁ ଯେ ଜଣେ ମାତାର ପ୍ରେମ କଅଣ ହୁଏ । ତେବେ ଯେତେବେଳେ ଏକ ଛୋଟ ବାଳକ ଶିଶୁ ଜନ୍ମ ହୁଏ, କାହିଁକି, ସେମାନଙ୍କୁ ଯାଇ ସେହି ଛୋଟ ବାଳକଟିକୁ ନେବାକୁ ଦିଅନ୍ତୁ, ଆଉ ତାକୁ ବାହାରକୁ ଆଣି ତାର ମୁଣ୍ଡକୁ କାନ୍ଥରେ ଛେଚି ଦିଅନ୍ତୁ, ଏହାକୁ ସେହି ଘରେ

ମାଆ ପାଖରେ ସେପରି ଭାବରେ ଫିଙ୍ଗି ଦିଅନ୍ତୁ । ତାକୁ ଏକ ବଡ କୂଅରେ ଫିଙ୍ଗି ଦିଅନ୍ତୁ । ଓଃ, ତାହାଠାରୁ ଅଧିକ ଉତ୍ତମ, ତାକୁ ବାହାରକୁ ନେଇ ତାର ହାତ ଗୋଡକୁ ବାନ୍ଧି ଦିଅନ୍ତୁ, ଏବଂ ବାହାରେ ଫିଙ୍ଗି ଦେଇ, କୁମ୍ଭୀରମାନଙ୍କୁ ଖାଇବାକୁ ଦେଇ ମୋଟା କରନ୍ତୁ । ଏଥିରୁ ମୁକ୍ତି ପାଇବା ପାଇଁ ତାହା ହେଉଛି ସେହି ଉପାୟ । ତେବେ ସେମାନେ ଆଉ ଅଧିକ ବୃଦ୍ଧି ପାଇବେ ନାହିଁ, କାରଣ ସେଠାରେ ଆଉ କୌଣସି ପୁରୁଷ ବାକି ରହିବେ ନାହିଁ; ସମସ୍ତ ଛୋଟ ବାଳକ ଶିଶୁମାନେ ହତ୍ୟା କରା ଯାଇଥିବ ।"

110 "ଓଃ," ଫାରୋ କୁହନ୍ତି, "ତାହା ଉତ୍ତମ! ତାହା ଏକ ଭଲ ବିଚାର ଅଟେ!" ଦେଖନ୍ତୁ ଯେ ଶୟତାନ କଅଣ ଅଟେ? ସେ ଦୁଷ୍ଟ ଅଟେ, କଅଣ ନୁହେଁ କି? କହିଲେ, "ତେଣୁ ତାହାହିଁ କରିବାର ବିଷୟ ଅଟେ! ଯାଅ ନେଇ ଆସ...ତୁମ ପାଖରେ ଅଛି...ତେବେ, ଯେହେତୁ ତୁମେ ଏହି ବିଚାର ଦେଇ ଅଛ, ତେବେ ମୁଁ ତୁମକୁ ହିଁ ଏହା ଉପରେ ତଦାରଖକାରୀ ଭବରେ ରଖିବି । ତୁମେ ବାହାରି ଯାଇ ସେସମସ୍ତ ବୃଦ୍ଧ ସ୍ତ୍ରୀଲୋକମାନଙ୍କୁ ଆଣ ଯାହା ବିଷୟରେ ତୁମେ ଜାଣିଛ, ଯେଉଁମାନେକି—ଯେଉଁମାନେକି କେବେ ମାଆ ହୋଇ ନାହାଁନ୍ତି, ଏବଂ ସେମାନେ ଶିଶୁମାନଙ୍କୁ ପ୍ରେମ କରନ୍ତି ନାହିଁ । ଏବଂ ସେମାନେ..." ସେମାନେ...

111 ତୁମେମାନେ ଦେଖ, ଜଣେ ଶିଶୁକୁ ପ୍ରେମ କରିବା ପାଇଁ ଏହା ଜଣେ ମାଆକୁ ଆବଶ୍ୟକ କରେ । ତୁମର ମନେ ଅଛି ଯେ ମାଆ ତୁମକୁ କିପରି ପ୍ରେମ କରୁଥିଲେ? ତେବେ, ବର୍ତମାନ ଦେଖ, ମାଆ ସାନ ଶିଶୁମାନଙ୍କୁ ପ୍ରେମ କରନ୍ତି ।

112 ମାତ୍ର ସେମାନଙ୍କୁ ତ ଏପରି କାହାରିକୁ ନେବାକୁ ଥିଲା ଯେଉଁମାନଙ୍କରକି—ଯେଉଁମାନଙ୍କରକି ସେମାନଙ୍କର ନ ଥିଲା...ଯେଉଁମାନଙ୍କର କୌଣସି ସନ୍ତାନ ନ ଥିଲା, କୌଣସି ସନ୍ତାନ ଚାହୁଁ ନ ଥିଲେ, କେବଳ—କେବଳ—କେବଳ ବାସ୍ତବ ବୃଦ୍ଧା ଦୁଷ୍ଟ ସ୍ତ୍ରୀଲୋକମାନ । ଏବଂ କହିଲା, "ସେମାନଙ୍କୁ ପୋଲିସ୍ ଆରକ୍ଷୀ କରି ଦିଅ । ଏବଂ ଯେତେବେଳେ ତୁମେ ସେମାନଙ୍କୁ ପୋଲିସ୍ ଆରକ୍ଷୀ କର, ଏବଂ ସେମାନଙ୍କୁ ଆଦେଶ ଦିଅ ଯେ ସେମାନେ ଯେକୌଣସି ଘରକୁ ଚାହିଁବେ ଯାଇପାରିବେ, ଏବଂ ପ୍ରତ୍ୟେକ ସାନ ଛୁଆକୁ ବାହାରକୁ ନେଇ ତାର ମୁଣ୍ଡକୁ ଗୋଟିଏ କାଛରେ ଛେଚି ଦେଇପାରିବେ, ଏବଂ ତାକୁ କୁମ୍ଭୀରମାନଙ୍କୁ ଭୋଜନ ନିମନ୍ତେ ଦେଇପାରିବେ । ପ୍ରତ୍ୟେକ ସାନ ଶିଶୁ!" ଓଃ, କେତେ ନିଷ୍ଠୁର! ତାହାପରେ ତୁମେ ଜାଣିଛ କି ସେମାନେ କଅଣ କଲେ?

"ଠିକ ଅଛି, ତାହା ଭଲ!"

113 ତାହାପରେ ପରଦିନ ଯେତେବେଳେ ଅମ୍ରାମ ସେଠାରେ ତଳେ କାମ କରୁଥିଲେ, ସେ ଶୁଣିଲେ ଯେ ସେହି ଆଦେଶଟି ଜାରି କରା ଯାଇଛି ।

114 ଓଃ, ସେ ଘରକୁ ଗଲେ । ସେ କୁହନ୍ତି, "ଓଃ, ଜେକୋବେଦ୍! ହେ ପ୍ରିୟେ, ମୋତେ ତୁମକୁ କିଛି କହିବାକୁ ଦିଅ । ତୁମେ ଜାଣିଛ ଯେ ଜାରି କରା ଯାଇଥିବା ସେହି ଆଦେଶ ଟି, କଅଣ ଅଟେ? ସମସ୍ତ ସାନ ଛୁଆମାନଙ୍କୁ ହତ୍ୟା କର ।" ଏବଂ ସେ ତାଙ୍କୁ କହିଲେ । କହିଲେ, "ଓଃ, ମୁଁ

ଏହାକୁ ସହିପାରୁ ନାହିଁ ।” ଉପର କୋଠରୀକୁ, ସେ ପୁଣି ପ୍ରାର୍ଥନା କରିବାକୁ ଗଲେ । ସେହି ରାତି ସେ ପୂର୍ବରୁ କେବେ ନ କରିଥିବା ପରି ପ୍ରାର୍ଥନା କଲେ ।

115 କଅଣ ଆମେ ପ୍ରାର୍ଥନା କରି ଚାଲିବା ଉଚିତ୍ କି? ଓଃ, ପ୍ରାର୍ଥନା କର! କଅଣ ଏହା ଠିକ୍ କି? ଯାହା ହେଉନା କାହିଁକି, କେବଳ ପ୍ରାର୍ଥନା କରି ଚାଲନ୍ତୁ । ପ୍ରାର୍ଥନା ଜାରି ରଖିଥାନ୍ତୁ!

116 ବର୍ତ୍ତମାନ, ଏବଂ ପ୍ରଥମ କଥା ତୁମେ ଜାଣିଛ, ସେ ରାତିସାରା ପ୍ରାର୍ଥନା କଲେ, “ହେ ପରମେଶ୍ୱର, ଦୟା କର! ସାହାଯ୍ୟ କର, ପରମେଶ୍ୱର! ଆମେ ପ୍ରାର୍ଥନା କରୁଛୁ ଯେ ତୁମେ ଆମକୁ ଯେକୌଣସି ଉପାୟରେ ବି ସାହାଯ୍ୟ କରିବ ।” ପ୍ରାୟଃ ଦିବାଲୋକ ବେଳେ, ସେ ତଳକୁ ଆସିଲେ ।

117 ଦିନ ପରେ ଦିନ, ଏବଂ, ଓଃ, ସାରା ଦେଶରେ କି ଏକ ହଲଚଲ ହୋଇଗଲା! ପ୍ରତିଦିନ ସେମାନେ ରାସ୍ତାର ଉପର ତଳ, ମାଆମାନଙ୍କୁ ଚିତ୍କାର କରୁଥିବାର ଶୁଣିଲେ । ସେମାନେ ସେହି ମାଆମାନଙ୍କର କୋଳରୁ ସାନ ସାନ ଛୁଆମାନଙ୍କୁ ନେଇ ଯାଉଥିଲେ, ସେମାନଙ୍କର ଛୋଟ ଶିଶୁମାନଙ୍କୁ, ଚତୁର ସାନ ସାନ ବାଳକ ଶିଶୁମାନଙ୍କୁ ନେଇ ଯାଉଥିଲେ । ସେହି ପୁରୁଣା ଯାଦୁଗରମାନେ ସେଠାକୁ ଯାଇ, ସେମାନଙ୍କର ଛୋଟ ଛୋଟ ପାଦକୁ ଧରି, ସେହି କାନ୍ଥରେ ଛେଚି ସେମାନଙ୍କୁ ହତ୍ୟା କରୁଥିଲେ, ଏବଂ ସେମାନଙ୍କୁ କୁମ୍ଭୀର ନିକଟରେ ଫିଙ୍ଗି ଦେଉଥିଲେ । ସେହି ବେଚାରା ମାଆ ତାର ଆଣ୍ଠୁମାଡି, କାନ୍ଦିଥାଏ, “ଓଃ, ମୋ ଛୁଆକୁ ନିଅ ନାହିଁ! ମୋ ଛୁଆକୁ ନିଅ ନାହିଁ!” ଏବଂ, ଓଃ, ସେମାନଙ୍କର କି ଏକ ସମୟ ରହିଥିଲା!

118 ତୁମେମାନେ ଜାଣ ଯେ ମାଆ କିପରି ଛୋଟ ଛୁଆକୁ ପ୍ରେମ କରିଥାଏ, ଏବଂ କିପରି ସେ ସେମାନଙ୍କୁ ଥୋଡିରେ ଥପଥପାଇ ଥାଆନ୍ତି । ମନେ ଅଛି ଯେ ମାଆ ତୁମମାନଙ୍କୁ କିପରି ନେଇଥାଏ ଓ—ଓ ତୁମକୁ ଧୋଇ, ଚୁମ୍ବନ ଦେଇଥାଏ, ଏବଂ—ଏବଂ—ଏବଂ କହିଥାଏ ଯେ ତୁମେ କେତେ ସୁନ୍ଦର ଅଟ । ଏବଂ ସେ ତୁମକୁ କିପରି ରାତିରେ ଶୁଆଇ ଦେଇଥାଏ । ଏବଂ, ଓଃ, ଯଦି—ଯଦି ତୁମେ ଚାହଁ...ଏକ ଛୋଟ କବାଟ ଖୋଲା ରହିଥିବ, ଅଳ୍ପ ଟିକେ ପବନ ତାହା ଦେଇ ଆସୁଥିବ, ସେହିପରି କିଛି ଗୋଟାଏ, ଓଃ, ମୋର ପ୍ରଭୁ, ସେ ପ୍ରକୃତରେ ଶୀଘ୍ର ଦୌଡ଼ି ଯାଇ ସେହି କବାଟକୁ ବନ୍ଦ କରି ଦେଇଥାଏ, ସାନ ଛୁଆକୁ ଘୋଡାଇ ଦିଏ, ଏବଂ, ତୁମେ ଜାଣ, ସେ ଏହାକୁ ଉଠାଇ ନିଏ । ସେ ତୁମକୁ ପ୍ରେମ କରିଥାଏ । ବୁଝିଲେ? ସେ ତୁମକୁ ପ୍ରେମ କରିଥାଏ । ଓଃ, ସେ ସେହି ବେଚାରା ଛୋଟ ପ୍ରାଣୀକୁ ପ୍ରେମ କରିଥିଲେ ଯାହା ପରମେଶ୍ୱର ତାଙ୍କୁ ଦେଇଥିଲେ, ଯାହାକି ଅସହାୟ ଥିଲା ଏବଂ ଏହା ନିଜର ସାହାଯ୍ୟ କରିପାରୁ ନ ଥିଲା, ତେଣୁ ସେ ସେହି ସାନ ଛୁଆଟିକୁ ପ୍ରେମ କରିଥିଲେ । ଏବଂ ସେ କେବଳ ତାର ସାନ ଛୁଆମାନଙ୍କୁ ଚୁମ୍ବନ ଦେଇ ସେମାନଙ୍କ ସହିତ ଖେଳିଥିଲେ, କାରଣ ସେ ଜଣେ ପ୍ରକୃତ ମାତା ଥିଲେ । ବୁଝିଲେ?

119 ମାତ୍ର ଏହି ବୃଦ୍ଧା ସ୍ତ୍ରୀଲୋକମାନେ ଯେଉଁମାନେକି ଶିଶୁମାନଙ୍କୁ ହତ୍ୟା କରିଥିଲେ, ସେମାନେ ଜାଣି ନ ଥିଲେ ଯେ ମାତୃ ପ୍ରେମ କଅଣ ଅଟେ । ସେମାନେ ମାତା ନ ଥିଲେ ।

ସେମାନେ ଯାହା ସବୁ ବିଷୟରେ ଚିନ୍ତା କରିଥିଲେ, ସେମାନଙ୍କ ନିଜ ମନରେ ଜଗତର ବିଷୟବସ୍ତୁ ସମ୍ବନ୍ଧରେ, କେବଳ ଏକ ବଡ଼ ସମୟ ରହିଥିଲା, ତେଣୁକରି ସେମାନେ ଯାଇ ସେହି ସାନ ଛୁଆମାନଙ୍କୁ ହତ୍ୟା କରିଥିଲେ । ତୁମେମାନେ ତାହା ଜାଣିବା ହେତୁ ବହୁତ ଛୋଟ ଅଟ, ମାତ୍ର ତାହା ଏବେ ସୁଦ୍ଧା ଚାଲିଛି । ତାହା ଠିକ୍ ଅଟେ । ବର୍ତ୍ତମାନ ଆପଣ ବୟସ୍କମାନେ ଜାଣିଛନ୍ତି ଯେ ମୁଁ କେଉଁ ବିଷୟରେ କହୁଅଛି । ତାହା ଠିକ୍, ଏହାର ଅତ୍ୟଧିକ ଅଟେ! "ଓଃ," ଆପଣ କୁହନ୍ତି, "ମୁଁ ନେବି ନାହିଁ..." ମାତ୍ର ଗର୍ଭପାତ ଠିକ ସେହି ସମାନ ମାମଲା ଅଟେ । ଠିକ ଅଛି, ମାତ୍ର ତୁମେ ଦେଖ ଯେ ସେମାନେ ମାତୃ ପ୍ରେମ କଅଣ ଜାଣି ନ ଥିଲେ । ବର୍ତ୍ତମାନ ତୁମେମାନେ ଜାଣିଲ ଯେ ମୋର କହିବାର ଅର୍ଥ କଅଣ ଥିଲା ଯେତେବେଳେ ମୁଁ "ପ୍ରକୃତ ମାତା" ବୋଲି କହିଥାଏ! ତାହା ଠିକ୍ ଅଟେ । କୌଣସି ଭିନ୍ନ ନୁହେଁ; ସେହି ସମାନ ଶୟତାନ! ତେଣୁକରି ସେଠାରେ, ତେବେ, ସେମାନେ...କେବଳ ତାହା ବିଷୟରେ ଚିନ୍ତା କରନ୍ତୁ, ଯେ ବାର୍ଷିକ ଭାବରେ ହଜାର ଗୁଣନ ହଜାର ଗୁଣନ ହଜାର, ଠିକ ସେତିକି ମନ୍ଦ ଯେତିକି ତାହା ମିସରରେ ଥିଲା, କିମ୍ବା ଅଧିକ ମନ୍ଦ ଥିଲା ।

120 ଏବଂ ସେଠାରେ, ତେବେ, ସେମାନେ ଆସନ୍ତି, ସେମାନଙ୍କର ଏକ ମାତୃ ପ୍ରେମ ନ ଥିଲା, ତେଣୁ ସେମାନେ ସେହି ସାନ ଛୁଆମାନଙ୍କୁ ନେଇ ସେମାନଙ୍କୁ ହତ୍ୟା କରନ୍ତି । ଓଃ, ଏହା ଅଧିକ ଖରାପରୁ ଖରାପ ହେବାକୁ ଲାଗିଲା । ଆଉ ଦିନେ ସେଠାରେ ଆଉ ଏକ ଗୁଜବ ଆସିଲା, ସେମାନେ ଆଉ ଏକ ସଭା କରିବାକୁ ଯାଉଛନ୍ତି ।

121 ଫାରୋ ତାଙ୍କର ସମସ୍ତ ପରାମର୍ଶଦାତାଙ୍କୁ ଡାକିଲେ, ସେମାନେ, ସମସ୍ତେ ଏକାଠି, ସେମାନେ ସେଠାରେ ପହଞ୍ଚିଲେ: କହିଲେ, "ଠିକ ଅଛି, ସେମାନେ ତଥାପି ସୁଦ୍ଧା ବୃଦ୍ଧି ପାଉଛନ୍ତି! ବର୍ତ୍ତମାନ ଆମେମାନେ ଏହା ବିଷୟରେ କଅଣ କରିବା?"

122 ଏହି ସମାନ ପୁରୁଣା ଚତୁର, ଚାଲାକ ଶୟତାନ-ମୁଖୀ ବ୍ୟକ୍ତି, ଉଠିଲା । ସେ କହିଲା, "ରାଜା ଫାରୋ ଚିରଞ୍ଜୀବୀ ହୁଅନ୍ତୁ । ମୋ ପାଖରେ ବିଚାର ଅଛି । ଦେଖନ୍ତୁ, ଆପଣ ସେହି ଲୋକଙ୍କୁ କାମରେ ଲଗାଇଛନ୍ତି । ଆପଣ ସେମାନଙ୍କୁ ଇଟା ଗଦା ତିଆରି କରାଉଛନ୍ତି, ପ୍ରତ୍ୟେକ ଦିନ ଏତେ ସଂଖ୍ୟକ, ସେମାନଙ୍କୁ ତାହା କୁଟାରୁ ତିଆରି କରାଉ ଅଛନ୍ତି । ଆପଣ ସେହି—ସେହି ସାନ ଶିଶୁମାନଙ୍କୁ ହତ୍ୟା କରିଛନ୍ତି ଏବଂ ଜିନିଷସବୁ କରିଛନ୍ତି, ମାତ୍ର ସେମାନେ ତଥାପି ବୃଦ୍ଧି ପାଉଛନ୍ତି । ଆପଣଙ୍କୁ ଯେଉଁ ବିଷୟ କରିବା ଉଚିତ୍, ତାହା ହେଉଛି ସ୍ତ୍ରୀମାନଙ୍କୁ ମଧ୍ୟ, କାର୍ଯ୍ୟରେ ଲଗାଇ ଦେବା । ଯଦି ଆପଣ ସ୍ତ୍ରୀଲୋକମାନଙ୍କୁ କାର୍ଯ୍ୟରେ ଲଗାଇବେ, ତେବେ ସେମାନେ ତାହା କରିବେ ନାହିଁ..." ତେବେ, ତାହା ଜଣେ ସ୍ତ୍ରୀଲୋକର ସ୍ଥାନ ନୁହେଁ । ନା । ତେଣୁ ସେମାନେ କହିଲେ, "ମାତ୍ର ଆପଣ ସ୍ତ୍ରୀଲୋକମାନଙ୍କୁ କାର୍ଯ୍ୟରେ ଲଗାନ୍ତୁ, ଏବଂ ସେମାନଙ୍କୁ ସେଠାରେ ରଖନ୍ତୁ, ଏବଂ ସେମାନେ ମଧ୍ୟ, ଇଟା ତିଆରି କରନ୍ତୁ । ଏବଂ ତାହାପରେ ଯେତେବେଳେ ସେମାନେ ଘରକୁ ଆସିବେ ସେମାନେ ଏତେ କ୍ଲାନ୍ତ ହୋଇଯାଇଥିବେ, ଯେ ସେମାନେ—ସେମାନେ ନିଜ ସ୍ୱାମୀଙ୍କର ପାଇଁ ସୁଦ୍ଧା ରାତ୍ରି ଭୋଜନ ତିଆରି କରିପାରିବେ ନାହିଁ, ସେମାନେ ଏକ ଭଲ ମାଆ ହୋଇପାରିବେ ନାହିଁ, ଦେଖନ୍ତୁ ।

ଏବଂ ତେଣୁକରି ଯଦି ସେମାନେ କାମ କରିବାକୁ ଯାଉଥାନ୍ତି ଏବଂ ସେହିପରି ଭାବରେ କରନ୍ତି, ତେବେ ସେମାନେ—ସେମାନେ ଏହା କରିବାକୁ ସମର୍ଥ ହେବେ ନାହିଁ । ଅତଏବ, ଆପଣ ସେମାନଙ୍କୁ ମଧ୍ୟ, କାର୍ଯ୍ୟରେ ଲଗାଇ ଦିଅନ୍ତୁ ।"

123 "ତାହା ଉତ୍ତମ! ବେଶ, ତୁମେ ତ ଜଣେ ଜ୍ଞାନୀ ଲୋକ ଅଟ ।" ତେଣୁ ସେ ସମସ୍ତ ସ୍ତ୍ରୀଲୋକମାନଙ୍କୁ କାମରେ ଲଗାଇ ଦେଲେ ।

124 ଏବଂ ଏଠାରେ ବେଚାରା ବୃଦ୍ଧ ଅମ୍ରାମ ଆସନ୍ତି, ସେହି ରାତି ଆସନ୍ତି, କୁହନ୍ତି, "ଓଃ, ଜେକୋବେଦ୍, ମୁଁ ଜାଣେ ନାହିଁ ଯେ ଆମେମାନେ କଅଣ କରିବାକୁ ଯାଉଅଛୁ । ତେବେ ସେମାନେ ସମସ୍ତ ସ୍ତ୍ରୀଲୋକମାନଙ୍କୁ କାମରେ ଲଗାଉ ଅଛନ୍ତି । ମୁଁ—ମୁଁ ତୁମକୁ କହୁଛି, ଓଃ, ମୁଁ କଅଣ କରିବି ଜାଣେ ହିଁ ନାହିଁ! ଆମେମାନେ—ଆମେମାନେ—ଆମେମାନେ ତ କେବଳ... ଆମେ ତ କ୍ରୀତଦାସ ଅଟୁ, ଏବଂ ଆମର ଅବସ୍ଥା ଖରାପରୁ ଅଧିକ ଖରାପ ହେବାରେ ଲାଗିଛି । ମୁଁ—ମୁଁ ଏହା ଭାବିସଷତ୍‌ବାଣୀ କରେ: ଯଦି ପରମେଶ୍ୱର ଆମ ପାଇଁ କଦାଚ କିଛି କରନ୍ତି, ତାହା ଆମେମାନେ ସମସ୍ତେ ମରିଯିବା ପରେ ହେବ ।"

125 ତେବେ, ପରମେଶ୍ୱର ସେପରି ଭାବରେ ଅପେକ୍ଷା କରନ୍ତି ନାହିଁ, କଅଣ ସେ କରନ୍ତି କି? ନା । ବେଳେବେଳେ ପରମେଶ୍ୱର କେବଳ ଆମକୁ ଦେଖୁଥାନ୍ତି, କଅଣ ସେ କରନ୍ତି ନାହିଁ କି? ଠିକ୍ ଅଛି ।

126 ତେଣୁ ତେବେ ସେଦିନ ରାତିରେ, ସେ କହିଲେ, "ମୁଁ ଉପରକୁ ଯାଉଛି ଏବଂ ପ୍ରାର୍ଥନା କରିବି ଯେପରିକି ମୁଁ ପୂର୍ବରୁ କେବେ ପ୍ରାର୍ଥନା କରିନାହିଁ!"

127 ତେବେ, ତାହାହିଁ ପ୍ରାର୍ଥନା କରିବାର ଉପାୟ ଅଟେ, କଅଣ ନୁହେଁ କି? ଏପରି ପ୍ରାର୍ଥନା କର ଯେପରିକି ତୁମେ ଆଗରୁ କେବେବି ପ୍ରାର୍ଥନା କରି ନାହଁ, ପ୍ରକୃତରେ କାମରେ ଲାଗି ଯାଅ! ଦେଖ, ଯଦି ତୁମେ କେବଳ ଉପରକୁ ଯାଇ କୁହ, "ପ୍ରଭୁ, *ଅମୁକ-ଓ-ଅମୁକ-ଓ-ଅମୁକ*କୁ ଆଶୀର୍ବାଦ କର," ପରମେଶ୍ୱର ତାହା ପ୍ରତି ଏତେ ଅଧିକ ଆଗ୍ରହ ଦିଅନ୍ତି ନାହିଁ—ନାହିଁ । ମାତ୍ର ଯେତେବେଳେ ତୁମେ ପ୍ରକୃତରେ କାମରେ ଲାଗି ଯିବ! ଯେତେବେଳେ ତୁମେ ସାନ ସାନ ପୁଅ ଏବଂ ଝିଅମାନେ ପ୍ରାର୍ଥନା କର, କାମରେ ଲାଗି ଯାଅ! କଅଣ ତୁମେ ବିଦ୍ୟାଳୟରେ ତାହା କର କି? କଅଣ ତୁମେ—ତୁମେ ପରମେଶ୍ୱରଙ୍କୁ ବିଦ୍ୟାଳୟରେ ସାହାଯ୍ୟ କରିବା ପାଇଁ କୁହ କି? ଯେତେବେଳେ—ଯେତେବେଳେ ତୁମେ ବିଦ୍ୟାଳୟକୁ ଯିବାକୁ ଯାଉଅଛ, ଏବଂ ତୁମେ ବହୁତ ଭଲ ଅଙ୍କ ଆଣି ନ ଥାଅ, ସେତେବେଳେ ତୁମେ ଭିତରକୁ ଯାଇ ଏହା କୁହ, "ପରମେଶ୍ୱର, ମୁଁ—ମୁଁ ଚାହେଁ ଯେ ତୁମେ ମୋତେ ସାହାଯ୍ୟ କର ।"

128 କଅଣ ତୁମେ ପ୍ରାର୍ଥନା କର କି? କେତେ ଜଣ ସାନ ସାନ ପୁଅ ଏବଂ ଝିଅମାନେ ପ୍ରାର୍ଥନା କରନ୍ତି? ଆସନ୍ତୁ ତୁମର ହାତଗୁଡିକୁ ଦେଖିବା । ଓଃ, ତାହା ଉତ୍ତମ ଅଟେ । ତେବେ, ତାହା ଉତ୍ତମ ଅଟେ । କଅଣ ତୁମର ଏକ ଗୁପ୍ତ ସ୍ଥାନ ଅଛି କି ଯେଉଁଠାକୁ ତୁମେ ପ୍ରାର୍ଥନା କରିବାକୁ ଯାଅ, ଯେଉଁଠାରେ ଏପରିକି ମାଆ ଏବଂ ବାପା ତୁମକୁ ଦେଖନ୍ତି ନାହିଁ? କଅଣ ତୁମେମାନେ

ସେହିପରି ପ୍ରାର୍ଥନା କର କି? ତୁମେମାନେ—ତୁମେମାନେ ସେହିପରି ପ୍ରାର୍ଥନା କରୁନାହଁ କି? ଏକ ଛୋଟ ସ୍ଥାନ ରଖ, ଚୁପ୍ କରି ଖସିଯାଅ ଏବଂ ପ୍ରାର୍ଥନା କର, ଏବଂ ତୁମର ଛୋଟ ପ୍ରାର୍ଥନାଟିକୁ କହି ପକାଅ । ତୁମେ ପ୍ରତିଦିନ ରାତିରେ ବିଛଣାକୁ ଯିବା ପୂର୍ବରୁ ଏହା କହିଥାଅ କି? ଯେତେବେଳେ ତୁମେ ସକାଳେ ଉଠିଥାଅ, ଏବଂ ସେହି ବିଷୟ କରିଥାଅ କି? ଓଃ, ତାହା ଉତ୍ତମ ଅଟେ । ଆଉ କେଉଁ ସାନ ସାନ ପୁଅ ଏବଂ ଝିଅମାନେ (ନିଜର ହାତ ଉଠାନ୍ତୁ) ପ୍ରାର୍ଥନା କରନ୍ତି? ସେହି ଭବନର ପଛ ପଟରେ । ଓଃ, କଅଣ ତାହା ଉତ୍ତମ ନୁହେଁ କି? ତେବେ, ବର୍ତ୍ତମାନ, ତାହା ଭଲ ଅଟେ । ତାହା ଏହା ଦର୍ଶାଏ ଯେ ତୁମେ ଜଣେ ପ୍ରକୃତ ମାଆ ଏବଂ ବାପା ପାଇଅଛ ଯାହାକି ତୁମକୁ ଏହିସବୁ ବିଷୟ କରିବା ପାଇଁ ଶିଖାନ୍ତି । ତେବେ, ବର୍ତ୍ତମାନ ଯେତେବେଳେ ତୁମେମାନେ ପ୍ରକୃତ ପ୍ରୟୋଜନରେ ଆସିଯାଅ, ସେତେବେଳେ ଉତ୍ତମ ହେବ ଯେ ତୁମେ ନିଷ୍କାପରତାର ସହ ପ୍ରାର୍ଥନା କର । କଅଣ ତୁମର ନୁହେଁ କି?

129 ତେଣୁ, ଛୋଟ ଅମ୍ରାମ, ଉପର କୋଠରୀକୁ ଯାଆନ୍ତି । ଓଃ, ମୋର ପ୍ରଭୁ! ସେ କୌଣସି ରାତ୍ରି ଭୋଜନ ଚାହିଁଲେ ନାହିଁ । ସେ କହିଲେ, "ଏହା ବହୁତ ଖରାପ ଅଟେ । ମୋର ପ୍ରଭୁ!"

"ଓଃ," ସେ କହିଲେ, "ବାପା, ତୁମେ ଭୋଜନ କରି ନେବା ଉଚିତ ।"

"ତାହା କରି ହିଁ ପାରେ ନାହିଁ, ଜେକୋବେଦ୍ । ମୁଁ କେବଳ ତାହା କରିପାରେ ନାହିଁ । ମୁଁ—ମୁଁ..."

130 "ଓଃ," କହିଲେ, "ମାତ୍ର ତୁମର ଓଜନ ହ୍ରାସ ପାଉଅଛି, ଏବଂ ତୁମେ ଅଧୀର ଅଟ, ଏବଂ ତୁମ ଚେହେରା ମଧ୍ୟ ଫିକା ପଡିଯାଇଛି । ତୁମେ ତୁମର ଖାଦ୍ୟ, ଏବଂ ଜିନିଷ ବାନ୍ତି କରୁଛ ।"

131 "ଓଃ, ମୁଁ ଜାଣେ ନାହିଁ ଯେ କଅଣ କରିବି! ମାତ୍ର," ସେ କହିଲେ, "ପ୍ରିୟେ, ଯଦି କେହି ଲୋକମାନଙ୍କର ଭାବନାକୁ ନିଜ ହୃଦୟରେ ରଖିବେ ନାହିଁ, ଯଦି କେହି ଲୋକମାନଙ୍କ ପାଇଁ ପ୍ରାର୍ଥନା ନ କରିବେ, ତେବେ ଆମେମାନେ କଅଣ କରିବା? ଆମର ଅବସ୍ଥା ଅଧିକ ଖରାପ ଆଡ଼କୁ ଗତି କରୁଛି । ନିଶ୍ଚିତରେ, କୌଣସି ସମୟ, ପରମେଶ୍ୱର ଶୁଣିବେ!"

132 ହଁ, ତାହା ଠିକ୍ ଅଟେ । ତାହା ଠିକ୍ ଅଟେ । ପରମେଶ୍ୱର ଶୁଣିବେ । ତୁମେ କାମରେ ଲାଗିଯାଅ ଓ ଠିକ ସେଠାରେ ରହିଥାଅ!

133 ଓଃ, ଏଥରକ ସେ ଅଲଗା ଭାବରେ ଉପର କୋଠରୀକୁ ଯାଆନ୍ତି । ଯେତେବେଳେ ସେ ଏଥରକ ଉପର କୋଠରୀକୁ ଯାଆନ୍ତି, ସେ ଆଣ୍ଠୁମାଡି ବସି ପଡନ୍ତି, ସେ ନିଜର ହାତକୁ ଆକାଶ ଆଡେ ଉପରକୁ ଉଠାଇ, ଉଚ୍ଚ ପାଟିରେ ଚିତ୍କାର କରନ୍ତି, "ପରମେଶ୍ୱର, ମୁଁ ବର୍ତ୍ତମାନ ତୁମ ସହିତ କଥାବାର୍ତ୍ତା କରୁଛି!" ଆମେନ୍ । କାମରେ ଲାଗିଯିବା! "ପରମେଶ୍ୱର, ତୁମର କାନ ଅଛି, ଏବଂ ତୁମେ ଶୁଣିପାର । ତୁମର ଆଖି ଅଛି, ଏବଂ ତୁମେ ଦେଖିପାର । ତୁମର ଏକ ସ୍ମୃତି ଅଛି; ତୁମେ ଆପଣା ବାକ୍ୟ ଜାଣିଛ । ତୁମେ ତୁମର ପ୍ରତିଜ୍ଞା ଜାଣିଛ । ମୁଁ ତୁମକୁ ନିବେଦନ କରୁଛି, ହେ ପରମେଶ୍ୱର, ଏଠାରେ ତଳକୁ ଅନାଅ, ତୁମେ ଅବ୍ରହାମ, ଇସ୍‌ହାକ ଏବଂ ଯାକୁବଙ୍କର ପରମେଶ୍ୱର ଅଟ, ପୁଣି ଏହା ଯେ ତୁମର ଲୋକମାନେ କଷ୍ଟରେ ଅଛନ୍ତି, ଏବଂ ସେମାନେ

ମରୁଛନ୍ତି । ହେ ପରମେଶ୍ୱର, ଆମ ପାଇଁ କିଛି କର! ଆମକୁ ତ ତୁରନ୍ତ ହିଁ ତୁମକୁ ପାଇବାକୁ ଅଛି! ଆମକୁ ତ ତୁମକୁ ପାଇବାକୁ ଅଛି, ନୋହିଲେ ଆମେମାନେ ବିନଷ୍ଟ ହୋଇଯିବୁ । ଆମକୁ ତ ତୁମକୁ ନିଶ୍ଚୟ ପାଇବାକୁ ଅଛି । ଆମକୁ ତ ପାଇବାକୁ ହିଁ ଅଛି, ଯଦି ଆମେମାନେ ବଞ୍ଚିବା ।" ସେତେବେଳେ ହିଁ ତୁମେ ପ୍ରକୃତରେ ପ୍ରାର୍ଥନା କରିଥାଅ । ଓଃ, ସେ ପ୍ରାର୍ଥନା କଲେ!

134 ତୁମେମାନେ ଜାଣ, ବେଳେବେଳେ ଲୋକମାନେ ଯେତେବେଳେ ସେମାନେ ପ୍ରାର୍ଥନା କରନ୍ତି, ସେମାନେ କ୍ଲାନ୍ତ ହୋଇଯାଆନ୍ତି । ମାଆ ଏବଂ ବାପା, ସେମାନେ ହୁଅନ୍ତି ନାହିଁ କି? ଓଃ, ଏତେ କ୍ଲାନ୍ତ ହୋଇଯାଆନ୍ତି! ଭାଇ ବ୍ରାନହାମ୍ ବେଳେବେଳେ ଏତେ କ୍ଲାନ୍ତ ହୋଇଯାଆନ୍ତି ଯେ ମୁଁ ପ୍ରାୟଃ ବେହୋଶ ହୋଇଯାଏ ଯେତେବେଳେ ମୁଁ ଦୀର୍ଘ ସମୟ ଧରି ପ୍ରାର୍ଥନା କରିବାକୁ ଯାଏ; କେବଳ ବେହୋଶ ହୋଇଯାଏ, ଅନେକ ଦିନ ପାଇଁ, ନ ଖାଇ ରହିଥାଏ, ଏବଂ ଜିନିଷସବୁ; ଏବଂ ପ୍ରାର୍ଥନା କରିଥାଏ ଏବଂ ପ୍ରାର୍ଥନା କରିଥାଏ ଏବଂ ପ୍ରାର୍ଥନା କରିଥାଏ, ଏବଂ ପ୍ରଚାର କରିଥାଏ । ଏବଂ ମୁଁ ଠିକ ଏପରି ଏକ ସ୍ଥାନରେ ପହଞ୍ଚିଯାଏ ଯେଉଁଠାରେକି ମୁଁ ପ୍ରାୟଃ, ମୂର୍ଚ୍ଛିତ ହେବାକୁ ଯାଉଥାଏ । ଏବଂ ବେଳେବେଳେ ଲୋକମାନେ ସେହିପରି ହୋଇଯାଆନ୍ତି । ତାହା ବିଫଳ ହେବାର ସମୟ ନୁହେଁ । ଜାରି ରଖିଥାଆନ୍ତୁ! ପରମେଶ୍ୱର ଉତ୍ତର ଦେବେ! [ଭାଇ ବ୍ରାନହାମ୍ ତିନି ଥର ପ୍ରଚାର ମଞ୍ଚରେ ଆଘାତ କରନ୍ତି—ସମ୍ପା ।] ହଁ, ମହାଶୟ । ଧରି ରହିଥାଆନ୍ତୁ! ହଁ, ମହାଶୟ ।

135 ତେଣୁ ସେ ସେହି ଛୋଟ ଛୋଟ, ପୁରୁଣା କେଁ କେଁ କରୁଥିବା ପାହାଚ ଚଢି ଉପରକୁ ଯାଆନ୍ତି । ଏବଂ ମୁଁ ଦେଖିପାରୁଛି ଯେ ଜେକୋବେଦ୍ ଆସନ୍ତି, ଓ କୁହନ୍ତି, "ଓଃ, ଅମ୍ରାମ, କର ନାହିଁ । ପ୍ରିୟେ, ମୁଁ—ମୁଁ ବିଶ୍ୱାସ କରେ..."

136 "ତେବେ, ଜେକୋବେଦ୍, ଦେଖ, ତୁମେ ଜଣେ ସୁନ୍ଦର, ପ୍ରିୟ..." ସେ ସୁନ୍ଦର, ଉତ୍ତମ ସାନ ମାଆ ଥିଲେ । ଏବଂ ସେ ତାଙ୍କୁ ଗାଲରେ ଚୁମ୍ବନ ଦେଲେ, ତୁମେ ଜାଣ, ଏବଂ ତାଙ୍କୁ *ସେପରି* ଥପ୍‌ଥପାଇ ଦେଲେ । କହିଲେ, "ବର୍ତ୍ତମାନ, ମାତା, ତୁମେ ଯାଇ ହାରୋଣଙ୍କୁ ଏବଂ—ଏବଂ ଛୋଟ ମରିୟମ ବିଛଣାରେ ଶୁଆଇ ଦିଅ । ଆଉ ମୁଁ ପ୍ରାର୍ଥନା କରିବା ପାଇଁ ଉପରକୁ ଯାଉଛି । ଏବଂ ବର୍ତ୍ତମାନ, ଯଦି ତୁମେ ମୋତେ କାନ୍ଦୁଥିବାର ଶୁଣ, ତାହାହେଲେ ତୁମେ ଆସିବ ନାହିଁ ।"

137 "ତେବେ, ମାତ୍ର, ଅମ୍ରାମ, ତୁମେ କଅଣ କରିବାକୁ ଯାଉଛ, ପ୍ରିୟେ? ତୁମେ ତ ମୃତପ୍ରାୟଃ ଅଟ ।"

138 "ହଁ, ମାତ୍ର ମୁଁ—ମୁଁ ମୋ ହୃଦୟରେ ଲୋକମାନଙ୍କ ନିମନ୍ତେ ଭାର ପାଇଅଛି । ମୋତେ ଏହା ବିଷୟରେ କିଛି କରିବାକୁ ଅଛି । ମୋତେ ତ ଆଣ୍ଠୁମାଡି ରହିବାକୁ ଅଛି । ଏବଂ ତେଣୁକରି ସମସ୍ତ ଲୋକ..." ସେ କହିଲେ, "ଆଜି, କେବଳ ଆଜି, ସେହି ଇଟା ପାହାଡ ତଳେ, ମୁଁ ସେଠାରେ ଥିଲି, ଏହା କହୁଥିଲି, 'ତେବେ, ନିଶ୍ଚିତରେ, ପରମେଶ୍ୱର ଶୁଣିବେ!' ଆଉ ଜଣେ ବଡ ବୃଦ୍ଧ ଲୋକ ଆସିଲେ, ନିଜର ହାତକୁ ତାଙ୍କ ଅଣ୍ଟାରେ ରଖି, କହିଲେ, 'ସେ କେବେ ଶୁଣିବେ? ସେ କେବେ ଶୁଣିବେ?' ଦେଖ ଲୋକମାନେ କିପରି ଅଧିକ ତିକ୍ତ ହୋଇଯାଉଛନ୍ତି?

ସେମାନେ ପରମେଶ୍ୱରଙ୍କ ବିରୁଦ୍ଧରେ ହେଉଅଛନ୍ତି, କାରଣ ସେମାନେ ପ୍ରାର୍ଥନା କଲେ ଏବଂ ପ୍ରାର୍ଥନା କଲେ, ଏବଂ ପ୍ରାର୍ଥନା କଲେ, ଆଉ କିଛି ହେଲେ ଘଟିଲା ନାହିଁ । ଏବଂ ଏହି ଜଣକ ପ୍ରାର୍ଥନା କଲେ ଏବଂ ପ୍ରାର୍ଥନା କଲେ, ଏବଂ ପ୍ରାର୍ଥନା କଲେ, ଆଉ ଏବଂ କିଛି ହେଲେ ଘଟିଲା ନାହିଁ । ଏବଂ ସମସ୍ତ ଯାଜକମାନେ କୁହନ୍ତି, 'ଆଶ୍ଚର୍ଯ୍ୟ କର୍ମର ଦିନଗୁଡ଼ିକ ବିତି ଯାଇଛି, ଏବଂ କେବଳ ଗୋଟିଏ ମାତ୍ର ବିଷୟ ଯାହା ଆମେମାନେ କରିପାରିବା ତାହା ହେଉଛି ଏହି ପୁରୁଣା କର୍ତ୍ତୃତ୍ୱକାରୀମାନଙ୍କ ନିକଟରେ ନତମସ୍ତକ ହେବା ଯେଉଁମାନେ ପ୍ରତିମା ପୂଜା କରନ୍ତି, କିମ୍ବା ଅନ୍ୟ ଜାତି ଦେବତାମାନଙ୍କୁ ଉପାସନା କରନ୍ତି, ଏବଂ ପ୍ରଭୃତି ସବୁ । ଏବଂ ଆମେମାନେ କଅଣ କରିପାରୁ?'" ମାତ୍ର ସେ କହିଲେ, "ମାତ୍ର ମୁଁ ଯିହୋବାଙ୍କଠାରେ ବିଶ୍ୱାସ କରେ! ଆମେନ୍! ମୁଁ ବିଶ୍ୱାସ କରେ ସେ ଏବେ ମଧ୍ୟ ପ୍ରାର୍ଥନାର ଉତ୍ତର ଦିଅନ୍ତି!"

139 କଅଣ ଆପଣମାନେ ତାହା ବିଶ୍ୱାସ କରନ୍ତି କି? [ମଣ୍ଡଳୀ କୁହନ୍ତି, "ଆମେନ୍!"—ସମ୍ପା ।] କଅଣ ଆପଣ ଏହାକୁ ବିଶ୍ୱାସ କରନ୍ତି କି? ଆମେନ୍! ଆପଣମାନେ ସମସ୍ତେ ଯେଉଁମାନେକି ଏହାକୁ ବିଶ୍ୱାସ କରନ୍ତି, କୁହନ୍ତୁ, "ଆମେନ୍ ।" ["ଆମେନ୍ ।"] ଏବେ ସୁଦ୍ଧା ପ୍ରାର୍ଥନାର ଉତ୍ତର ଦିଅନ୍ତି! ଠିକ୍ ଅଛି ।

140 ଛୋଟ ପୁରୁଣା ଦୁର୍ବଳ ଶରୀର, ବହୁତ ଓଜନ ହ୍ରାସ ପାଇଥିଲା । ସେହି କେଁ କେଁ ଶବ୍ଦ କରୁଥିବା ପାହାଚ ଦେଇ ଉପରକୁ ଗଲେ, ସେଠାକୁ ଯାଇ ଆଣ୍ଠୁମାଡି ବସି ପଡିଲେ । ସେ କହିଲେ, "ହେ ଯିହୋବା!" ଓଃ, ସେ ଏପରି ପ୍ରାର୍ଥନା କଲେ ଯେପରି ସେ ପୂର୍ବରୁ କେବେବି ପ୍ରାର୍ଥନା କରି ନ ଥିଲେ! ସେ କହିଲେ, "ଯିହୋବା, ଏଠାରେ ଦେଖ! ତୁମେ ପ୍ରକୃତ ପରମେଶ୍ୱର ଅଟ । ଆମେ ବିଶ୍ୱାସ କରୁ ଯେ ତୁମର କାନ ଅଛି । ଆମେ ବିଶ୍ୱାସ କରୁ ଯେ ତୁମର ଆଖି ଅଛି । ଏବଂ ତୁମେ ସମସ୍ତ କିଛି ବିଷୟକୁ ଜାଣିଛ । ଏବଂ ଆମେ ବିଶ୍ୱାସ କରୁ ଯେ ତୁମେ ଏବ୍ରୀମାନଙ୍କର ପରମେଶ୍ୱର ଅଟ, ଏବଂ ଆମେ ପ୍ରତିଜ୍ଞାର ଲୋକ ଅଟୁ । ଆମେ ବିଶ୍ୱାସ କରୁ ଯେ ତୁମେ ତୁମର ବାକ୍ୟକୁ ରକ୍ଷା କରିଥାଅ ।" କହିଲେ, "ଏଠାରେ ଏହି ପ୍ରତିମା ପୂଜକମାନଙ୍କୁ ଦେଖ, ସେମାନେ କିପରି ଆମର ଶସ୍ତା ଶ୍ରମକୁ ନେଉଅଛନ୍ତି, ଏବଂ ବହୁତ ବଡ଼ ରାସ୍ତାଗୁଡିକୁ ଏବଂ ପ୍ରତିମାମାନଙ୍କୁ, ଏବଂ ସବୁକିଛିକୁ ନିର୍ମାଣ କରୁଛନ୍ତି । ତୁମେ, ଯିହୋବା, କଅଣ ତୁମେ ସ୍ୱର୍ଗରେ ବସି ଏହି ପ୍ରତିମା ପୂଜକମାନଙ୍କୁ ତୁମ ଉପରେ ଶାସନ କରିବାକୁ ଦେବ କି? ମୁଁ ବିଶ୍ୱାସ କରେ ନାହିଁ ଯେ ତୁମେ ଏହା କରିବାକୁ ଦେବ ।" ଆମେନ୍!

141 ମୁଁ ତଥାପି ବିଶ୍ୱାସ କରେ ନାହିଁ ଯେ ସେ ଏହା କରିବେ! ଆମେନ୍! ଯେତେବେଳେ ଶୟତାନ ଆସେ, ପରମେଶ୍ୱର ତଥାପି ସୁଦ୍ଧା ପରମେଶ୍ୱର ଅଟନ୍ତି! ଠିକ୍! ସେ ଏହି ଶୟତାନମାନଙ୍କୁ ତାହା କରିବାକୁ ଅନୁମତି ଦେବେ ନାହିଁ । ମୁଁ ବିଶ୍ୱାସ କରେ ଯେ, ଆଜି, ଯେ ଯେତେବେଳେ ଫ୍ୟାଶନ୍ ଏବଂ ନିର୍ବୋଧତା, ଏବଂ ଏହି ସମସ୍ତ କ୍ଷୟପ୍ରାପ୍ତ ବିଷୟ ଚାଲିଅଛି; ତଥାପି, ପରମେଶ୍ୱର ଏବେ ସୁଦ୍ଧା ରାଜତ୍ୱ କରନ୍ତି ଏବଂ ସେ ଏବେ ସୁଦ୍ଧା ପରମେଶ୍ୱର ଅଟନ୍ତି! ଠିକ୍! ଆମେ ଯାହା ଆବଶ୍ୟକ କରୁ ତାହା ହେଉଛି ଅବ୍ରାମଙ୍କ ପରି କେହି ଜଣେ, ଯିଏକି

ଆପଣା ହୃଦୟରେ ଭାର ପାଇଛନ୍ତି, ଯିଏକି ସେଠାରେ ରହି ଏହା ପାଇଁ ପ୍ରାର୍ଥନା କରିବେ, ଯେପର୍ଯ୍ୟନ୍ତକି ସ୍ୱର୍ଗ ଖୋଲା ଯାଇ ଉନ୍ମୁକ୍ତ ନ ହୁଏ, ପରମେଶ୍ୱର ଓହ୍ଲାଇ ଆସି ପ୍ରାର୍ଥନାର ଉତ୍ତର ନ ଦିଅନ୍ତି । ଆମେନ୍ ।

142 "ବର୍ତ୍ତମାନ ଏଠାରେ ଦେଖ," ସେ କହିଲେ, "ହେ ପରମେଶ୍ୱର, କଅଣ ତୁମେ ସେହି ପ୍ରତିମା ପୂଜକମାନଙ୍କୁ ତୁମର ଲୋକମାନଙ୍କ ଉପରେ ଏହିପରି ଉପହାସ କରିବାକୁ ଦେବ କି? ସପ୍ତାହ ଏବଂ ମାସ ଓ ବର୍ଷ ଅତିବାହିତ ହୋଇଯାଇଛି । ଆମେ ନିରନ୍ତର, ଅଶ୍ରୁ ଜଳ ସହିତ, ପ୍ରାର୍ଥନା କରିଛୁ, କିନ୍ତୁ...[ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।] ହେ ପରମେଶ୍ୱର, କଅଣ ତୁମେ ଏପରି ଏକ ଜିନିଷକୁ ଅନୁମତି ଦେବ କି?"

143 ମୁଁ ଆଜି ଆଶ୍ଚର୍ଯ୍ୟ କରେ, ଯେ ଯେତେବେଳେ ଶହ ଶହ ସାନ ଶିଶୁଗୁଡିକୁ ସେହି ନଦୀରେ ଓ ଜଳ ଗାଡିଆରେ ଫିଙ୍ଗି ଦିଆଗଲା, ଏବଂ ବଞ୍ଚିବାକୁ ଅନୁମତି ଦିଆଗଲା ନାହିଁ, ଏବଂ ଗର୍ଭପାତ ମାମଲାଗୁଡିକ ଏବଂ ଅନ୍ୟ ସମସ୍ତକିଛି ବିଷୟଗୁଡ଼ିକୁ କରାଗଲା; ହେ ଯିହୋବା, କଅଣ ତୁମେ ଏପରି ଜିନିଷକୁ ହେବା ପାଇଁ ଅନୁମତି ଦେବ କି? [ଭାଇ ବ୍ରାନହାମ୍ ଛଅ ଥର ପ୍ରଚାର ମଞ୍ଚକୁ ଆଘାତ କଲେ—ସମ୍ପା ।] ଆଜି, ଯେତେବେଳେ ୱିସ୍କି ଏବଂ ବିୟର ମଦ, ଏବଂ ନିଶାଚର ଜୀବନ, ଏବଂ ସବୁକିଛି, କ୍ରନ୍ଦନ କରୁଅଛି । ଏବଂ ଏପରିକି ପ୍ରଚାର ମଞ୍ଚ ମଧ୍ୟ ଏତେ ଦୁର୍ବଳ ହୋଇଯାଇଛି ଯେ ସେମାନେ ଏହି ବିଷୟରେ କିଛି କହିବାକୁ ସୁଦ୍ଧା ଭୟ କରନ୍ତି । ଯିହୋବା, କଅଣ ତୁମେ ଏପରି ନିର୍ବୋଧତାକୁ ହେବା ପାଇଁ ଅନୁମତି ଦେବ କି? ସେ ଗୋଟିଏ ଦିନେ ଉତ୍ତର ଦେବେ । ଓଃ, ତାହାଙ୍କ କ୍ରୋଧ ଭୟଙ୍କର ଯେତେବେଳେ ତାହା ଆସିବ । ହଁ, ମହାଶୟ । ସ୍ତ୍ରୀଲୋକମାନେ ବାହାରକୁ ଯାଆନ୍ତି ଓ ସେମାନଙ୍କର ଶିଶୁକୁ ଏକ ସିଗାରେଟ୍ ଟ୍ରେରେ, ପାଉଁଶ ପକାଉଥିବାର, ଏବଂ ସବୁକିଛି ଦେଖିବାକୁ ଦିଅନ୍ତି । ଏବଂ ଲୋକମାନେ ସେମାନଙ୍କର ସାନ ଛୁଆମାନଙ୍କୁ ମଦଶାଳାକୁ ନେଇକରି ଯାଆନ୍ତି, ସାନ ଝିଅ ଏବଂ ପୁଅମାନଙ୍କୁ ବସାନ୍ତି, ଛଅ କିମ୍ବା ଆଠ ବର୍ଷ ବୟସର, ମଦ୍ୟପାନ କରିବା ବିଷୟ, ଏବଂ ସେହିପରି ଜିନିଷସବୁ ଚାଲିଥାଏ । ଏବଂ ସେହି ରାଷ୍ଟ୍ର ଏହାକୁ ଆଇନଗତ କରେ, ଏବଂ, "ଏହା ଠିକ ଅଛି ।" ଓଃ, ମୋର ପ୍ରଭୁ! କଅଣ ଭାବୁଛନ୍ତି ଯିହୋବା ତାହା ଦେଖୁ ନାହାଁନ୍ତି? ଯେତେବେଳେକି, ସେମାନେ ତ ଏପରିକି ଲୋକମାନଙ୍କୁ ସୁଦ୍ଧା ପରିହାସ କରିଥାନ୍ତି ଯେଉଁମାନେକି ପ୍ରକୃତରେ ପରମେଶ୍ୱରଙ୍କ ସହିତ ଠିକ୍ ଅଟନ୍ତି । ଏହି ସବୁ ଜିନିଷ ଚାଲିଥାଏ, ଉପହାସ କରିଥାନ୍ତି । ଧରି ରଖନ୍ତୁ, କେବଳ ଧରି ରଖିଥାଆନ୍ତୁ! ଯିହୋବା ଉତ୍ତର ଦେବେ । ବ୍ୟସ୍ତ ହୁଅନ୍ତୁ ନାହିଁ । ଠିକ୍ ଅଛି ।

144 ଆମେମାନେ ଟିକିଏ ଆଗକୁ ଯିବା । ଆମେ ତାଙ୍କୁ ସେଠାରେ ଉପରେ ପ୍ରାର୍ଥନା କରୁଥିବାର ଦେଖୁଛୁ । ଏବଂ ସେ ଏତେ ଅଧିକ କ୍ଲାନ୍ତ ହୋଇଯାଆନ୍ତି, ସେ ଶୋଇପଡନ୍ତି । ସେ ଏତେ ପ୍ରାର୍ଥନା କରନ୍ତି ଯେ ସେ କେବଳ ଚଟାଣ ଉପରେ ଲମ୍ବା ହୋଇ ପଡ଼ିଯାଆନ୍ତି । ସେ ଆଉ ଟିକେ ବି ଆଗକୁ ଯାଇପାରନ୍ତି ନାହିଁ, ଓ ସେ ଟିକିଏ ଶୋଇ ପଡନ୍ତି । ସେ ଉଠନ୍ତି । "ମାମଲା

କଅଣ ଅଟେ? ଏଠାରେ ଚାରିପାଖକୁ ଅନାନ୍ତି! ସେହି ଆଲୋକ କେଉଁଠାରୁ ଆସୁଅଛି? ଓଃ, ଦେଖ, ସେଠାରେ କୋଣରେ ଛିଡା ହୋଇଛି।" ସେଠାରେ ଜଣେ ସ୍ୱର୍ଗଦୂତ ଛିଡା ହୋଇଥିଲେ, ତାଙ୍କ ଖଣ୍ଡ ସେଠାରେ ତାଙ୍କ ପାର୍ଶ୍ୱରେ ଝୁଲି ରହିଥିଲା। ଓଃ, ସେ ପୁଣି ଥରେ ଅନାଇଲେ, ଏବଂ ସେ ନିଜର ଆଖିକୁ ଘଷିଲେ। ସେ ନିଜର ଆଣ୍ଠୁକୁ ଭାଙ୍ଗିଲେ, ସେ କହିଲେ, "ପ୍ରଭୁ, ଓଃ, ଓଃ, ତୁମେ ମୋ ଠାରୁ କଅଣ—କଅଣ ଚାହୁଁଛ?"

145 ସେ କହିଲେ, "ଅବ୍ରାମ, ମୁଁ ପରମେଶ୍ୱରଙ୍କ ସ୍ୱର୍ଗଦୂତ ଅଟେ। ମୋତେ ସ୍ୱର୍ଗରୁ ତୁମକୁ ଏହା କହିବା ପାଇଁ ପଠାଯାଇଛି, ଯେ ପରମେଶ୍ୱର ତୁମର ପ୍ରାର୍ଥନା ଶୁଣିଛନ୍ତି। ଏବଂ ମୁଁ ତୁମକୁ ଏହା କହିବା ପାଇଁ ଆସିଛି ଯେ ସେ ଜଣେ ମୁକ୍ତିଦାତାଙ୍କୁ ପଠାଇବାକୁ ଯାଉଛନ୍ତି। ସେ ଆପଣାର ସମସ୍ତ ପ୍ରତିଜ୍ଞାକୁ ମନେ ରଖିଛନ୍ତି।" ମୁଁ ବର୍ତ୍ତମାନ ସ୍ୱର୍ଗଦୂତଙ୍କୁ ଦେଖେ; ତାଙ୍କୁ ଦେଖନ୍ତୁ, ସେ ଏହି ଖଣ୍ଡକୁ ବାହାର କରୁଛନ୍ତି। ସେ ଏହାକୁ ଉତ୍ତର ଦିଗ ଆଡକୁ ଇଙ୍ଗିତ କରୁଛନ୍ତି। ଅବ୍ରାମ ଅନାଇଲେ। ସେ କହିଲେ, "ଠିକ ଏହି ଖଣ୍ଡର ବିନ୍ଦୁ ଆଡେ ସେହି ପ୍ରତିଜ୍ଞାତ ଦେଶ ରହିଛି। ଏବଂ ମୁଁ ଅବ୍ରହାମ, ଇସ୍‌ହାକ, ଏବଂ ଯାକୁବ, ତୁମ୍ଭର ପୂର୍ବପୁରୁଷମାନଙ୍କୁ ପ୍ରତିଜ୍ଞା କରିଥିଲି,ଯେ ତୁମେ ଲୋକମାନେ ସେହି ଦେଶକୁ ଅଧିକାର କରିବ। ଏବଂ ମୁଁ ଲୋକମାନଙ୍କର ଆର୍ତ୍ତନାଦ ଶୁଣିଛି, ମୁଁ ସନ୍ତାନମାନଙ୍କର କ୍ରନ୍ଦନ ଶୁଣିଛି, ଏବଂ ମୁଁ ତଳକୁ ଓହ୍ଲାଇ ଆସିଛି। ଏବଂ ତୁମେ ଏହା ଜାଣ ବୋଲି ମୁଁ ଚାହେଁ ଯେ ତୁମେ ଏଥିରେ ଏକ ବହତ ବଡ଼ ଭୂମିକା ଗ୍ରହଣ କରିବାକୁ ଯାଉଛ, ଅବ୍ରାମ, କାରଣ ତୁମେ ପ୍ରାର୍ଥନାରେ ବିଶ୍ୱସ୍ତ ଥିଲ। ତୁମେ ନିଜ ଘରେ ବିଶ୍ୱସ୍ତ ଥିଲ। ଏବଂ ଆସନ୍ତା ବର୍ଷ ପ୍ରାୟଃ ଏହି ସମୟରେ, ତୁମର ସୁନ୍ଦର ସାନ ପତ୍ନୀ, ଜେକୋବେଦ୍, ଏକ ଛୋଟ ଶିଶୁପୁତ୍ରକୁ ଆଲିଙ୍ଗନ କରିବାକୁ ଯାଉଛନ୍ତି। ଏବଂ ସେହି ଛୋଟ ଶିଶୁପୁତ୍ରଟି ଜଣେ ମୁକ୍ତିଦାତା ହେବାକୁ ଯାଉଅଛି।" ମହିମା ହେଉ!

146 ସେ କହିଲେ, "ଓଃ, ହଁ। ହଁ। ଓଃ, ହଁ। ହଁ। ଓଃ, ସେ ବହୁତ ସୁନ୍ଦର ଅଟେ।" ସେ ଅନାଇଲେ, ଏବଂ ସେହି ସ୍ୱର୍ଗଦୂତ ଉପରକୁ ଉଠିବାକୁ ଲାଗିଲେ। ଏପରି ଦିଶୁଥିଲା ଯେପରିକି ସମଗ୍ର ଆକାଶ ଖୋଲି ଗଲା, ଏବଂ ସେ କୋଠରୀରୁ ଚାଲିଗଲେ। ସେ ଟିକିଏ ଅପେକ୍ଷା କଲେ। ସେ କହିଲେ, "ଓଃ, ମୁଁ ନିଜ ଚେତାରେ ନାହିଁ।"

147 ସେ ପାହାଚ ତଳକୁ ଓହ୍ଲାଇ, ପ୍ରକୃତ ଶୀଘ୍ର, ଯାଇ କହିଲେ, "ଜେକୋବେଦ୍! ଜେକୋବେଦ୍, ଠିକ୍ ଶୀଘ୍ର!"

କହିଲେ, "ହଁ, ପ୍ରିୟେ, ମାମଲାଟି କଅଣ?"

148 କହିଲେ, "ବସ!" ଏବଂ ଝରକା ଦେଇ ଚନ୍ଦ୍ରାଲୋକ ଉଜ୍ଜ୍ୱଳ ହେଉଥିଲା, ଥିଲା...ସେ ସୁନ୍ଦର ଦେଖା ଯାଉଥିଲେ। ଏବଂ ସେ କହିଲେ, "ମୁଁ ବର୍ତ୍ତମାନ ହିଁ ପରମେଶ୍ୱରଙ୍କ ଜଣେ ସ୍ୱର୍ଗଦୂତଙ୍କୁ ଦେଖିଲି, ଏବଂ ସେ ମୋତେ ଏହି ସବୁ କଥା କହିଲେ।"

"ଓ, ସେ କିପରି ଦିଶୁଥିଲେ?" ମାତା କହିଲେ। "ସେ କିପରି ଦେଖା ଯାଉଥିଲେ?"

149 କହିଲେ, “ଓଃ, ସେ ସୁନ୍ଦର ଥିଲେ। ତାଙ୍କର ଉଜ୍ଜ୍ୱଳ ପୋଷାକ ରହିଥିଲା। ତାଙ୍କ ଆଖିଗୁଡିକ ଝଲସି ଉଠୁଥିଲା। ଏବଂ ତାଙ୍କ ହାତରେ ଗୋଟିଏ ଖଣ୍ଡ ଥିଲା, ଏବଂ ସେ ଏହାକୁ ଉତ୍ତର ଦିଗଆଡକୁ ଦେଖାଇଲେ।” ସେହି ଆଡେ ହିଁ, ତୁମେ ଜାଣିଛ, ପ୍ରତିଜ୍ଞାତ ଦେଶଟି ମିସରରୁ ପଡ଼ିବ; ସେହି ପଥରେ, ପାଲେଷ୍ଟାଇନ। ସେ କହିଲେ, “ସେ ଉତ୍ତର ଦିଗକୁ ଇଙ୍ଗିତ କରିଥିଲେ। ଏବଂ ସେ କହିଲେ ଯେ ଆସନ୍ତା ବର୍ଷ ପ୍ରାୟଃ ଏହି ସମୟରେ ଆମର ଏକ ସନ୍ତାନ ଜନ୍ମ ହେବାକୁ ଯାଉଅଛି, ଏବଂ ଏହି ସାନ ଛୁଆଟି ଆସି ଏକ ବିଜେତା ହେବାକୁ ଯାଉଅଛି, ଏବଂ ନିଜର ଲୋକମାନଙ୍କୁ ଉଦ୍ଧାର କରିବାକୁ ଯାଉଅଛି। ଓଃ, ହାଲ୍ଲେଲୁୟା, ଜେକୋବେଦ୍!”

150 ଏବଂ ସେ ଲକ୍ଷ୍ୟ କଲେ ଯେ ଜେକୋବେଦ୍ ଧଳା ପଡିଗଲେ। ତାଙ୍କ ମୂଖମଣ୍ଡଳ, ତାଙ୍କ ଆଖି ଚାହିଁ ରହିଥିଲା, ତାଙ୍କର ବଡ଼ ବଡ ଆଖିଗୁଡିକ ଚାହିଁ ରହିଥିଲା। “ଜେକୋବେଦ୍, କଅଣ ହେଲା?”

“ଓଃ, ଅମ୍ରାମ! ନା, ନା, ନା! କଅଣ ଆମର ଏକ ପୁଅ ଅଛି କି?”

“ହିଁ।”

151 “ଓଃ, ତୁମେ…ଏହା ହୋଇପାରେ ନାହିଁ। ତୁମେ ଜାଣିଛ ଯେ କଅଣ? ଓଃ, ଯଦି ତୁମେ ଏହି ଦର୍ଶନ କେବେ ବି ପାଇ ନ ଥାଆନ୍ତ। ତୁମେ ଜାଣିଛ ଯେ କଅଣ, ଫାରୋ, ସେ ତ ସମସ୍ତ ସାନ ଶିଶୁମାନଙ୍କୁ ହତ୍ୟା କରୁଛି।”

152 “ହିଁ। କିନ୍ତୁ, ତୁମେ ଜାଣ, ଯଦି ପରମେଶ୍ୱର ଆମକୁ ଏହି ଶିଶୁ ଦିଅନ୍ତି, ତେବେ ପରମେଶ୍ୱର ହିଁ ସେହି ଶିଶୁର ଯତ୍ନ ନେବେ। ଆମେନ୍! ପରମେଶ୍ୱର ପ୍ରତିଜ୍ଞା କରିଛନ୍ତି। ପରମେଶ୍ୱର ତାର ଯତ୍ନ ନେବେ।”

153 ଠିକ୍ ଅଛି, ପରଦିନ ସେ କାମ କରିବାକୁ ବାହାରି ଯାଆନ୍ତି। ଏବଂ ସେଠାରେ ଥିବା ସମସ୍ତ ବ୍ୟକ୍ତିମାନେ, ସେମାନେ ଅମ୍ରାମଙ୍କୁ ଲକ୍ଷ୍ୟ କରନ୍ତି। ତୁମେମାନେ ଜାଣ, ସମସ୍ତଙ୍କର କାନ୍ଧ ଝୁଲି ରହିଥିବା ଏବଂ ଥକି ଯାଇଥିବା ଅବସ୍ଥାରେ, ଆସିବା ପରିବର୍ତ୍ତେ, ତାଙ୍କ କାନ୍ଧକୁ ଉପରକୁ ଉଠି ରହିଥିଲା, କହିଲେ, “ଆଉ କିଛି ଇଟା ବଢାଇ ଦିଅ। ଆସ, ଚାଲ ଯିବା!”

“ମାମଲା କଅଣ?”

“ପରମେଶ୍ୱରଙ୍କର ମହିମା ହେଉ! ପରମେଶ୍ୱର ପ୍ରାର୍ଥନାର ଉତ୍ତର ଦେବାକୁ ଯାଉଛନ୍ତି।” ଓଃ, ନା…

154 ତୁମେ ଜାଣିଛ, ଏହା ତୁମକୁ ଭଲ ଅନୁଭବ କରାଏ ଯେତେବେଳେ ତୁମେ ଏକ ଉତ୍ତର ପାଇଥାଅ। କଅଣ ଆମେ ତାହା ଜାଣି ନାହୁଁ କି, ବାପା ଏବଂ ମାଆ, ଯେତେବେଳେ ପରମେଶ୍ୱର ଏକ ଉତ୍ତର ଦେଇଥାଆନ୍ତି? ଆପଣଙ୍କୁ ଏକ ଦର୍ଶନ ଦେଖିବାର ଦରକାର ନାହିଁ। କେବଳ ଏତିକି ଜାଣ ଯେ ଉତ୍ତରଟି ସେଠାରେ ଅଛି, ତାହାହିଁ ସବୁକିଛି। ତାହାହିଁ ସବୁକିଛି ଅଟେ, କେବଳ ଜାଣ ଯେ ଉତ୍ତରଟି ସେଠାରେ ଅଛି।

155 ତେବେ, ବର୍ତ୍ତମାନ ଧ୍ୟାନ ସହକାରେ ଶୁଣ, ମୁଁ ଚାହେଁ ଯେ ତୁମେମାନେ ଏହା ଶୁଣ, କଅଣ ଘଟିଲା । ତେବେ ତୁମେମାନେ ଜାଣ, କିଛି ସମୟ ପରେ, କହିଲେ, "ଠିକ ଅଛି, ଅବ୍ରାମ, ତୁମ ସହିତ କଅଣ ହୋଇଛି?"

156 "ପରମେଶ୍ୱର ପ୍ରାର୍ଥନାର ଉତ୍ତର ଦେବାକୁ ଯାଉଛନ୍ତି! ପରମେଶ୍ୱର ପ୍ରାର୍ଥନାର ଉତ୍ତର ଦେବାକୁ ଯାଉଛନ୍ତି!"

"ତେବେ, ସେ କିପରି ପ୍ରାର୍ଥନାର ଉତ୍ତର ଦେବାକୁ ଯାଉଛନ୍ତି?"

"ସେଥିରେ କୌଣସି ଫରକ୍ ପଡ଼େ ନାହିଁ ।"

157 ଜଣେ ବୃଦ୍ଧ ଲୋକ ଆସି, କହିଲେ, "ତେବେ ତୁମେ କଅଣ ଭାବୁଛ ଯେ ସେ କେବେ ଉତ୍ତର ଦେବେ?"

158 "ତେବେ, ମୁଁ ତୁମକୁ କହିବାକୁ ଯାଉ ନାହିଁ, କାରଣ ତୁମେ ଯେକୌଣସି ପ୍ରକାରେ ବି, ଅବିଶ୍ୱାସୀ ଅଟ । ମୋତେ ଆଉ କିଛି ଇଟା ବଢାଇ ଦିଅ ।" ସେଗୁଡିକୁ ସେଠାରେ *ସେପରି* ଭାବରେ ଫୋପାଡି ଦେଲେ…?…ଯାଏ ଆସେ ନାହିଁ; ତୁମକୁ ସବୁ କଥା ଅବିଶ୍ୱାସୀମାନଙ୍କୁ କହିବାର ଆବଶ୍ୟକତା ନାହିଁ, କଅଣ ଅଛି କି? କୌଣସି ଫରକ ପଡ଼େ ନାହିଁ । ନା, ମହାଶୟ । ନିଶ୍ଚିତରେ ନୁହେଁ । "ମୋତେ ଆଉ କିଛି ଇଟା ବଢାଇ ଦିଅ । ହାଲ୍ଲେଲୁୟା! ପ୍ରାର୍ଥନାର ଉତ୍ତର ଦେବାକୁ ଯାଉଛନ୍ତି!" ତୁମେ ତାହା ସେହିପରି ଅନୁଭବ କରିଥାଅ ଯେତେବେଳେ ତୁମେ ଏହା ଜାଣି ଯାଅ ଯେ ଏହା ଘଟିବାକୁ ଯାଉଅଛି । କଅଣ ଏହା ନୁହେଁ କି? ହଁ, ମହାଶୟ ।

"ତେବେ, ସେ ଏହାକୁ କିପରି କରିବାକୁ ଯାଉଛନ୍ତି?"

159 "ତୁମେ ଯେକୌଣସି ପ୍ରକାରେ ବି, ଜାଣ ନାହିଁ, ତେଣୁ କେବଳ ଇଟା ବଢାଇ ଚାଲିଥାଅ ।" ସେସବୁକୁ ସେଠାରେ ରଖିଲେ, ସେଠାରେ ସମସ୍ତ ପୁରୁଣା ଇଟାକୁ ସେଠାରେ ରଖିଲେ ।

160 ସେଦିନ ରାତିରେ ସେ ଘରକୁ ଯାଇ, କହିଲେ, "ଓଃ, ଜେକୋବେଦ୍, ଏହା ବିଷୟରେ ଚିନ୍ତା କର, ଆମର ଏକ ସନ୍ତାନ ହେବାକୁ ଯାଉଅଛି! ଓଃ, ସେ ମୁକ୍ତିଦାତା ହେବାକୁ ଯାଉଛନ୍ତି! ପରମେଶ୍ୱର ତାଙ୍କୁ ପଠାଇବାକୁ ଯାଉଛନ୍ତି । ଓଃ, ଏହା ଅଦ୍ଭୁତ ହେବାକୁ ଯାଉଅଛି ।"

"ଓଃ, ମାତ୍ର ମୁଁ ଅତ୍ୟଧିକ ଭାବେ…"

161 "ଓଃ, ଚିନ୍ତା କରିବା ଛାଡିଦିଅ! ଚିନ୍ତା କରିବା ଛାଡିଦିଅ! ମୋର ପ୍ରଭୁ! ପରମେଶ୍ୱର ଅଛନ୍ତି—ପରମେଶ୍ୱର ବର୍ତ୍ତମାନ ଶୁଣିବା ପକ୍ଷରେ ଅଛନ୍ତି । ପରମେଶ୍ୱରଙ୍କର କାନ ଅଛି; ପରମେଶ୍ୱର ଶୁଣି ପାରନ୍ତି । ପରମେଶ୍ୱରଙ୍କର ହାତ ଅଛି; ସେ ଉଦ୍ଧାର କରିପାରନ୍ତି ।" ତେଣୁକରି, ଓଃ, ତାଙ୍କଠାରେ ବହୁତ ଅଧିକ ବିଶ୍ୱାସ ରହିଥିଲା ।

162 ତୁମେମାନେ ଜାଣ, ଯେତେବେଳେ ତୁମେ ପ୍ରାର୍ଥନା କରିଥାଅ, ତୁମେ ଏକ ଉତ୍ତର ପାଇଥାଅ, ସେତେବେଳେ ତୁମଠାରେ ପ୍ରକୃତରେ ବହୁତ ଅଧିକ ବିଶ୍ୱାସ ରହିଥାଏ । ଓଃ! କଅଣ ତୁମେମାନେ କେବେ କୌଣସି ଜିନିଷ ପାଇଁ ପ୍ରାର୍ଥନା କରିଛ, ଏବଂ ତୁମେ ଜାଣିଥାଅ

ଯେ ପରମେଶ୍ୱର ତାହା ତୁମ ପାଇଁ କରିବାକୁ ଯାଉଛନ୍ତି? କଅଣ ତୁମେ ସାନ ଝିଅମାନେ ତାହା କରିଥାଅ, ଏବଂ ତୁମେ ସାନ ପୁଅମାନେ? ହଁ । ନିଶ୍ଚିତରେ । ସେତେବେଳେ ହଁ ଅଟେ ଯେତେବେଳେକି ସେ...ସେତେବେଳେ ହଁ ଅଟେ ଯେତେବେଳେ ତୁମେମାନେ ଜାଣ ଯେ ଏହା ଘଟିବାକୁ ଯାଉଛି । ଠିକ୍ ଅଛି ।

163 ସମଗ୍ର ଗୋଟିଏ ବର୍ଷ ବିତିଯାଏ । ଏବଂ ପ୍ରଥମ ବିଷୟ ତୁମେମାନେ ଜାଣ, ଏଠାରେ ଅମ୍ରାମ ଦିନେ କାମରୁ ଆସନ୍ତି । ଆଉ କଅଣ ଘଟିଲା? ସବୁଠାରୁ ସୁନ୍ଦର ଛୋଟ ଶିଶୁଟିଏ, ଓଃ, ସେ ସାନ ପ୍ରିୟତମ-ଜଣକ, ପ୍ରାୟଃ ଏତିକି ଲମ୍ବା ଥିଲା । ତେଣୁ ସେ ତାକୁ ଉଠାଇ, ଅମ୍ରାମଙ୍କ କୋଳକୁ ଦେଇ ଦେଲେ । ଏବଂ ସେ ତାଙ୍କୁ ଚୁମ୍ବନ କଲେ, ତୁମେ ଜାଣ । ସେ ତାକୁ ପ୍ରେମ କରନ୍ତି, ଦେଖ । ଏବଂ ମାଆ ତାକୁ ଧରିଥିଲେ । ଓଃ, କି ଏକ ଧନ! ସେ କହିଲେ, "ଓଃ, ମୁଁ ବହୁତ ଭୟଭୀତ ଅଟେ, ଯଦିଓ, ତୁମେ ଜାଣ । ଏହି ଛୋଟ ଶିଶୁଟି, ସେ ଏତେ ପ୍ରିୟ ସାନ ବିଷୟ ଅଟେ ।"

164 ଏବଂ ତୁମେ ଜାଣିଛ ଯେ କଅଣ? ବାଇବଲ କୁହେ ଯେ ତାହା କଦାଚ ସବୁଠାରୁ ସୁନ୍ଦର ଛୋଟ ଶିଶୁ ଯାହାକି ଜନ୍ମ ହୋଇଥିଲା । ବର୍ତ୍ତମାନ ମୁଁ ଜାଣେ ଯେ ମାତାମାନେ ସେହି ବିଷୟରେ ମୋ ସହିତ ସହମତ ହେବେ ନାହିଁ । ଉଃ-ହୁଃ । ସେମାନେ ଭାବାନ୍ତି...ତୁମର ମାତା ଭାବନ୍ତି ଯେ ତୁମେ ହିଁ ସବୁଠାରୁ ସୁନ୍ଦର ଛୋଟ ଶିଶୁ ଅଟ । କଅଣ ତୁମେ ନୁହଁ କି? ହଁ । ତାଙ୍କର ସେପରି ଭାବିବାର ଏକ ଅଧିକାର ଅଛି । ମାତ୍ର ବାଇବଲ କୁହେ ଯେ ଏହା ଏକ ସୁନ୍ଦର ଛୋଟ ଶିଶୁ ଥିଲା । ଓଃ, ସେ ଏକ ଅଳଙ୍କାର ଥିଲା । ପରମେଶ୍ୱର ତାହା ଉପରେ ଆପଣା ହାତ ରଖିଥିଲେ, ତୁମେମାନେ ଜାଣ । ତେଣୁକରି, ଓଃ, ସେ ସବୁଠାରୁ ସୁନ୍ଦର ଛୋଟ ଜିନିଷ ଥିଲା! ସେ ସେଠାରେ ଶୋଇ ରହିଥାଏ, ଏବଂ ସେ—ସେ କେବଳ ବିନା କୌଣସି ଦାନ୍ତରେ, ଅଳ୍ପ ଟିକିଏ ହସି ଦେଇଥାଏ ।

165 କଅଣ ତୁମର ଜଣେ ଛୋଟ ଭାଇ ଏବଂ ସେମାନେ ନ ଥାଆନ୍ତି କି, ଯେଉଁମାନେକି ସେପରି କରନ୍ତି, ଯେତେବେଳେ ସେମାନଙ୍କର କୌଣସି ଦାନ୍ତ ନ ଥାଏ—ନ ଥାଏ, କେବଳ *ସେହିପରି* ହସି ଦେଇଥାଆନ୍ତି?

ଏବଂ ପ୍ରଥମ ବିଷୟ ତୁମେମାନେ ଜାଣିଛ, "ବାଃ!"

"ଓ, ମୋର, ମଙ୍ଗଳମୟ ପ୍ରଭୁ! ହ୍ୟା! ମୁଁ ଜାଣେ, ଆସୁ ତାକୁ କେବଳ ଲୁଚାଇ ଦେବା ।"

"ମାମଲାଟି କଅଣ? ତୁମେ କଅଣ କରୁଛ?"

166 "ତାକୁ ତଳ ମହଲାକୁ ନେଇଯାଅ । ତୁମେ ଜାଣିଛ ଯେ ଆଜ୍ଞା କଅଣ ଅଟେ । ଦେଖ, ଯଦି ସେହି ପୁରୁଣା ଲମ୍ବା-ନାକ ଥିବା ଯାଦୁଗରମାନେ ଏଠାକୁ ଆସିଯାଆନ୍ତି, ତେବେ ସେମାନେ ଆମ ଶିଶୁକୁ ନେଇ ମାରି ଦେବେ । ତାହା ଠିକ୍ ଅଟେ । ଆମେ ଏହାକୁ କାନ୍ଦିବାକୁ ଦେଇ ନ ପାରୁ ।" ତେଣୁକରି, ଓଃ, ଏହା କିଛି ଗୋଟାଏ ଜଳଖିଆ କିମ୍ବା ରାତ୍ରି ଭୋଜନ ଆବଶ୍ୟକ କରେ—କିଛି ଗୋଟାଏ ଆବଶ୍ୟକ କରେ । ତେଣୁ ମାଆ ଏହାକୁ ସେହି କୋଣକୁ

ନେଇଯାଆନ୍ତି, ସେ ଏହାକୁ ଦୁଗ୍ଧପାନ କରାନ୍ତି, ତୁମେ ଜାଣ । ଏବଂ ତେବେ ସେ ଠିକ୍ ହୋଇ ଯାଇଥିଲା ।

167 ତେଣୁ ଏହାର କେତେକ ରାତି ପରେ, ସେମାନେ ତାହା ସହିତ ଖେଳୁଥିଲେ, ଏବଂ, "ବାଃ!" ସେ ପୁଣିଥରେ ଆରମ୍ଭ କଲା, ତୁମେମାନେ ଜାଣିଛ, କାନ୍ଦିବାକୁ ଲାଗିଲା । ତେବେ ସେ ପ୍ରକୃତରେ ଶୀଘ୍ର ଯାଇ, ତାକୁ ସେହିପରି ଭାବରେ ଶୀଘ୍ର ଲୁଚାଇ—ଲୁଚାଇ ଦେଲେ । ଏବଂ ତଳ ମହଲାରେ, ସେଠାରେ ପଛକୁ, ଏକ କାନ୍ଥରେ, ଅମ୍ରାମ ଗୋଟିଏ ଛୋଟ ସ୍ଥାନ ପ୍ରସ୍ତୁତ କରିଥିଲେ ଯେଉଁଠାରେ ସେ ଶିଶୁଟିକୁ ଲୁଚାଇ ଦେଇପାରିବେ ।

168 ଏବଂ ତାହାପରେ ପ୍ରଥମ ବିଷୟ ତୁମେମାନେ ଜାଣ, ସେମାନେ ଉପର କୋଠରୀକୁ କିଛି ଗୋଟାଏ ଯିବାର ଶୁଣିବାକୁ ପାଇଲେ…[ଭାଇ ବ୍ରାନହାମ୍ ପ୍ରଚାର ମଞ୍ଚରେ ଆଘାତ କରନ୍ତି—ସମ୍ପା] *ହୁ୍ୟ!* ଚାଲିଗଲା! ସମସ୍ତେ ଗୋଟିଏ ସ୍ଥାନକୁ ଛିନ୍ନଛତ୍ର ହୋଇ, କହିଲେ, "ତାହା ତ ସେମାନେ ଅଟନ୍ତି । ସେମାନେ ସେହି ପୁରୁଣା ଯାଦୁଗର ଅଟନ୍ତି, ପୁରୁଣା ଲମ୍ବା-ଆଙ୍ଗୁଠି ଥିବା, ଚିତ୍ରିତ ଆଙ୍ଗୁଠିମାନ ରହିଥିବା!" ଏବଂ ସେହି ପୁରୁଣା ଯାଦୁଗରମାନେ…ସେଠାରେ ତଳକୁ ଚାହିଁଲେ, ଏବଂ ଝରକା ବାହାରକୁ ଚାହିଁ, କହିଲେ, "ହଁ, ତାହା ସେମାନେ ହିଁ ଅଟନ୍ତି । ସେମାନେ ସେଠାରେ ଛିଡା ହୋଇଛନ୍ତି ।"

[ଭାଇ ବ୍ରାନହାମ୍ ପ୍ରଚାର ମଞ୍ଚରେ ଆଘାତ କରନ୍ତି—ସମ୍ପା ।] "ଖୋଲ!"

169 ବୃଦ୍ଧ ଅମ୍ରାମ ବାହାରକୁ ଯାଇ, କବାଟ ଖୋଲିଲେ, କହିଲେ, "ତୁମକୁ କଅଣ ଦରକାର?"

170 ସେହି ଯାଦୁଗର କହିଲା, "ତୁମର ଏଠାରେ ଏକ ଶିଶୁ ଅଛି, ଏବଂ ଆମେ ତାହା ଜାଣୁ । ଏବଂ ଆମେ ଏହାକୁ ନେବାକୁ ଯାଉଅଛୁ ।"

"ଆମ ପାଖରେ କୌଣସି ଶିଶୁ ନାହିଁ ଯେ ଆମେ ତାକୁ ତୁମକୁ ଦେବୁ ।" ସେମାନେ ଦେଲେ ନାହିଁ ।

171 "ଯାହା ବି ହେଉ, ଆମେମାନେ ଭିତରକୁ ଆସି ଦେଖିବାକୁ ଯାଉଛୁ । ଆମେମାନେ ମହିଳା ପୋଲିସ୍ ଅଟୁ । ଆମର ବ୍ୟାଜ୍ ଦେଖୁଛ?" ଏବଂ ତାହା ହେଉଛି…କଅଣ ତାହା ଜଣେ ମହିଳାଙ୍କ ପାଇଁ ହେବା କିଛି ଗୋଟାଏ ବିଷୟ ନୁହେଁ କି? ମାତ୍ର, "ଆମେମାନେ ମହିଳା ପୋଲିସ୍ ଅଟୁ । ଆମ ପାଖରେ କର୍ତ୍ତୃପକ୍ଷଙ୍କଠାରୁ ଆମର ଅଧିକାର ଅଛି!" ତୁମେମାନେ ଜାଣ, ବର୍ତ୍ତମାନ ଆମ ପାଖରେ ମଧ୍ୟ ତାହା ଏଠାରେ ଅଛି । ଏବଂ ତେବେ ତେଣୁକରି—ତେଣୁକରି ସେମାନେ ଘର ଭିତରକୁ ପଶି ଆସନ୍ତି, ଭିତରକୁ ଯାଆନ୍ତି । ସେମାନେ ଭିତରକୁ ଯାଇ ସୋଫାକୁ ଓଲଟାନ୍ତି, ଏବଂ ସମସ୍ତ ସ୍ତରଗୁଡିକୁ ଖୋଲନ୍ତି, ଏବଂ ସବୁକିଛିକୁ ଚଟାଣରେ ଫୋପାଡି ଦିଅନ୍ତି, ଏବଂ ସମସ୍ତ ଶଯ୍ୟା ବସ୍ତ୍ର ନେଇ ସେଗୁଡିକୁ ଝାଡନ୍ତି । ଏବଂ ଉପର କୋଠରୀକୁ ଯାଆନ୍ତୁ ଏବଂ ସେହି ଛୋଟ ଗୁପ୍ତ ସ୍ଥାନଟିକୁ ପାଆନ୍ତି ଯାହା ବାପା ପ୍ରସ୍ତୁତ କରିଥିଲେ । ସବୁଆଡେ ଦେଖନ୍ତି, ମାତ୍ର ସେମାନେ ଶିଶୁଟିକୁ ପାଇପାରନ୍ତି ନାହିଁ ।

172 ଶିଶୁଟି ଖୋଜି ପାଇପାରନ୍ତି ନାହିଁ, ତେଣୁ ସେମାନେ ସେଠାରେ ସେହି ସ୍ତ୍ରୀଲୋକ ନିକଟକୁ ଯାଆନ୍ତି, ବେଚାରା—ବେଚାରା ଜେକୋବେଦ୍ ସେଠାରେ ଛିଡା ହୋଇଥିଲେ, ତାଙ୍କର ଚେହେରା ଧଳା ପଡ଼ି ଯାଇଥିଲା । ସେମାନେ ଯାଇ, କୁହନ୍ତି, "ଏଠାରେ ଦେଖ! ଆମେ ଜାଣୁ ଯେ ତୁମେ—ଜଣେ ମାତା ଅଟ । ଆମେ ତୁମର ଚେହେରା ଦେଖି ତାହା କହିପାରୁ । ଆମେ ଜାଣୁ ଯେ ତୁମେ ଜଣେ ଦୁଗ୍ଧପାନ କରାଉଥିବା ସ୍ତ୍ରୀଲୋକ ଅଟ, ଏବଂ ଆମେ ଜାଣୁ ଯେ ସେହି ଶିଶୁଟି ଏଠାରେ ଅଛି । ଆମେ ଫେରି ଆସିବୁ । ଆମେ ଏହାକୁ ପାଇଯିବୁ!" ସେମାନେ କବାଟରୁ ବାହାରକୁ ଚାଲିଯାଆନ୍ତି । କବାଟ ବନ୍ଦ କରି, ବାହାରକୁ ଚାଲି ଗଲେ ।

ସେ କହିଲେ, "ଓଃ, ଓଃ, ଆମେ କଅଣ କରିପାରୁ? ଆମେ କଅଣ କରିପାରୁ?"

173 ତେଣୁ ଅମ୍ରାମ କହିଲେ, "ପ୍ରାର୍ଥନା କର ।" କଅଣ ତାହା କରିବା ନିମନ୍ତେ ସେହି ବିଷୟ ଅଟେ କି? [ପୁଅ ଓ ଝିଅମାନେ କୁହନ୍ତି, "ହଁ ।"—ସମ୍ପା ।] କଅଣ ତାହା ସେହି ବିଷୟ ଅଟେ କି? "ପ୍ରାର୍ଥନା କର! ଆସ ପ୍ରାର୍ଥନା କରିବା ।"

"ଓଃ, ଓଃ, ଓଃ! ମୁଁ ଜାଣେ ନାହିଁ ଯେ କଅଣ—କଅଣ କରିବାକୁ ଅଛି । ଓଃ!"

174 ତେଣୁ ସେ କହିଲେ, "ତେବେ, ଦେଖ, ତୁମେ ଶାନ୍ତ ହୁଅ, ଏବଂ ତୁମେ ପୁଣିଥରେ ଯାଇ ଶିଶୁକୁ ଦୁଗ୍ଧପାନ କରାଅ । ମୁଁ ଉପର କୋଠରୀକୁ ଯାଉଅଛି ଏବଂ ପ୍ରାର୍ଥନା କରିବି ।"

175 ତେଣୁ ସେ ଉପର କୋଠରୀକୁ ଯାଇ ପ୍ରାର୍ଥନା କରନ୍ତି । ସେ କୁହନ୍ତି, "ହେ ଯିହୋବା, ତୁମର କାନ ଅଛି । ଯିହୋବା, ତୁମର ଆଖି ଅଛି । ଯିହୋବା, ତୁମେ ଶୁଣି ପାର । ତୁମେ ପ୍ରାର୍ଥନାର ଉତ୍ତର ଦେଇପାର । ତୁମେ ଆମକୁ ଏହି ଶିଶୁଟିକୁ ଦେଇଅଛ । ତୁମେ ତୁମର ପ୍ରତିଜ୍ଞାକୁ ଦେଇଅଛ । ଏବଂ ତୁମେ ତୁମର ପ୍ରତିଜ୍ଞାକୁ ରକ୍ଷା କରିବ, ଏବଂ ତୁମେ ସେହି ଶିଶୁକୁ ରକ୍ଷା କରିବ । ଏବଂ ମୁଁ ଭରସାଯୁକ୍ତ ଅଟେ!"

176 ପ୍ରାର୍ଥନା କରିସାରିବା ପରେ, ପ୍ରକୃତ କ୍ଳାନ୍ତ ହୋଇଯାଉଥିଲେ, ସେ—ସେ କେବଳ ଏହିପରି ଭାବରେ ତଳେ ଗଡ଼ି ଶୋଇ ପଡ଼ିଲେ । [ଭାଇ ବ୍ରାନହାମ୍ ଘୁଙ୍ଗୁଡି ମାରିବାର ନକଲ କରନ୍ତି—ସମ୍ପା ।] ସେ ଏତେ ଥକି ଯାଇଥିଲେ! ଦିନସାରା କାମ କରିଥିଲେ, ଏବଂ ରାତିସାରା ପ୍ରାର୍ଥନା କରିଥିଲେ । ସେ ଥକି ଯାଇଥିଲେ । ଏବଂ ତାହାପରେ ତୁମେମାନେ ଜାଣ ଯେ କଅଣ ହେଲା? ସେ ନିଦ୍ରା ଚାଲିଗଲେ, ଏବଂ ସେ ଏକ ସ୍ୱପ୍ନ ଦେଖିଲେ ।

177 ତୁମେମାନେ ଜାଣ, ପରମେଶ୍ୱର ସ୍ୱପ୍ନରେ ମଧ୍ୟ,କଥା ହୁଅନ୍ତି, କଅଣ ସେ କରନ୍ତି ନାହିଁ କି? ନିଶ୍ଚିତରେ, ସେ କରନ୍ତି । ହଁ, ସେ କରନ୍ତି । ସେ କରିପାରନ୍ତି । ବୁଝିଲେ? ଏବଂ ସେ ସ୍ୱପ୍ନରେ କଥା କୁହନ୍ତି ।

178 ଓଃ, ଯେତେବେଳେ ସେ ଉଠିଲେ, ସେ କହିଲେ, [ଭାଇ ବ୍ରାନହମ୍ ଥରେ ଆଙ୍ଗୁଳି ଟିପନ୍ତି—ସମ୍ପା ।] "ତାହାହିଁ ହେଉଛି ଏହା! ମୋତେ ସେ ବିଷୟରେ ଚିନ୍ତା କରିବାର ଉଚିତ୍ ଥିଲା । ତାହାହିଁ ଅଟେ ଯାହା ମୋତେ କରିବାର ଉଚିତ୍ ।" [ଭାଇ ବ୍ରାନହାମ୍ ପାଞ୍ଚଥର ପ୍ରଚାର ମଞ୍ଚକୁ ଆଘାତ କଲେ ।] "ମୁଁ ଏହା ବିଷୟରେ କିଛି ହେଲେ କହିବି ନାହିଁ ।"

ସେ ପାହାଚ ତଳକୁ ଓହ୍ଲାନ୍ତି । ସେ କହିଲେ, "ଜେକୋବେଦ୍!"

"ହଁ, ପ୍ରିୟ? ଓଃ, ମୁଁ ବହୁତ କ୍ଳାନ୍ତ ଅଟେ । ମୁଁ ଶୋଇପାରୁ ନାହିଁ ।"

"ଓଃ, ଶୋଇବାକୁ ଚାଲିଯାଅ । ଶୋଇବାକୁ ଚାଲିଯାଅ । ଏହା ସବୁ ସମାପ୍ତ ହୋଇଛି ।"

"ତୁମେ କିପରି ଜାଣ?"

"ଓଃ, ମୁଁ କେବଳ ଜାଣେ । ମୋର ତ କେବଳ ଭରସା ଅଛି!"

179 ସେହି ରାତି, ବାପା, ପ୍ରାର୍ଥନା କରିବା ନିମନ୍ତେ ଉପର କୋଠାକୁ ଯିବା ପରିବର୍ତ୍ତେ, ସେ ଭୁମିଷ୍ଠ କୋଠରୀକୁ ଚାଲିଗଲେ । ସେ ସେଠାରେ ବ୍ୟସ୍ତ ଥିଲେ । ମୁଁ ଆଶ୍ଚର୍ଯ୍ୟ କରୁଛି ଯେ ସେ କଅଣ କରୁଥିଲେ । ଆସନ୍ତୁ ଚୁପ୍ କରି ଯିବା ଓ ତାଙ୍କୁ ଦେଖିବା । ମୁଁ ତାଙ୍କୁ ସେଠାରେ ତଳକୁ ଯିବାର, ଦେଖୁଛି...[ଭାଇ ବ୍ରାନହାମ୍ ଗୁଣୁ ଗୁଣୁ ଶବ୍ଦ କରିବା ଆରମ୍ଭ କରନ୍ତି, ଏବଂ କିଛି ଗୋଟାଏ ବିଷୟ ନିର୍ମାଣ କରିବାର ନକଲ କରୁଥିବା ଭଳି ପ୍ରହାର କରନ୍ତି—ସମ୍ପା ।] "ସ୍ଲାମ୍, ସ୍ଲାମ୍, ସ୍ଲାମ୍ ।" [ଭାଇ ବ୍ରାନହାମ୍ ଗୁଣୁ ଗୁଣୁ ଶବ୍ଦ କରନ୍ତି ।] ଏହି ନଳଟିକୁ ନିଅ, ଏବଂ ଏହାକୁ ଉପରେ ଦେଖ, ଏହାକୁ ମୋଡ଼ି ଦିଅ ଏବଂ ଦେଖ ଯେ ଏହା ଭଲ ଅଛି କି ନାହିଁ । [ଭାଇ ବ୍ରାନହାମ୍ ଗୁଣୁ ଗୁଣୁ ଶବ୍ଦ କରନ୍ତି ।] ସେଦିନ ଛୋଟ ହାରୋଣ ବାହାରକୁ ଯାଇ, ସେଗୁଡ଼ିକର ଏକ ବହୁତ ବଡ଼-ବିଡା ସଂଗ୍ରହ କରି ଆଣିଥିଲା, ତଳେ ଭୁମିଷ୍ଠ କୋଠରୀରେ ରଖିଦେଇଥିଲା, ତୁମେମାନେ ଜାଣ । [ଭାଇ ବ୍ରାନହାମ୍ ଗୁଣୁ ଗୁଣୁ ଶବ୍ଦ କରନ୍ତି ।] "ପରମେଶ୍ବର ତୁମର ଯତ୍ନ ନିଅନ୍ତି ।" [ଭାଇ ବ୍ରାନହାମ୍ ଗୁଣୁ ଗୁଣୁ ଶବ୍ଦ କରନ୍ତି ।] "ପୁରୁଣା-କାଳିଆ ଧର୍ମ, ଏହା ସବୁ ତ ସତ ହେବା ଆବଶ୍ୟକ!" [ଭାଇ ବ୍ରାନହାମ୍ କିଛି ଗୋଟାଏ ଉପରେ ପ୍ରହାର କରନ୍ତି ।] ସେଗୁଡିକୁ ଚାରିପାଖରେ ବାନ୍ଧି ଦିଅ ।

ସେ କହିଲେ, "ଅମ୍ରାମ, ତୁମ ସହିତ ମାମଲା କଅଣ?"

"ହାଲ୍ଲେଲୁୟା! କିଛି ନାହିଁ, ପ୍ରିୟେ । କରି ଚାଲ ।"

180 [ଭାଇ ବ୍ରାନହାମ୍ ଗୁଣୁ ଗୁଣୁ ଶବ୍ଦ କରନ୍ତି—ଏଡି ।] "ଏହା ତ ସେହି ପୁରୁଣା-କାଳିଆ ଧର୍ମ ଅଟେ ।" [ଭାଇ ବ୍ରାନହମ୍ ପୁଣିଥରେ ପ୍ରହାର କରନ୍ତି ।] "ଏହା ସେହି ପୁରୁଣା-କାଳିଆ ଧର୍ମ ଅଟେ ।" ତୁମେ ଜାଣ, ଏହାକୁ *ଏଠାକୁ* ଆଣ । "ଏହା ସେହି ପୁରୁଣା-କାଳିଆ ଧର୍ମ ଅଟେ ।" "ଶଶଶ," ଏହାକୁ ବାନ୍ଧି ବନ୍ଦ କରି ଦିଅ । "ଏବଂ ଏହା ମୋ ପାଇଁ ଯଥେଷ୍ଟ ଉତମ ଅଟେ! ମୋତେ ଏହି ପୁରୁଣାଟି ଦିଅ..." ସେ କିଛି ଗୋଟାଏ କରୁଥିଲେ ।

181 ତୁମେମାନେ ଜାଣ, ଗୋଟିଏ କିମ୍ବା ଦୁଇ ସପ୍ତାହ ବିତିଯିବା ପରେ, ପ୍ରଥମ ବିଷୟ ତୁମେମାନେ ଜାଣ, ସେମାନେ ଆଶ୍ଚର୍ଯ୍ୟ କଲେ ଯେ ସେ କଅଣ କରୁଛନ୍ତି ।

182 ତେଣୁ ଗୋଟିଏ ରାତି ଯେତେବେଳେ ସେମାନେ ସମସ୍ତେ ଶୋଇ ପଡ଼ିଥିଲେ, ସେ ଚୁପ୍ କରି ଉପର କୋଠରୀକୁ ଆସନ୍ତି ଏବଂ ଏହି ଛୋଟ ଜିନିଷକୁ ଉପରକୁ ଆଣନ୍ତି, ତୁମେମାନେ ଜାଣ । ସେ ଏହାକୁ *ଏହିପରି ଭାବରେ ଉଠାନ୍ତି ।* ଏବଂ ସେ ଏହାକୁ ଆଣନ୍ତି । ସେ ସେହି

ଚାଦରକୁ ଉଠାନ୍ତି ଯେଉଁଠାରେ ଜେକୋବେଦ୍ ତାଙ୍କ ପତ୍ନୀ ଶୋଇଥିଲେ, ଏବଂ ସେ ଏହାକୁ ସେହି ଚାଦର ତଳେ ରଖି ଦିଅନ୍ତି । ଏବଂ ଛୋଟ ହାରୋଣ ଏବଂ—ଏବଂ ଛୋଟ ମରିୟମ ଶୋଇଥିଲେ, ତୁମେମାନେ ଜାଣ; ଓଃ, ସେ ଏକ ଅତି ପ୍ରିୟ ଛୋଟ ଜିନିଷ ଥିଲା, ସେହି ସାନ ଝିଅଟି, ଏବଂ ଛୋଟ ହାରୋଣ ମଧ୍ୟ । ତେଣୁ, ସେ ଏହାକୁ ତାର ତଳେ ରଖି ଦେଲେ । ସେ କହିଲେ, "ଜେକୋବେଦ୍, ପ୍ରିୟ ।"

183 ସେ କହିଲେ, "କଅଣ ତୁମେ ରାତିର ଏହି ସମୟରେ ତଳେ ଭୁମିଷ୍ଠ କୋଠରୀରେ ପ୍ରାର୍ଥନା କରୁଥିଲ କି, ଅମ୍ରାମ?"

କହିଲେ, "ନା । ମୁଁ ତଳେ ଭୁମିଷ୍ଠ କୋଠରୀରେ, ପରମେଶ୍ୱରଙ୍କୁ ପ୍ରଶଂସା କରୁଥିଲି ।"

କହିଲେ, "ତୁମେ କଅଣ କରୁଥିଲ?"

184 କହିଲେ, "ମୁଁ ତୁମକୁ କହିବାକୁ ଚାହେଁ । ବର୍ତ୍ତମାନ, ତୁମେ ଜାଣ ଯେ ସେହି ପୁରୁଣା ଯାଦୁଗରମାନେ ଫେରି ଆସୁଛନ୍ତି ।"

"ହଁ ।"

185 "ଏବଂ ମୁଁ ତୁମକୁ କହିବାକୁ ଚାହେଁ ଯେ ଆମେ କଅଣ କରିବାକୁ ଯାଉଅଛୁ । ଆମେମାନେ ବର୍ତ୍ତମାନ ତିନିମାସ ହେବ ସେହି ଶିଶୁଟିକୁ ରଖିଆସିଛୁ, ଏବଂ ଆମକୁ ଏଥିରୁ ମୁକ୍ତି ପାଇବାକୁ ହେବ ।"

"ଓଃ, ଅମ୍ରାମ! ତୁମକୁ କଅଣ ପାଇବାକୁ ହେବ?"

"ଆମକୁ ସେହି ଶିଶୁରୁ ମୁକ୍ତି ପାଇବାକୁ ହେବ ।"

"ସେହି ଶିଶୁରୁ ମୁକ୍ତି ପାଇବ?"

"ହଁ ।"

"ଓହ, ତୁମେ ନିଷ୍ଠୁର ଅଟ!"

"ନା, ମୁଁ ନିଷ୍ଠୁର ନୁହେଁ । ନା, ନା, ନା । ମୁଁ ଜାଣେ ଯେ ମୁଁ କଅଣ କରୁଅଛି ।"

186 "ତୁମର କହିବାର ଅର୍ଥ କଅଣ? କାହିଁକି, ତୁମେ ତ ଫାରୋ ପରି ସେତିକି ଖରାପ ହେବ । ଆମ ଶିଶୁରୁ ମୁକ୍ତି ପାଇବାକୁ ଯାଉଅଛ?"

"ହଁ, ଶିଶୁରୁ ମୁକ୍ତି ପାଇବାକୁ ଯାଉଅଛି ।"

"ଓଃ, ଆମେ କରି ନ ପାରୁ!"

187 "ଏବେ ଶୁଣ । ଯଦି ଆମେ ଏହାକୁ ରଖିବା, ଆମେ ଏହାକୁ ହରାଇବାକୁ ଯାଉଅଛୁ । ଏବଂ ଯଦି ଆମେ ଏହାକୁ ସେହି ଜଣକାକୁ ଦେଇ ଦେବା ଯିଏକି ଏହାକୁ ଆମକୁ ଦେଇଅଛନ୍ତି, ତାହହେଲେ ସେ ଏହାକୁ ପ୍ରାପ୍ତ କରିବେ ।" କଅନ ତାହା ଠିକ୍ ଅଟେ? "ବର୍ତ୍ତମାନ, ଯଦି ତୁମେ ଏହାକୁ ରଖିବ, ତେବେ ଆମେ ଏହାକୁ ହରାଇବାକୁ ଯାଉଅଛୁ ।"

"ତୁମେ ଏହାକୁ କିପରି ହରାଇବାକୁ ଯାଉଅଛ?"

"କାହିଁକି, ସେହି ପୁରୁଣା ଯାଦୁଗରମାନେ ଆସି ଏହାକୁ ନେବାକୁ ଯାଉଛନ୍ତି ।"

188 ଏବଂ ଦେଖ, ଯଦି ତୁମେ ସେହି ପ୍ରାଣକୁ ରଖ ଏବଂ ଆଗକୁ ଯାଇ ଜଗତର ପରି ଜୀବନ ଯାପନ କର, ତେବେ ତୁମେ ଏହାକୁ ହରାଇବାକୁ ଯାଉଅଛ । ନରକର ଯାଦୁଗରମାନେ ତୁମ ପଛରେ ଅଛନ୍ତି । ଏବଂ ତାହା ଠିକ୍ ଅଟେ । ଜଗତର ଏହି ସମସ୍ତ ପୁରୁଣା ମୂର୍ଖତା ଏବଂ ସେଠାରେ ଥିବା ସେହି ବିଷୟଗୁଡିକ, ଏହା ଠିକ ତୁମ ପଛରେ ଗୋଡାଉଅଛି । ଯଦି ତୁମେ ଏହାକୁ ରଖିବ, ତାହାହେଲେ ତୁମେ ଏହାକୁ ହରାଇ ଦେବ; ମାତ୍ର ଯଦି ତୁମେ ଏହାକୁ ସେହି ଜଣକାଙ୍କୁ ଦେଇ ଦେବ, ତାହାହେଲେ ତୁମେ ଏହାକୁ ପ୍ରାପ୍ତ କରିବ ଏବଂ ରଖିବ । ତେବେ ଏହା କଅଣ ଅଟେ? ଯଦି ଆମେ ଏହାକୁ ରଖିବା, ଆମେ କଅଣ କରିବା? [ପିଲାମାନେ କୁହନ୍ତି, "ଏହାକୁ ହରାଇ ଦେବା ।"—ସମ୍ପା ।] ଏହାକୁ ହରାଇ ଦେବା । ଯଦି ଆମେ ଏହାକୁ ଖ୍ରୀଷ୍ଟଙ୍କୁ ଦେଇ ଦେବା, ଆମେ କଅଣ କରିବା? ଏହାକୁ ପ୍ରାପ୍ତ କରିବା । ["ଏହାକୁ ପ୍ରାପ୍ତ କରିବା ।"] ଆମେନ୍! ତାହା ଭଲ ଅଟେ । ବର୍ତ୍ତମାନ ତୁମେ ଠିକ୍ ଉତ୍ତର ଦେଇଛ ।

189 ତେବେ ସେ କହିଲେ, "ଜେକୋବେଦ୍, ଯଦି ଆମେ ଏହାକୁ ରଖିବା ତେବେ ଆମେ ଏହାକୁ ହରାଇବାକୁ ଯାଉଅଛୁ । ଅତଏବ ଯଦି ଆମେ ଏହାକୁ ସେହି ଜଣକାକୁ ଫେରାଇ ଦେବା—ଫେରାଇ ଦେବା ଯିଏକି ଆମକୁ ଏହା ଦେଇଅଛନ୍ତି, ତାହାହେଲେ ଆମେ ଏହାକୁ ପ୍ରାପ୍ତ କରିବା ।"

190 ତେବେ ତୁମର ଏକ ପ୍ରାଣ ଅଛି । ଏବଂ, ବାପା ଓ ମାଆ, ଆପଣମାନଙ୍କର ବି ସେହି ସମାନ ଅଛି । ମାତ୍ର ଯଦି ତୁମେ ଏହାକୁ ରଖିବ, ତୁମେ ଏହାକୁ ହରାଇବାକୁ ଯାଉଅଛ । ତାହା ଠିକ୍ । ନରକର ଯାଦୁଗରମାନେ ଏହାକୁ ନେଇଯିବେ । ସେମାନେ ସମସ୍ତେ ଏହାର ପଛରେ ଅଛନ୍ତି! ମାତ୍ର ଯଦି ତୁମେ ଏହାକୁ ସେହି ଜଣକାକୁ ଫେରାଇ ଦେବ ଯିଏକି ତୁମକୁ ତାହା ଦେଇଛନ୍ତି, ତେବେ ତୁମେ ଏହାକୁ ଅନନ୍ତ ଜୀବନ ନିମନ୍ତେ ପ୍ରାପ୍ତ କରିବ । ହାଲ୍ଲେଲୁୟା! ଆମେନ୍! ମୋତେ କ୍ଷମା କରିବ, ପିଲାମାନେ, ମୁଁ—ମୁଁ ଚିତ୍କାର କରିବା ହେତୁ ଯଥେଷ୍ଟ ପୁରୁଣା-କାଳିଆ ଅଟେ । ଯଦି ତୁମେ ଏହାକୁ ରଖିବ...ଆସନ୍ତୁ ଆମେମାନେ ସମସ୍ତେ ଏହାକୁ, ଏକାଠି ମିଶି କହିବା: [ମଣ୍ଡଳୀ ଭାଇ ବ୍ରାନହାମ୍‌ଙ୍କ ସହିତ ପାଠ କରନ୍ତି—ସମ୍ପା ।] "ଯଦି ତୁମେ ଏହାକୁ ରଖିବ, ତୁମେ ଏହାକୁ ହରାଇବ; ଯଦି ତୁମେ ଏହାକୁ ସେହି ଜଣକାକୁ ଦେଇ ଦେବ ଯିଏକି ତୁମକୁ ତାହା ଦେଇଅଛନ୍ତି, ତାହାହେଲେ ତୁମେ ଏହାକୁ ପ୍ରାପ୍ତ କରିବ ।" ଆମେନ୍ । ବର୍ତ୍ତମାନ ମନେରଖ, ତାହାଙ୍କୁ ଦେଇ ଦିଅ ।

191 ତେବେ ଆସନ୍ତୁ ଦେଖିବା । ଓଃ, ସେ କାନ୍ଦିବା ଆରମ୍ଭ କଲେ । ସେ କହିଲେ, "ଓଃ, ତୁମେ ଏହା ସହିତ କଅଣ କରିବାକୁ ଯାଉଅଛ?" ସେ କହିଲେ ।

"ଏଠାରେ ଦେଖ, ମୁଁ ତୁମକୁ କିଛି ଦେଖାଇବାକୁ ଚାହେଁ ।"

"ତୁମେ ମୋ ବିଛଣା ତଳେ କଅଣ ରଖିଛ?"

କହିଲେ, "ମୋତେ ତୁମକୁ ଦେଖାଇବାକୁ ଦିଅ।" ଏବଂ ସେ ଏହାକୁ ବାହାର କଲେ।

"ଓ, ଏହା ତ ଗୋଟିଏ ଛୋଟ ନଳ ଟୋକେଇ ଅଟେ!"

192 ଏହା ଏକ ଛୋଟ ଜାହାଜ, ଯାହାକି ଏହା ଅଟେ। କୌଣସି ଆହୁଲା ନାହିଁ, ଏହାର କୌଣସି ପାଲ ନାହିଁ, ଏହା ଉପରେ କୌଣସି ତୋପ ନାହିଁ, ଏବଂ ତଥାପି ଏହା ସବୁଠୁ ବହୁମୂଲ୍ୟ ବସ୍ତୁକୁ ନେବାକୁ ଯାଉଅଛି ଯାହାକି ସେହି ସମୟ ପର୍ଯ୍ୟନ୍ତ, କଦାଚ ଏକ ଜାହାଜ ଦ୍ୱାରା ନିଆ ଯାଇଥିଲା। ଏହା ଶୁଣ! ଏଥିରେ କୌଣସି ନାବିକ କିମ୍ବା ସଦସ୍ୟ ନାହାଁନ୍ତି। ଭାଇ, ମୁଁ ଜଣେ ବୟସ୍କ ପାଇଁ ମଧ୍ୟ, ସେହି ପରି, ଏକ ଜାହାଜକୁ ଜାଣେ!

193 "ଓଃ," ସେ କହିଲେ, "ଅମ୍-...ମୋତେ ଏହାକୁ ଦେଖିବାକୁ ଦିଅ, ଅମ୍ରାମ, ମୁଁ ଏହାକୁ ଦେଖେ।" ସେ ଏଠାକୁ ଯାଆନ୍ତି।

194 କହିଲେ, "ଏଠାରେ ଦେଖ, ଏଥିରେ ଏକ ଛୋଟ ଢାଙ୍କୁଣୀ ଅଛି। ବୁଝିଲେ?" ସେ ଛୋଟ ଢାଙ୍କୁଣୀଟିକୁ ଉଠାଇଲେ।

ସେ କହିଲେ, "ହୁ୍ୟ! ଦୁର୍ଗନ୍ଧ! ଉଃ! ହୁ୍ୟ! ମୋର ପ୍ରଭୁ!"

କହିଲେ, "ହଁ, ଏହା ଦୁର୍ଗନ୍ଧ ଦେଉଅଛି।"

"କାହିଁକି?"

195 "ମୁଁ ଏହାକୁ ଡାମରରେ ଢାଳି ଦେଇଛି। ଏହାକୁ ସମ୍ପୂର୍ଣ୍ଣ ଭାବେ, ଲେପନ କରା ହୋଇଛି।" ସେହି ଲେପନଟି ଡାମର ଅଟେ, ତୁମେମାନେ ଜାଣିଛ, ତେଣୁ ସେମାନେ ଏହାକୁ ସମ୍ପୂର୍ଣ୍ଣ ଭାବେ ଲେପନ କରି ଅଛନ୍ତି। ତାହାହିଁ ଥିଲା ଯାହାକି ସେ ଏଠାରେ ତଳେ ଫୁଟାଉଥିଲେ, ଏବଂ ଏହାକୁ ଏହି ନଳଗୁଡିକ ଉପରେ ଢାଳିଥିଲେ। ସେ ଏହାକୁ ଲେପନ କରିଥିଲେ। କହିଲେ, "ଦେଖ, ତେବେ ଜଳ ଏଥିରେ ପ୍ରବେଶ କରିପାରେ ନାହିଁ। ଦେଖ, ଏହା ସବୁ ଆଡୁ ବନ୍ଦ ଅଟେ।" ଏବଂ କହିଲେ, "ପୁଣି ଏହା କେବଳ ଏଥିରେ ପ୍ରବେଶ କରି ହିଁ ପାରେ ନାହିଁ, ଜଳ ପାରେ ନାହିଁ। ମୁଁ ଏହାକୁ ଲେପନ କରିଅଛି।"

କହିଲେ, "ହୁ୍ୟ! ଖରାପ ଦୁର୍ଗନ୍ଧ ହେଉଛି!"

196 ତୁମେ ପିଲାମାନେ ଜାଣିଛ ଯେ ଡାମର କଅଣ ଅଟେ, ଯେତେବେଳେ ସେମାନେ ରାସ୍ତା ମରାମତି କରୁଥାନ୍ତି, "ଓଃ, ତାହା ଭୟଙ୍କର ଦୁର୍ଗନ୍ଧ ହୋଇଥାଏ!" ମାତ୍ର ଏହା—ଏହା—ଏହା—ଏହା ରଖିଥାଏ...ଏହା—ଏହା ରାସ୍ତାରେ ଥିବା ସମସ୍ତ ଖାଲକୁ ଭରି ଦେଇଥାଏ। ଏବଂ ତାହା ସେହି ପ୍ରକାରେ ହିଁ କାମ କରିଥାଏ, ଏହା ସମସ୍ତ ଜଳକୁ ରୋକି ଦେଇଥାଏ।

197 ଏବ ତାହାହିଁ ଅଟେ ଯାହାକି ସେହି ପ୍ରାର୍ଥନା ବିଶ୍ୱାସୀଙ୍କ ପାଇଁ କରିଥାଏ। ତାହାହିଁ ଅଟେ ଯାହାକି ଦୈନିକ ଭାବରେ ଜଗତକୁ ତୁମଠାରୁ ବାହାର ରଖିଥାଏ, ତାହା ହେଉଛି ଯେତେବେଳେ ତୁମେମାନେ ନିଜକୁ ଆଣ୍ଠୁରେ ଲେପନ କରିବ, ଏବଂ କହିବ, "ପ୍ରଭୁ ଯୀଶୁ!" ଏବଂ ରକ୍ତ ତଳକୁ ଆସେ, ଏବଂ ଏହା ତୁମକୁ ସର୍ବତ୍ର ବନ୍ଦ କରି ରଖିଥାଡେ ଯେପରିକି ଶୟତାନ

ତୁମକୁ ପାଇପାରେ ନାହିଁ । ବୁଝିଲ? ତାହା ଠିକ୍ । ବୁଝିଲ? ତେଣୁକରି ତେବେ, ଓଃ, ଅନେକ ଥର ଲୋକମାନେ ଏପଟ ସେପଟ ଯାଆନ୍ତି ଏବଂ କୁହନ୍ତି ଯେ ଏହା ଭୟଙ୍କର ଅଟେ, ମାତ୍ର, ତାହା କୌଣସି ଫରକ ପକାଏ ନାହିଁ, ଏହା ତୁମକୁ ସୁରକ୍ଷିତ ରଖେ । ତାହାହିଁ ହେଉଛି ମୁଖ୍ୟ ବିଷୟ, ସୁରକ୍ଷିତ ରଖିବା । କୁହନ୍ତି, "ତୁମେ ତ ପୁରୁଣା-କାଳିଆ ଅଟ," କିନ୍ତୁ, ଏଥିରେ କୌଣସି ଫରକ ପଡ଼େ ନାହିଁ, ଏହା ତୁମକୁ ସୁରକ୍ଷିତ ରଖେ ।

"ତେବେ," କହିଲେ, "ଆମେ କଅଣ କରିବାକୁ ଯାଉଅଛୁ?"

198 "ଠିକ ଅଛି," କହିଲେ, "ମୁଁ ତୁମକୁ କହିବି ଯେ ଆମେ କଅଣ କରିବାକୁ ଯାଉଛୁ । ଆମେ ଶିଶୁକୁ ନେବାକୁ ଯାଉଅଛୁ, ଏବଂ ଆମର ଅଳ୍ପ ଟିକିଏ ପୃଥକୀକରଣ ହେବାକୁ ଯାଉଅଛି । ଏବଂ ଆମେ ଶିଶୁଟିକୁ ନେଇ ଏଠାରେ ରଖିବାକୁ ଯାଉଛୁ, ଏବଂ ତାକୁ ନୀଳ ନଦୀରେ ବୁହାଇ ଦେବାକୁ ଯାଉଛୁ ।"

199 "ଓଃ! ନା! ନା! ନା! ଅମ୍ରାମ, ତୁମେ ଆମ ଶିଶୁକୁ ନଦୀରେ ବୁହାଇପାର ନାହିଁ ।"

200 "ହଁ! ହଁ! ମୁଁ ଜାଣେ ଯେ ମୁଁ କଅଣ କରୁଛି ।" ଦେଖ, ସେ ଏକ ସ୍ୱପ୍ନ ଦେଖିଥିଲେ, ସେ ଜାଣିଥିଲେ ଯେ କଅଣ କରିବାକୁ ଅଛି । ଦେଖ, ପରମେଶ୍ୱର ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେ ଜାଣିଥିଲେ ଯେ କଅଣ କରିବାକୁ ଅଛି । ସେ ଏହାକୁ ନିର୍ମାଣ କରିଥିଲେ, ଏବଂ ଦେଖିଲେ ଯେ ଏହା ସେହି ଜାହାଜର ଏକ ପ୍ରତିରୂପ ଥିଲା ଯାହାକି ସେଠାରେ ପଶ୍ଚାତ ସମୟରେ ନୋହଙ୍କୁ ତାଙ୍କ ସମୟରେ ଉଦ୍ଧାର କରିଥିଲା ।

201 ତେଣୁ ସେ କହିଲେ, "ଏଠାରେ ଦେଖ, ମୁଁ ଠିକ ଏହାର ଉପରି ଭାଗକୁ କାଟି ଏକ ଛୋଟ ଛିଦ୍ର କରିଛି, ଯେଣୁ ସେ ନିଶ୍ୱାସ ନେଇ ପାରେ । ଦେଖ, ସେ ସେଠାରୁ ସୂର୍ଯ୍ୟକିରଣ ପାଇପାରେ ।"

202 ଏବଂ ତୁମେମାନେ ଜାଣ, ପୁରାତନ ବାଇବଲରେ ଥିବା ଜାହାଜଟି, ସେଠାରେ ପଶ୍ଚାତ୍ ସମୟରେ, ଏହା ଠିକ ସେହି ସମାନ ଭାବରେ ନିର୍ମାଣ କରାଯାଇଥିଲା । ଏବଂ ଏହାର ଠିକ ଉପରି ଭାଗରେ ଏକ ଛିଦ୍ର ଥିଲା, ଯେପରିକି ଆପଣ ଦେଖିପାରିବେ, ଆପଣ ଦେଖନ୍ତୁ, ଏବଂ ଯେଉଁଠାରୁ ତାଙ୍କୁ ଉପରକୁ ଦେଖିବାକୁ ପଡୁଥିଲା ।

203 ତେଣୁ ଏହି ବେଚାରା ସାନ ଶିଶୁଟି, ନାମବିହୀନ, ଏପରିକି ତାର କୌଣସି ନାମ ମଧ୍ୟ ନ ଥିଲା; ସାନ, ନାମବିହୀନ ଶିଶୁ, ଏବଂ ତଥାପି ଜଗତର ସବୁଠାରୁ ଛୋଟ ଶିଶୁ ।

204 ପରଦିନ ରାତିରେ, ଯେତେବେଳେ ସେମାନେ ଭିତରକୁ ଆସିଲେ, ଏବଂ ସେମାନେ ସକାଳ ପ୍ରାୟଃ ତିନି ଘଟିକା ପର୍ଯ୍ୟନ୍ତ ଅପେକ୍ଷା କଲେ, ଏବଂ ତାହାପରେ ସେମାନେ...ସେ ଚାଲିକରି ଗଲେ । ଏବଂ ସେ ପ୍ରାର୍ଥନା କରି ସାରିଲେ । ସେ ଗଲେ, ଏବଂ ସେ କହିଲେ, "ତେବେ ଆସ, ଜେକୋବେଦ୍, ଉଠ!"

205 ଏବଂ ତେଣୁକରି ସେମାନେ ଛୋଟ ହାରୋଣ ଏବଂ ଛୋଟ ମରିୟମଙ୍କୁ ନିଦ୍ରରୁ ଉଠାଇଲେ । ଓଃ, ସେ ଆସିଲେ ଏବଂ ସେ ନିଜର ବାହୁକୁ ରଖି, ସେ କହିଲେ, "ବାପା!" ଛୋଟ ମରିୟମ, ସେ କହିଲା, "ତୁମେ ଆମର ଛୋଟ ଭାଇ, ଶିଶୁଟିକୁ ନେବାକୁ ଯାଉ ନାହଁ, କଅଣ ତୁମେ ନେଇ, ତାହାକୁ ସେହି ନୀଳ ନଦୀରେ ବୁହାଇ ଦେବାକୁ ଯାଉଅଛ, ଯେଉଁଠାରେ ସେହି ସମସ୍ତ ପୁରୁଣା କୁମ୍ଭୀରମାନେ ଅଛନ୍ତି?"

206 ଏବଂ ସେ ତାର ଛୋଟ କେଶକୁ *ସେପରି* ପଛକୁ କଲା / ଏବଂ ତାର...ତାର ସୁନ୍ଦର ଆଖିଗୁଡିକ, ଏବଂ ସୁନ୍ଦର ଛୋଟ କେଶ ଥିଲା । ଏବଂ ତେଣୁ ସେ ତାକୁ ଗାଲ ପାର୍ଶ୍ୱରେ ଚୁମ୍ବନ ଦେଲେ । ସେ କହିଲେ, "ପ୍ରିୟ, ଏହା ମୋତେ ମଧ୍ୟ, କଷ୍ଟ ଦିଏ । ଏହା ମୋତେ ମଧ୍ୟ, କଷ୍ଟ ଦିଏ, ମାତ୍ର ଆମାକୁ ଏହା କରିବା ଜରୁରୀ ଅଟେ ।"

207 ତୁମେ ଦେଖୁଛ, ସାନ ସାନ ଝିଅ ଏବଂ ପୁଅମାନେ, ବେଳେବେଳେ ଆମକୁ ଏପରି କାର୍ଯ୍ୟ କରିବାକୁ ପଡିଥାଏ ଯାହା ଆମକୁ ଏକପ୍ରକାରେ କଷ୍ଟ ଦିଏ, ମାତ୍ର ଆମେ ଯେକୌଣସି ପ୍ରକାରେ ବି, ତାହା କରିବା ଉଚିତ୍ । ଯେତେବେଳେ ଝିଅମାନେ କୁହନ୍ତି, "ଆରେ, କଅଣ ତୁମେ କେବେ ସିଗାରେଟ୍ ଟାଣିଛ କି?"

ତୁମେ କହିବେ, "ନା ।"

208 "ତେବେ, ଗୋଟିଏ ଚେଷ୍ଟା କର! ଓଃ, ମୁଁ ତୁମର ବନ୍ଧୁ ଅଟେ, ତୁମେ ଜାଣ । ହଁ, ତୁମେ ଏହା ଚେଷ୍ଟା କର ।"

209 କିନ୍ତୁ ତୁମେ, ଏହା ଟିକିଏ ଆଘାତ ଦେଇପାରେ, କିନ୍ତୁ କୁହ, "ହୁଃ-ଉଃ । ମୁଁ ଏହା ଚାହେଁ ନାହିଁ ।" ବୁଝିଲ? ବୁଝିଲ? "ମୁଁ ଏହା ଚାହେଁ ନାହିଁ ।"

କୁହନ୍ତି, "କଅଣ ତୁମେ ଆସିବ, ଆଜି ସନ୍ଧ୍ୟାରେ ମୋ ସହିତ ଶୋ ଦେଖିବାକୁ ଯିବ କି?"

210 "ନା, ନା । ହୁଃ-ଉଃ । ମୁଁ ଶୋ ଦେଖିବାକୁ ଯାଏ ନାହିଁ ।" ବୁଝିଲ? ଏହା ଟିକିଏ ଆଘାତ ଦେଇପାରେ । ବୁଝିଲ?

211 "ଓଃ, ତୁମେ ତ କେବଳ ଏକ ପୁରୁଣା କାଳିଆ ବ୍ୟକ୍ତି ଅଟ ।" ତୁମେ ତାହା ବିଶ୍ୱାସ କର ନାହିଁ । ଅଳ୍ପ ଟିକିଏ ଆଘାତ ହୋଇପାରେ । ଏଥିରୁ କେବଳ ନିଜର ମୁଣ୍ଡ ବୁଲାଇ ଦିଅ; ଏହା କରିବା ଠିକ୍ କାର୍ଯ୍ୟ ଅଟେ, ତୁମେ ଦେଖ । ସର୍ବଦା ତାହା କର, ସଠିକ୍ କାର୍ଯ୍ୟ କର । ଠିକ୍ ଅଛି ।

212 ଏବଂ ବର୍ତ୍ତମାନ ଯେତେବେଳେ ଝିଅମାନେ ଏହି ଛୋଟ ପୁରୁଣା ପାଦଗଣ୍ଠି ନୃତ୍ୟ ପରି କିଛି ଗୋଟାଏ ବିଷୟ ଶିଖୁଛନ୍ତି, ଏବଂ ତୁମେ ତାହା କର ବୋଲି ଚାହୁଁଥାନ୍ତି; ତୁମେ ସେମାନଙ୍କୁ କୁହ, "ନା, ନା ।" ତୁମେ ତାହା କର ନାହିଁ, ବୁଝିଲ ।

213 "ଓଃ, ତେବେ, ଏହା ବହୁତ ମଜା ଅଟେ ।" ଏହା କେତେ ମଜାଦାର ତୁମେ ତାହା ପ୍ରତି ଧ୍ୟାନ ଦିଅ ନାହିଁ । ତୁମେ ତ ତାହା କରିବାକୁ ଚାହଁ ଯାହା ଠିକ୍ ଅଟେ, ତେଣୁ ତୁମେ ସବୁବେଳେ

ତାହା କର ଯାହା ଠିକ୍ ଅଟେ । ବର୍ତ୍ତମାନ, ତୁମେ କେବଳ ତାହା ମନେ ରଖିଥାଅ । ତୁମେ ଏହାକୁ ଭୁଲିଯିବ ନାହିଁ, କଅଣ ତୁମେ ଭୁଲିଯିବ କି?

214 ତେବେ, ବର୍ତ୍ତମାନ ସେମାନେ କଅଣ କଲେ? ସେମାନେ ତେବେ ସେହି ଛୋଟ ଶିଶୁକୁ ନେଲେ, ଏବଂ ସେଠାରେ ଉପରକୁ ଗଲେ । ଏବଂ ଛୋଟ ହାରୋଣ ଆସିଲା, ସେ କହିଲା, "ବାପା, ତୁମେ ଆମର ଶିଶୁ ସହିତ କଅଣ କରିବାକୁ ଯାଉଅଛ?"

215 ସେ କହିଲେ, "ହାରୋଣ, ପ୍ରିୟ, ମୋ କୋଳରେ ଏଠାରେ ବସ ।" କହିଲେ, "ଦେଖ, ହାରୋଣ । ଯଦି ଆମେ ଶିଶୁଟିକୁ ରଖି ପକାଇବା, ତେବେ ଆମେ କଅଣ କରିବାକୁ ଯାଉଅଛୁ?" [ମଣ୍ଡଳୀ କୁହନ୍ତି, "ଏହାକୁ ହରାଇବାକୁ ଯାଉଅଛୁ ।"—ସମ୍ପା ।] "ଏହାକୁ ହରାଇ ଦେବା । କିନ୍ତୁ ଯଦି ଆମେ ଶିଶୁଟିକୁ ତାହାଙ୍କର ହାତରେ ଦେଇ ଦେବା ଯିଏକି ଏହାକୁ ଆମକୁ ଦେଇଛନ୍ତି, ତେବେ ଆମେ କଅଣ କରିବା?" ["ଏହାକୁ ପ୍ରାପ୍ତ କରିବା ।"] "ଆମେ ଏହାକୁ ପ୍ରାପ୍ତ କରିବା ।" ତାହା ଠିକ୍ ଅଟେ ।

"କିନ୍ତୁ ବାପା, ତୁମେ ଏହା କିପରି କରିବାକୁ ଯାଉଅଛ?"

216 "ମୁଁ ଜାଣେ ନାହିଁ । ମୁଁ ଜାଣେ ନାହିଁ ଯେ ଏହା କିପରି ହେବାକୁ ଯାଉଅଛି, ମାତ୍ର ପରମେଶ୍ୱର ଏହା କରିବାକୁ ଯାଉଅଛନ୍ତି ।" ବୁଝିଲ?

217 ଏବଂ ତେବେ ତାହାପରେ ସେମାନେ ସେହି ଛୋଟ ଶିଶୁକୁ ସେଥିରେ ରଖି ଦେଲେ, ଏବଂ ତେବେ ସେ ଏଠାରେ ଯାଆନ୍ତି । ଏବଂ ଏଠାରେ ସେମାନେ ବର୍ତ୍ତମାନ ଯାଆନ୍ତି, ସେମାନେ ଦ୍ୱାର ନିକଟକୁ ଯାଉଛନ୍ତି । ସେମାନେ କବାଟ ନିକଟକୁ ଯାଆନ୍ତି, ସେ ରାସ୍ତାର ଏ-ପଟକୁ *ଏପରି* ଭାବରେ ଅନାନ୍ତି, ରାସ୍ତାର *ସେହି* ପଟକୁ ଅନାନ୍ତି । ସେଠାରେ କୌଣସିଠାରୁ, କେହି ବି ଆସୁନାହାଁନ୍ତି । କହିଲେ, "ଜେକୋବେଦ୍, ଆସ । ହାରୋଣ, ଆସ । ଆସ, ମରିୟମ, ଆସ । ଆସ ଆମେମାନେ ଯିବା ।"

218 ସେମାନେ ସେହି ଛୋଟ ଜାହାଜକୁ ନେଇ ନଦୀ କୂଳରେ ପତାକା ନିକଟକୁ ଯାଆନ୍ତି । ଓଃ, ଏହା ଦିବାଲୋକ ହେବା ପୂର୍ବରୁ ଏକ ଲମ୍ବା ସମୟ ଅଟେ । ଆଉ ଏଠାରେ ଛୋଟ ହାରୋଣ ଆସେ, ସେଠାରେ ଛୋଟ ମରିୟମକୁ ଧରି, ସାନ ଭାଇ ଏବଂ ଭଉଣୀ, ସେମାନେ କାନ୍ଦୁଥିଲେ । ଏବଂ ବେଚାରା ସାନ ଜେକୋବେଦ୍, ସେ ସଙ୍ଗରେ ଯାଉଛନ୍ତି, କହୁଥାନ୍ତି, "ସୁଂ, ସୁଂ, ସୁଂ, ସୁଂ ।"

"ଶ-ଶ-ଶ-ଶ-ଶ! ସେମାନେ ରାସ୍ତାରେ ଅନାଉଛନ୍ତି । ସାବଧାନ ରୁହ । ଶ! ସାବଧାନ ରୁହ ।" ରାସ୍ତା ଦେଇ ଯାଆନ୍ତି । "ଶ-ଶ-ଶ! ସାବଧାନ ରୁହ ।" ଛୋଟ ଶିଶୁଟିକୁ ଧରି । ଏବଂ ମାଆ ଶିଶୁଟିକୁ ଧରିଥିଲେ, ଏବଂ—ଏବଂ ବାପା ଜାହାଜଟିକୁ ଧରିଥିଲେ ।

219 ସେମାନେ ନଦୀ କୂଳକୁ ଆସିଯାଆନ୍ତି । ଓଃ, ଏହା ଏକ ବହୁତ ବଡ଼ ନଦୀ, ବିଶ୍ୱର ପ୍ରାୟଃ, ଦ୍ୱିତୀୟ ବୃହତ୍ତମ ନଦୀ ଅଟେ । ଏବଂ, ତେଣୁ, ତେବେ, ସେହି ବିରାଟ ବଡ଼ ନଦୀ, ଏବଂ ଦ୍ରୁତ ଗତି, ଏବଂ କେବଳ ବଡ ବଡ ପୁରୁଣା କୁମ୍ଭୀର ଏବଂ ଘଡିଆଳରେ ପରିପୂର୍ଣ୍ଣ ଥିଲା । ଓଃ, ସେହି କୁମ୍ଭୀରଗୁଡିକ ହୃଷ୍ଟପୃଷ୍ଟ ଥିଲେ । ହୁଁ! ସେମାନେ ସେସମସ୍ତ ଛୋଟ ଶିଶୁମାନଙ୍କୁ

ସେମାନଙ୍କୁ ଖାଇବାକୁ ଦେଇଥିଲେ । ସେମାନେ ତ କେବଳ ହୃଷ୍ଟପୃଷ୍ଟ ଥିଲେ । ଏବଂ—ଏବଂ ସେ କୁହନ୍ତି, ଜେକୋବେଦ ତାଙ୍କ ସ୍ୱାମୀ, ଅମ୍ରାମଙ୍କୁ କୁହନ୍ତି, କହିଲେ, "ଓଃ, କଅଣ ହେବ ଯଦି କୁମ୍ଭୀରମାନେ ଏହାକୁ ଧରି ପକାଇବେ? କଅଣ ହେବ ଯଦି ଏଠାରେ ଥିବା କୁମ୍ଭୀରମାନେ ଏହାକୁ ସ୍ପର୍ଶ କରିବେ?"

220 କହିଲେ, "ବ୍ୟସ୍ତ ହୁଅ ନାହିଁ । ଯଦି ସେମାନେ ନିଜର ନାକକୁ ସେହି ଡାମରରେ ଲଗାନ୍ତି, ତେବେ ସେମାନେ ଦୂରକୁ ଚାଲିଯିବେ, ଦେଖ । ସେହି କାରଣରୁ ଏହା ଦୁର୍ଗନ୍ଧ ହେଉଅଛି, ବୁଝିଲ । ସେ ତାର ନାକକୁ ଉପରକୁ ଟେକି ଦେବ," କହିଲେ, "ସେ ମନୁଷ୍ୟର ମାଂସ ଗନ୍ଧ ପାଇପାରିବ ନାହିଁ, ତେଣୁ ସେ ଦୂରେଇ ଯିବ । ସେହି ଡାମର ଏତେ ଦୁର୍ଗନ୍ଧ ହେବ ଯେ ଏପରିକି ସେମାନେ ପଳାଇଯିବେ । ଏହା ସବୁ ଠିକ୍ ହେବ । ତୁମେ ବ୍ୟସ୍ତ ହୁଅ ନାହିଁ ।" ତେଣୁକରି ସେମାନେ...ଏବଂ ସେଠାରେ ଏହାକୁ, ସେହି ଛୋଟ ଜାହାଜକୁ ରଖି ଦେଲେ । ଏବଂ ସେ କହିଲେ..."ତେବେ ତୁମେ ଶିଶୁଟିକୁ ସ୍ତନ୍ୟପାନ କରାଅ ।"

221 ତେଣୁ ମାଆ ସେହି ଶିଶୁଟିକୁ ନେଇ ସ୍ତନ୍ୟପାନ କରାଇଲେ, ଏବଂ ସେ ଶିଶୁଟିକୁ ଏତେ ସ୍ତନ୍ୟପାନ କରାଇଲେ, ଯେ ତାର ଅତି ସକାଳର ଜଳଖିଆ ହୋଇଗଲା । ଏବଂ ତାହାପରେ ସେ [ଭାଇ ବ୍ରାନହାମ୍ ଏକ ଚୁମ୍ବନ ଶବ୍ଦ କରନ୍ତି—ସମ୍ପା ।] ଏହାକୁ ଚୁମ୍ବନ କଲେ । ଏବଂ କହିଲେ, "ତେବେ, ହାରୋଣ, ତୁମେ ଏହାକୁ ଚୁମ୍ବନ ଦେଇପାର ।" ଏବଂ ହାରୋଣ ଏହାକୁ ଚୁମ୍ବନ କଲା । ଏବଂ ତାହାପରେ ଏହାକୁ ମରିୟମଙ୍କ ନିକଟକୁ ନେଲେ, ଏବଂ ସେ ଏହାକୁ ଚୁମ୍ବନ କଲା । ଏବଂ ମାଆ ଏହାକୁ ଚୁମ୍ବନ କଲେ, ଏବଂ, "ଓଃ," ସେ କହିଲେ, "ମୁଁ କେବଳ..."

222 "ତେବେ, ଶ-ଶ-ଶ! ବର୍ତ୍ତମାନ ଶୁଣ, ଆମକୁ ସୈନିକ ହେବାକୁ ଅଛି । ବୁଝିଲ? ଆମକୁ ସୈନିକ ହେବାକୁ ଅଛି । ତେବେ ତୁମେମାନେ ସମସ୍ତେ ଏହାକୁ ପୁଣିଥରେ ଚୁମ୍ବନ କରିବାକୁ ଚାହଁ କି?" ସମସ୍ତେ ପୁନର୍ବାର, ଏହାକୁ ଥର ଥର କରି, ଚୁମ୍ବନ କରନ୍ତି । ତାହାପରେ ସେମାନେ ତାକୁ ସେହି ଭିତରେ ରଖି ଦେଲେ ।

223 ଏବଂ ମାଆ ଛୋଟ କମ୍ବଳ ତିଆରି କଲେ, ଆଉ ତାକୁ ସେଠାରେ ରଖିଦେଲେ, ଏବଂ ଛୋଟ ତକିଆ । ସେ ଏହାକୁ ସେଠାରେ ରଖି ଦେଲେ । ସେ କହିଲେ, "ମୋର ପ୍ରିୟ ସାନ ଶିଶୁ, ପରମେଶ୍ୱର ତୋତେ ଆଶୀର୍ବାଦ କରନ୍ତୁ ।"

"ଶ-ଶ-ଶ! ବର୍ତ୍ତମାନ, ପରମେଶ୍ୱର ତାହାର ଯତ୍ନ ନେବେ । ତୁମେ ବ୍ୟସ୍ତ ହୁଅ ନାହିଁ ।"

224 ଛୋଟ ଢାଙ୍କୁଣୀଟିକୁ ବନ୍ଦ କରିଦେଲେ । ଏବଂ ପ୍ରଥମ ବିଷୟ ତୁମେମାନେ ଜାଣ, ବାପା ତାଙ୍କର ଅଙ୍ଗରଖାକୁ କାଢ଼ିବାକୁ ଲାଗିଲେ, ତାଙ୍କର କୁର୍ତ୍ତାକୁ କାଢ଼ିବାକୁ ଲାଗିଲେ । ଏଠାରେ ସେ ପାଣି ଭିତରକୁ, ଚାଲିକରି ପ୍ରବେଶ କଲେ ।

225 ତୁମେମାନେ କଅଣ ଭାବୁଛ ଯେ ଏହି ସମୟରେ ସ୍ୱର୍ଗରେ, କଅଣ ଚାଲୁଥିଲା? ହାଲ୍ଲେଲୁୟା! ତୁମେମାନେ ଜାଣ, ଯେତେବେଳେ ଏଠାରେ ତଳେ ଜିନିଷଗୁଡିକ ହେଉଥିଲା, ସେଠାରେ ଉପରେ ମଧ୍ୟ, କିଛି ଗୋଟାଏ ବିଷୟ ଚାଲିଥିଲା । ଆମେନ୍! ମୁଁ ଦେଖିପାରେ ଯେ

ପରମେଶ୍ୱର ତାହାଙ୍କ ସିଂହାସନରୁ ଉଠି ଗଲେ, ଚାଲିକରି ଗଲେ, କହିଲେ, "ଗାବ୍ରିୟେଲ୍! ଗାବ୍ରିୟେଲ୍! ତୁମେ କେଉଁଠାରେ ଅଛ?"

ଗାବ୍ରିଏଲ୍ କହିଲେ, "ପ୍ରଭୁ, ମୁଁ ଏଠାରେ ଅଛି।"

226 "ଏଠାକୁ ଆସ! ତୁମକୁ କିଛି ଦେଖାଇବାକୁ ଯାଉଛି!" କହିଲେ, "ତୁମେ ସମସ୍ତ ସ୍ୱର୍ଗଦୂତମାନେ ଏଠାକୁ, ଗୋଟିଏ ମିନିଟ୍ ପାଇଁ ଆସ, ମୁଁ ତୁମକୁ କିଛି ଦେଖାଇବାକୁ ଚାହେଁ। ମୋର ଏପରି ଲୋକମାନେ ଅଛନ୍ତି ଯେଉଁମାନେକି ମୋତେ ବିଶ୍ୱାସ କରନ୍ତି। ହଁ, ମୋର ଏପରି ଲୋକମାନେ ଅଛନ୍ତି ଯେଉଁମାନେକି ମୋତେ ଭରସା କରନ୍ତି। ଗୋଟିଏ ମିନିଟ୍ ପାଇଁ, ଏଠାକୁ ଆସ! ଏହା ତୁମ ସମସ୍ତ ସ୍ୱର୍ଗଦୂତମାନଙ୍କ ପାଇଁ ଉତ୍ତମ ଅଟେ, ଏହାକୁ ଦେଖ। ଦେଖ!"

"ଏହା କେଉଁଠାରେ ଅଛି?"

"ଠିକ୍ ସେଠାରେ ତଳେ। ଦେଖ।"

"ହଁ, ହଁ। ହଁ, ମୁଁ ଏହା ଦେଖୁଛି।"

227 "ଠିକ୍ ସେଠାରେ ତଳକୁ ଦେଖ। ଠିକ ସେଠାରେ ସେହି—ସେହି—ସେହି ନଳବଣର ଅଗରେ ଦେଖ, ସେହି ପତାକା ଏବଂ ଜିନିଷଗୁଡିକ?"

"ହଁ।"

"ସେଠାରେ ଦେଖ!"

"ଏହା କଅଣ ଅଟେ?"

228 "ସେଠାରେ ଜଣେ ବ୍ୟକ୍ତି ଅଛି ଯିଏକି ନିଜର ହାତକୁ ଆକାଶ ଆଡେ ଉଠାଇ, ଆଣ୍ଠୁପାତି, ମୋତେ ବିନତୀ କରୁଅଛି। ସେଠାରେ ଜଣେ କାନ୍ଦୁଥିବା ମାଆ ଅଛି, ଏବଂ ଦୁଇଟି କାନ୍ଦୁଥିବା ଛୋଟ ପିଲାମାନେ ଅଛନ୍ତି। ସେମାନେ ମୋ ଠାରେ ଶେଷ ପର୍ଯ୍ୟନ୍ତ ଭରସା କରୁଛନ୍ତି। ଗାବ୍ରିୟେଲ୍, ତୁମର ଅମେ ଅଛି ଯେତେବେଳେ ତୁମେ ଭିତରକୁ ଯାଇଥିଲ? ତୁମର ସେହି ବ୍ୟକ୍ତିଙ୍କୁ ମନେ ଅଛି କି?"

229 "ହଁ, ମୁଁ ସେଦିନ ରାତିରେ ସେହି କୋଠରୀରେ ସାକ୍ଷାତ କରିଥିଲି ଏବଂ ତାହା ସହିତ କଥା ହୋଇଥିଲି। ଉଃ-ହୁଃ।"

230 "ସେ ଏବେ ସୁଦ୍ଧା ମୋତେ ଭରସା କରେ। ମୋର ଏପରି ଲୋକମାନେ ଅଛନ୍ତି ଯେଉଁମାନେକି ମୋତେ ଭରସା କରନ୍ତି! ମୋର ଏପରି ଲୋକମାନେ ଅଛନ୍ତି ଯେଉଁମାନେକି ମୋତେ ଶେଷ ପର୍ଯ୍ୟନ୍ତ ଭରସା କରିବେ!" [ଭାଇ ବ୍ରାନହାମ୍ ଛଅ ଥର ପ୍ରଚାର ମଞ୍ଚ ଉପରେ ଆଘାତ କରନ୍ତି—ସମ୍ପା।] "ତାକୁ ଦେଖୁଛ? ତାକୁ ଦେଖ।"

"ହଁ, ଓଃ, ତାହା ସାହସିକ ନୁହେଁ କି!"

231 ସେହି ବାପା ପାଣି ଭିତରକୁ ଯାଉଛନ୍ତି, ସେହି ଛୋଟ ଡଙ୍ଗାକୁ ଠେଲିବାକୁ ଲାଗନ୍ତି ।

ମୁଁ ତାହାଙ୍କୁ କହୁଥିବାର ଶୁଣିପାରେ, "ଗାବ୍ରିୟେଲ୍!"

"ହଁ, ପ୍ରଭୁ?"

232 "ଦଶ ହଜାର ସ୍ୱର୍ଗଦୂତଙ୍କୁ ସେହି ଘଟଣାସ୍ଥଳକୁ ଡାକ । ସେମାନଙ୍କୁ ତୁରନ୍ତ ଆଗକୁ ବଢିବାର ଆଦେଶ ଦିଅ । ସ୍ୱର୍ଗର ସୈନ୍ୟଦଳକୁ ଡାକ । ସେସମସ୍ତଙ୍କୁ ସ୍ୱର୍ଗର ପାହାଚରେ, ଉପର-ଓ-ତଳକୁ ପଠାଅ, ଏବଂ ସେମାନଙ୍କୁ ନୀଳ ନଦୀର ଉପର-ଓ-ତଳ ସର୍ବତ୍ର ସ୍ଥାନରେ ସ୍ଥାପିତ କରାଇ ଦିଅ । ମୁଁ ଆଦେଶ ଦେଉଛି ଯେ କୌଣସି କୁମ୍ଭୀର ସେହି ମାଲବାହକକୁ ସ୍ପର୍ଶ ନ କରୁ! କୌଣସି ଜିନିଷ ଏହାକୁ ସ୍ପର୍ଶ କରିବ ନାହିଁ! ଗୋଟିଏ କାଠର ଖଣ୍ଡକୁ ସୁଦ୍ଧା ଏହା ନିକଟକୁ ଆସିବାକୁ ଦିଅ ନାହିଁ ।" ହାଲ୍ଲେଲୁୟା!

233 ଗାବ୍ରିୟେଲ୍ କହିଲେ, "ଏହା ପାଳନ କରାଯିବ ।" ମୋର ପ୍ରଭୁ! ସେ ଏକ ତୂରୀ ବଜାଇଲେ । ଦଶ ହଜାର ସ୍ୱର୍ଗଦୂତ ବାହୁରେ ବାହୁ ମିଶାଇ ଆସିଗଲେ!

"ସେହି ଚାଳକ । ହେ ପ୍ରଭୁ, ଆପଣ କେଉଁଠାକୁ ଯାଉଛନ୍ତି?"

234 "ମୁଁ ଅନ୍ୟ ଅଗରେ ରହିବି ।" ସେ ସର୍ବଦା ଶେଷ ଅଗରେ ରହିଥାଆନ୍ତି । "ମୁଁ ଅନ୍ୟ ଅଗରେ ଅପେକ୍ଷା କରିବି । ମୋର ଏକ ଉଦ୍ଦେଶ୍ୟ ଅଛି । ଯେତେବେଳେ ଲୋକମାନେ ମୋତେ ଭରସା କରିବେ, ମୋର କିଛି ଗୋଟାଏ ରହିଥାଏ, ଏକ ଉଦ୍ଦେଶ୍ୟ; ଏହା ସେମାନଙ୍କ ସହିତ ସବୁ ଠିକ୍ ହେବ ।" ଠିକ ଅଛି, ସେ ଅନ୍ୟ ଅଗକୁ ଚାଲିଯାଆନ୍ତି ।

235 ମୁଁ ମୋଶାଙ୍କୁ ଦେଖେ...କିମ୍ବା ଛୋଟ ହାରୋଣ ଏବଂ ସେମାନଙ୍କୁ, କାନ୍ଦି କାନ୍ଦି, ରାସ୍ତାରେ ଚାଲି ଯାଉଥିବାର ଦେଖେ । "ଶ-ଶ-ଶ-ଶ-ଶ! ଏହାକୁ ଦେଖ ।"

236 ଏବଂ ଛୋଟ ମରିୟମ୍, ସେ ଏବେ ସୁଦ୍ଧା ଛିଡା ହୋଇଛି, ଦେଖୁଅଛି । ସେ କହିଲା, "ଓଃ! ଓଃ!"

237 କହିଲେ, "ମରିୟମ, ଆସ, ଦିବାଲୋକ ହେବାକୁ ଯାଉଅଛି । ଆସ, କୁକୁଡ଼ାମାନେ ଦିନ ହେବାର ଡାକ ଦେଉଛନ୍ତି । ଆସ, ଏହା ଦିବାଲୋକ ହେଉଅଛି । ଆସ, ପ୍ରିୟ, ଚାଲ ଯିବା!"

238 କହିଲା, "ଓଃ, ବାପା, ବାପା! ଦୟାକରି, ଆଉ ଥରେ । ମୋତେ କେବଳ ଛିଡା ହେବାକୁ ଦିଅ, ମୋତେ କେବଳ ଏହା ଦେଖିବାକୁ ଦିଅ ଏବଂ କଅଣ ହେଉଛି ତାହା ଦେଖିବା ପାଇଁ ଦିଅ । ମୁଁ କିଛି ସମୟ ପରେ ଘରକୁ ଫେରିବି ।"

239 "ଓଃ," [ଭାଇ ବ୍ରାନହାମ୍ ତାଙ୍କ ଆଙ୍ଗୁଳି ଟିପନ୍ତି—ସମ୍ପା ।] "ମରିୟମ୍, ତାହା ଏକ ଭଲ ବିଚାର ଅଟେ । ବୋଧହୁଏ ଏହା ସବୁ ଠିକ୍ ଅଟେ । ତୁମେ କେବଳ ଛିଡା ହୋଇ କଅଣ ହେଉଛି ଦେଖ ।"

"ଠିକ ଅଛି, ମୁଁ—ମୁଁ ଏହାକୁ ଦେଖିବି ।"

240 "ତେବେ, ତୁମେ କିଛି ସମୟ ପରେ ଘରକୁ ଶୀଘ୍ର ଆସ । ତୁମେ କେବଳ ଦେଖ ଯେ କଅଣ ଘଟୁଛି । ଏବଂ ତୁମେ ଆସି, ଆମକୁ ଖବର ଦିଅ, ଯେ କଅଣ ହେଲା ।"

"ଠିକ୍ ଅଛି, ବାପା ।" ଏବଂ ସେମାନେ ଚାଲିଗଲେ, ଶୀଘ୍ର ଯିବାକୁ ପଡିଲା ।

241 ଛୋଟ ମରିୟମ୍, ସେ ଛିଡା ହୋଇ ଦେଖି ରହିଲା । ପ୍ରଥମ ବିଷୟ ତୁମେମାନେ ଜାଣ, ଏହା ଦିବାଲୋକ ହୁଏ । "ଓଃ, ଓଃ, ଓଃ, ତାହା କଅଣ ସେଠାକୁ ଆସୁଛି? ଏହା—ଏହା ଏକ କାଠ ଖଣ୍ଡ ଅଟେ । ନା । କଅଣ ତାହା ଏକ କୁମ୍ଭୀର କି? ଓଃ, ସେ ବୁଲି ପଡିଲା ।"

242 ହା-ହା! ସେ କଅଣ ଦେଖିଲା? ସେ ତାହା ଦେଖିଲା ଯାହା ଅନେକ ଲୋକ ଦେଖନ୍ତି ନାହିଁ । ବୁଝିଲ? ସେହି ଛୋଟ ମାଲବାହକଟି ଭାସୁଥିଲା, ସେଠାରେ ତାହା ଦେଇ ଭାସୁଥିଲା । ସେମାନେ ଭାବିଲେ ଯେ ଏହାର କୌଣସି ଚାଳକ ନାହିଁ; ସେମାନେ ଭାବିଲେ ଯେ ଏହାର କୌଣସି ନାବିକ ନାହାଁନ୍ତି । ଏହାର ଥିଲା । ସେମାନେ ତ ଚାରିଆଡ଼େ ଏକତ୍ର ହୋଇଥିଲେ ।

243 ଏଠାରେ ଗୋଟିଏ ଛୋଟ କୁମ୍ଭୀର ଆସେ, କୁହେ, "ଓଃ, ସେଠାରେ ଦେଖ!" ଏଠାରେ ସେ ଆସେ, *ସେହି*ପରି ଭାସମାନ ହୋଇ । ସେ ଯାଏ...ଓଃ, ନା । ନା, ନା । ସେ ସେହି ମାଲବାହକ ନିକଟକୁ ଆସିପାରେ ନାହିଁ ।

ସେଠାରେ ସେହି ମୁକ୍ତିଦାତା, ଉଦ୍ଧାରକାରୀ ଛିଡା ହୋଇଥିଲେ, ତିରିଶ ଲକ୍ଷ ଯିହୁଦୀମାନେ ଯେଉଁମାନେକି ମୁକ୍ତି ଆବଶ୍ୟକ କରୁଥିଲେ । [ଭାଇ ବ୍ରାନହାମ୍ ପାଞ୍ଚଥର ପ୍ରଚାର ମଞ୍ଚ ଉପରେ ଆଘାତ କରନ୍ତି—ସମ୍ପା ।] ନରକରେ ଥିବା ସମସ୍ତ ଦୁଷ୍ଟାତ୍ମାମାନେ ତାକୁ ସ୍ପର୍ଶ କରିପାରିବେ ନାହିଁ । ଭାସମାନ ହୋଇ, ଏହି ଛୋଟ ପୁରୁଣା ଡାମର-ନିର୍ମିତ ଜାହାଜଟି, ନଦୀ ଉପରେ ଚାଲିଥିଲା ।

244 ପ୍ରଥମ ବିଷୟ ତୁମେମାନେ ଜାଣ, ଏହା ଏକ ଘୂର୍ଣ୍ଣିବଳୟ ମଧ୍ୟକୁ ଚାଲିଯାଏ । "ଓଃ!" ମରିୟମ କୁହେ, "ଓଃ! ଓଃ! ତାହାକୁ ଦେଖ! ସେହି ଘୂର୍ଣ୍ଣିବଳୟ, ତାହାକୁ ଦେଖ! ତାହାକୁ ସେହିପରି ଭାବରେ ଦେଖ!" ପ୍ରଥମ ବିଷୟ ତୁମେମାନେ ଜାଣ, ତୁରନ୍ତ ହିଁ ଏହା ଠିକ ସେଥିରୁ ବାହାରି ଗଲା ।

245 ତାହା ସେହି ଉପାୟରେ ହିଁ ହୋଇଥାଏ । ଆମେ ଏକ ଘୂର୍ଣ୍ଣିବଳୟରେ ପ୍ରବେଶ କରିଥାଉ, ବେଳେବେଳେ, ଏହି ଛୋଟ ଡଙ୍ଗାଟି । ବ୍ୟସ୍ତ ହୁଅନ୍ତୁ ନାହିଁ । ସେଠାରେ କେହି ଜଣେ ଥାଆନ୍ତି ଯିଏକି ନଜର ରଖନ୍ତି । "ଯେଉଁମାନେ ତାହାଙ୍କୁ ଭୟ କରନ୍ତି ସେମାନଙ୍କ ଚାରି ପାଖରେ ପରମେଶ୍ୱରଙ୍କ ଦୂତମାନେ ଛାଉଣି କରନ୍ତି ।" ତେବେ ସେମାନଙ୍କ ମଧ୍ୟରୁ ଦଶ ହଜାର ସେହି ଆଗକୁ ବଢିବା ସୂଚୀରେ ରହିଛନ୍ତି ।

246 ଛୋଟ ମରିୟମ୍, ସେ ତଳକୁ ଯାଏ, ସେ ଏହି ବଡ ପଥର ଉପରେ ଚଢ଼େ, ଏବଂ ସେ ଏହାକୁ *ଏହି*ପରି ଭାବରେ ଅନାଏ । ଏବଂ ସେ ଦୌଡିଯାଏ, ସେ ଜାହାଜକୁ ଦେଖୁଥାଏ । ଏବଂ *ଏଠାରୁ* ଦେଇ ତଳକୁ ଯାଏ, ଏବଂ ଏହି ପତାକା ସମୂହ ଦେଇ ଯାଏ । କିଛି ସମୟ ପରେ ଏହା ସେଠାରେ ଅଟକିଯାଏ । କୁହେ, "ଓଃ! ଓଃ, ମୁଁ ଆଶ୍ଚର୍ଯ୍ୟ କରେ!"

247 (ତେବେ, ତାର ବାପା ତାକୁ କହିଥିଲେ, କହିଥିଲେ, "ବର୍ତ୍ତମାନ ତୁମେ ଏହାକୁ ଆନାଉଥିବା ବେଳେ କାହାରିକୁ ତୁମକୁ ଦେଖିବାକୁ ଦେବ ନାହିଁ । ଯଦି କେହି ଆସିଯାଏ, ତେବେ ଏପରି ଭବରେ ଆଚରଣ କରିବ ଯେପରିକି ତୁମେ ଏହା ଦେଖୁ ହିଁ ନାହିଁ, କେବଳ ଅନ୍ୟ ଆଡକୁ ଚାଲି ଯିବ । ଏପରି ଆଚରଣ କରିବ ନାହିଁ—ନାହିଁ ଯେ ତୁମେ ଏହାକୁ ଆଦୌ ସୁଦ୍ଧା ଦେଖୁଥିଲ, କେବଳ ଚାଲିଯିବାର ଜାରି ରଖିବ ।" "ଠିକ ଅଛି," ସେ କହିଲା ।)

248 ସେ ନଦୀ କୂଳକୁ ଯାଏ । ଏହା ଲାଗି ଯାଇଥାଏ । ପ୍ରଥମ ବିଷୟ ତୁମେମାନେ ଜାଣ, ସେଠାରେ ମତ୍ସ୍ୟଜୀବୀମାନଙ୍କର ଏକ ବଡ଼ ସମୂହ ରହିଥାଏ । ଏବଂ ସେ କେବଳ ଏପରି ଭାବରେ ଆଚରଣ କରେ ଯେପରିକି ସେ ଜଣେ ସାନ ଝିଅ ସେଠାରେ ଚାଲି ଯାଉଅଛି । ତେବେ, ଦିନର ଦଶ ଘଟିଟାରେ ପ୍ରାୟଃ, ତୁମେମାନେ ଜାଣ, ତେବେ ସେ କେବଳ ନଦୀ କୂଳରେ ଚାଲୁଥିଲା । ଏବଂ ସେ ତାର ଆଖିରେ ପଛକୁ ଚାହିଁ ରହିଥାଏ, ପାର୍ଶ୍ୱକୁ ଚାହିଁ ରହିଥାଏ, ଦେଖୁଥାଏ ଯେ ଏହା କେଉଁ-ଆଡକୁ ଯାଉଅଛି ।

249 କିଛି ସମୟ ପରେ ସେ ଆଉ ଏକ ଗୋଷ୍ଠୀକୁ ଅତିକ୍ରମ କରି ଚାଲିଯାଏ । କେବଳ ଦେଖି ରହିଥାଏ; ଟିକିଏ ଆଗକୁ ଯାଏ । ଆଗକୁ ଯିବା ଜାରି ରଖେ, ଟିକିଏ ଟିକିଏ କରି ଆଗକୁ ବଢୁଥାଏ ।

250 କିଛି ସମୟ ପରେ ସେ ଏକ ବଡ ପାଚେରୀ ନିକଟକୁ ଆସେ । "ଓଃ, ମୋର ପ୍ରଭୁ, ଏହା ତ ଏହି ପାଚେରୀ ପଛ ପଟକୁ ଯାଉଅଛି!" ସେ କଅଣ କରିପାରେ? ସେ ଜାଣେ ନାହିଁ ଯେ କଅଣ କରିବ । ତେବେ ସେ ପାଚେରୀ ଉପରକୁ ଯାଇପାରେ ନାହିଁ, ତେଣୁ ସେ କେବଳ ପାଣିରେ ଚାଲି ଚାଲି ଯାଏ ଓ ଏହିପରି ଭାବରେ ତାହା ଉପରେ ଚଢିଯାଏ, ଏବଂ ଉପରେ ଗୁରୁଣ୍ଡି ଗୁରୁଣ୍ଡି ଯାଏ । ସେ ସେଠାରେ ପହଞ୍ଚିଯାଏ, ଏବଂ ସେ ଚାଲିବା ଜାରି ରଖେ ।

251 ପ୍ରଥମ ବିଷୟ ତୁମେମାନେ ଜାଣ, ସେ ଏକ ସୁନ୍ଦର ବଗିଚାରେ ଥାଏ । ସବୁ ଆଡ଼େରେ ଫୁଲ ଫୁଟିଥାଏ, ଏବଂ ଏହା ବହୁତ ସୁନ୍ଦର ଥାଏ । ତେବେ ଅଳ୍ପ କିଛି କ୍ଷଣ ଧ୍ୟାନରେ ଶୁଣ । ତେବେ ଦେଖ, ସାନ ଝିଅମାନେ । ସୁନ୍ଦର ଫୁଲମାନ, ଏବଂ, ଓଃ, ଗଛଗୁଡ଼ିକ ସବୁ ଛେଦନ କରାଯାଇଅଛି । ଏହା ବହୁତ ସୁନ୍ଦର ଦେଖାଯାଉଥିଲା! ଏହା ତ ଏକ ଉଦ୍ୟାନ ଅଟେ । "ଓଃ," ସେ କହିଲା, "ସେଠାରେ, ତାହା ଦେଖ, ତାହାକୁ! ଓଃ, ମୋର ପ୍ରଭୁ! ମୁଁ ତ ରାଜ ଉଦ୍ୟାନରେ ଅଛି, ଫାରୋଙ୍କ ରାଜପ୍ରାସାଦରେ, ଉଦ୍ୟାନରେ ଅଛି । ମୁଁ ଏଠାରେ କଅଣ କରିବାକୁ ଯାଉଅଛି? ଯଦି ସେମାନେ ମୋତେ କଦାଚ ଏଠାରେ ଧରି ପକାନ୍ତି, ଓଃ, ମୋର ପ୍ରଭୁ, ସେମାନେ ମୋ ପ୍ରତି କଅଣ କରିବେ?"

252 ଏବଂ ସେ ଦେଖିଲା । ସେହି ଛୋଟ ଜାହାଜଟି ଯାଉଥାଏ, ଏବଂ ଏହା ଏକ ପ୍ରକାର ସେଠାରେ ପାଣିରେ ଅଟକି ଗଲା, ଏବଂ ପାଣିରେ ସେଠାରେ, ଚାରିଆଡ଼େ ବୁଲି ଭାସିବାକୁ ଲାଗିଲା । ମୁଁ ଭାବୁଛି କାହିଁକି । ଏବଂ ସେ କାହାରିକୁ କଥା କହୁଥିବାର ଶୁଣିଲା । ସେ ନଳବୁଦା ତଳେ ଲୁଚିଗଲା । ସେ ବସି ପଡ଼ିଲା, ଏବଂ ସେହିପରି ଭାବରେ ଅନାଇଲା, ତୁମେ ଜାଣ, ଛୋଟ

ମରିୟମ ଦେଖିବାକୁ ଲାଗିଲା, ଏହାକୁ ଦେଖିଲା ।

253 ପ୍ରଥମ ବିଷୟ ତୁମେମାନେ ଜାଣ, ଏଠାରେ କେତେକ ବିଶାଳକାୟ ବଡ ଶକ୍ତିଶାଳୀ ଅଶ୍ୱେତ ପୁରୁଷମାନେ *ଏହିପରି* ଏକ ତମ୍ବୁ ନେଇକରି ଆସିଲେ । ଏବଂ ତାଙ୍କ ପଛେ ପଛେ ଦାସୀମାନେ ଅନୁସରଣ କରୁଥିଲେ, ଏବଂ ସେମାନେ ଗୀତ ଗାଉଥିଲେ । ଏବଂ ଏଠାରେ ଜଣେ ମହିଳା ଆସନ୍ତି, ଏବଂ ସେ ତାଙ୍କ ମସ୍ତକରେ ଏକ ବଡ ସୁନା ଅଳଙ୍କାର ପିନ୍ଧିଥିଲେ, ସେଥିରେ ସମ୍ମୁଖରେ ଏକ ବଡ଼ ସାପ (*ସେହିପରି* ଭାବରେ) ପାଟି ମେଲା କରି ରହିଥିଲା । ଏବଂ ସେ ଜଣେ ସୁନ୍ଦର-ଦିଶୁଥିବା ମହିଳା ଅଟନ୍ତି, ଏବଂ ସେ ଆସନ୍ତି । ତାଙ୍କର ପ୍ରକୃତ ସୁନ୍ଦର ପୋଷାକ, ଏବଂ ଜିନିଷସବୁ ରହିଥିଲା । ଏବଂ ମୁଁ ଜଣେ ଦାସୀକୁ କହୁଥିବାର ଶୁଣିଲି, "ମଣିମା, କଅଣ ଆପଣ ଭାବୁଛନ୍ତି ଯେ ଆଜି ସକାଳେ ପାଣି ଗରମ ଥିବ?"

254 ମରିୟମ କହିଲା, "'ମଣିମା'? ଓଃ, ତାହା ନିଶ୍ଚିତ ଭାବରେ ରାଜ ପରିବାର ହୋଇଥିବ, ତେଣୁ ମୁଁ ନିଶ୍ଚିତରେ ଉଦ୍ୟାନରେ ଥିବି । ଏବଂ ଯଦି ସେମାନେ ମୋତେ ଏଠାରେ ଧରି ପକାନ୍ତି, ତେବେ ସେମାନେ ମୋ ପ୍ରତି କଅଣ କରିବେ?"

255 ଠିକ୍ ଅଛି, ସେ ଚାଲି ଆସନ୍ତି, ଏବଂ ଏହି ବିଶାଳକାୟ ଅଶ୍ୱେତ ପୁରୁଷମାନେ *ଏହିପରି* ଭାବରେ ଖମ୍ବ ଧରି ଆସୁଥାନ୍ତି, *ସେପରି* ଭାବେ ଜଳର ଧାରକୁ ଚାଲିଆସନ୍ତି, ଏବଂ ସେ ନିଜର ପାଦୁକା ବାହାର କରନ୍ତି । ଆଉ ଜଣେ ଦାସୀ ପାଖରେ ତଉଲିଆ ଥିଲା ଏବଂ ଅନ୍ୟମାନଙ୍କର ପାଖରେ ସାବୁନ୍ ରହିଥିଲା । ଏବଂ ସେ ତାଙ୍କର ସକାଳ ଗାଧୋଇବା ପାଇଁ ଯାଉଥିଲେ । ତେଣୁ ସେ ସେଠାକୁ ଗଲେ ଏବଂ ସେ ତାଙ୍କ ସ୍ନାନ ପାଇଁ—ପାଇଁ ପ୍ରସ୍ତୁତ କରିବା ଆରମ୍ଭ କଲେ । ସେ ନିଜର ପାଦୁକା ବାହାର କରି ଦେଲେ । ସେ କହିଲେ, "ମୁଁ ମୋର ପାଦ ଆଙ୍ଗୁଠିକୁ ପାଣିରେ ରଖି ଦେଖିବି ଯେ ଏହା ଗରମ ଅଛି କି ନାହିଁ । ଓଃ, ଏହା ତ ବହୁତ ଭଲ ଅଟେ, ଠିକ୍...ତାହା ସେଠାରେ କଅଣ ଅଟେ?"

256 "ଓଃ!" ମରିୟମ୍, ଛୋଟ ମରିୟମ୍ କହିଲା, "ଓଃ! ଉଃ-ଓଃ, ସେ ତ ସେହି ଜାହାଜକୁ ଦେଖି ପକାଇଲେ ।"

"ଓଃ," ସେ କହିଲେ, "ତାହା ଏକ କୁମ୍ଭୀର କି?"

257 ସେହି ବିଶାଳକାୟ ଶକ୍ତିଶାଳୀ ଲୋକମାନଙ୍କ ମଧ୍ୟରୁ ଜଣେ କହିଲା, "ମାତ୍ର ଗୋଟିଏ ମିନିଟ୍, ମୁଁ ଖୋଜି ଦେଖିବି ।" ସ୍ଲାଶ, ସ୍ଲାଶ, ସ୍ଲାଶ, ପାଣି ଭିତରକୁ ଚାଲିଗଲା । ଏହାକୁ *ଏହିପରି* ଭାବରେ ଉଠାଇ, ଚାଲି ଆସିଲା । କହିଲା, "ମଣିମା!" ଏହାକୁ ଦାସୀକୁ ଦେଇ ଦେଲା । ଏବଂ ସେହି ଦାସୀ ଏହାକୁ ନେଇ ତାକୁ *ସେପରି* ଭାବରେ ଦେଇ ଦେଲା, ଏବଂ ସେ ଏହାକୁ ରଖି ଦେଲେ ।

258 ସେ କହିଲେ, "ଏହା କଅଣ ଅଟେ? ହ୍ୟୁ, ଦୁର୍ଗନ୍ଧ ହେଉଛି! ଏହାର ସର୍ବତ୍ର ଉପରେ ଡାମର ଲାଗିଛି । ଏଠାରେ ଦେଖ, ଏହାର ଉପରି ଭାଗରେ ଏକ ଛିଦ୍ର ଅଛି ।"

259 ଏବଂ ମରିୟମ କହିଲା, “ଓଃ! ଓଃ, ସେଠାରେ ମୋର ସାନ ଭାଇ ଯାଉଛି! ସେଠାରେ ମୋର ଛୋଟ ଭାଇ ଯାଉଅଛି!”

260 ଏବଂ ତେବେ ସେମାନେ ଏହାକୁ *ଏହିପରି* ଭାବରେ ଖୋଲିଲେ / “ଓଃ, ଏହା ତ ଏକ ଶିଶୁ ଅଟେ!” ଏବଂ ଏହା ଆରମ୍ଭ ହୁଏ...ବିଶ୍ୱର ସବୁଠାରୁ ସୁନ୍ଦର ଛୋଟ ଶିଶୁ! ଏବଂ, ଓଃ, ଜଣେ ପରମେଶ୍ୱର ଯିଏକି ଘୃଣା ସୃଷ୍ଟି କରିପାରନ୍ତି, ସେ ପ୍ରେମ ମଧ୍ୟ ସୃଷ୍ଟି କରିପାରନ୍ତି; ଏବଂ ସମସ୍ତ ପ୍ରେମ ଯାହା ସେ ଜଣେ ମନୁଷ୍ୟର ହୃଦୟରେ ରଖିପାରିବେ, ଏକ ସନ୍ତାନ ପାଇଁ ମାତାର ପ୍ରେମ, ସେ ସେହି ଝିଅର ହୃଦୟରେ ରଖିଦେଲେ । ଏବଂ ସେ—ସେ କହିଲେ, “ଏହା ତ ସେହି ଏବ୍ରି- ମଧ୍ୟରୁ ଗୋଟିଏ...ମୁଁ ଜାଣେ ଯେ ଏହା କଅଣ ଅଟେ । ଏହା ତ ମୋର ସେହି ମନ୍ଦ ପିତା ଅଟନ୍ତି! ସେ ଏତେ ନିଷ୍ଠୁର ଅଟନ୍ତି! ସେ ସମସ୍ତ ଛୋଟ ଏବ୍ରୀ ପିଲାମାନଙ୍କୁ ହତ୍ୟା କରିବାର ଆଦେଶ ଦେଇଥିଲେ । ଏବଂ ସେହି ମାତାମାନଙ୍କ ମଧ୍ୟରୁ ଜଣେ ମାଆ ତାଙ୍କର ଶିଶୁକୁ ବାହାରେ ଦେଇଅଛନ୍ତି, ଏହା ଆଶା କରି ଯେ ତାହା ଯେଉଁଠାରେ ବି ପହଞ୍ଚିଯାଏ । ଓହ, ସେ ଦୁଷ୍ଟ ଅଟନ୍ତି! ତେବେ, ସେ ଏହାକୁ ମାରିବେ ନାହିଁ, କାରଣ ଏହା ତ ମୋର ଅଟେ ।” ଉଃ-ହୁଃ, ଦେଖ, ପରମେଶ୍ୱର କିପରି-ଭାବରେ କାର୍ଯ୍ୟ କରୁଛନ୍ତି?

261 ସେ ତାକୁ ଉଠାଇଲେ, ଏବଂ [ଭାଇ ବ୍ରାନହାମ୍ ଏକ ଚୁମ୍ବନ ଶବ୍ଦ କରନ୍ତି—ସମ୍ପା ।] ସେ ତାକୁ ଚୁମ୍ବନ କଲେ । ଏବଂ ଶିଶୁଟି କାନ୍ଦିଲା । ଏବଂ ଯେତେବେଳେ ଏହା କାନ୍ଦିଲା, ଏହା ତାଙ୍କ ହୃଦୟକୁ କେବଳ ଉଷ୍ମ କରି ପକାଇଲା । ସେ କହିଲେ, “ବେଚାରା ଛୋଟ ପ୍ରାଣୀଟି ।” କହିଲେ, “ମୁଁ ତାକୁ ନେବି ଏବଂ ମୁଁ ତାକୁ ଡାକିବାକୁ ଯାଉଛି...ମୁଁ ତାକୁ ଏକ ନାମ ଦେବାକୁ ଯାଉଛି ।” ଏବଂ ସେହିଠାରେ ହିଁ ସେ ତାଙ୍କର ନାମ ପାଇଲା ।

262 ତାଙ୍କ ନାମ କଅଣ ଥିଲା? [ମଣ୍ଡଳୀ କୁହନ୍ତି, “ମୋଶା ।”—ସମ୍ପା ।] ମୋଶା । ଏବଂ *ମୋଶା*ର ଅର୍ଥ “ପାଣି ଭିତରୁ ଉଦ୍ଧାର କରାଯାଇଥିବା ।” ବୁଝିଲ?

263 ସେ କହିଲେ, “ବର୍ତ୍ତମାନ ମୁଁ ତାକୁ ମୋଶା ଡାକିବି, ଏବଂ ସେ ମୋର ନିଜର ଶିଶୁ ହେବେ । ମୁଁ ତାକୁ ରଖିବି । ମାତ୍ର ତେବେ,” ସେ କହିଲେ, “ମାତ୍ର ମୁଁ ତ ଜଣେ ଅବିବାହିତ, ମୁଁ ତାକୁ ସ୍ତନ୍ୟପାନ କରାଇପାରେ ନାହିଁ । ମୋ—ମୋ—ମୋ ପାଖରେ ତାକୁ ଦୁଗ୍ଧପାନ କରାଇବାର କୌଣସି ଉପାୟ ନାହିଁ ।” ତେବେ ସେହି ଦିନମାନଙ୍କରେ ସେମାନଙ୍କ ପାଖରେ ଏହି ବୋତଲ ଏବଂ ଜିନିଷସବୁ ହେଉ ନ ଥିଲା । ମହିଳାମାନେ ସିଗାରେଟ୍ ଟାଣୁ ନ ଥିଲେ ଏବଂ ଯେପରିକି ସେମାନେ ବର୍ତ୍ତମାନ କରନ୍ତି, ତୁମେମାନେ ଦେଖ, ଏବଂ ନିଜକୁ ବିଷାକ୍ତ କରିପକାନ୍ତି । ତେଣୁ କହିଲେ, “ତେବେ, ଯଦି ତୁମେ ଏପରି ଜଣକାକୁ ଜାଣ...” କହିଲେ, “ମୁଁ କଅଣ—କଅଣ କରିବି?” ତେଣୁ ସେ କହିଲେ, “ମୁଁ...”

264 ସେମାନଙ୍କ ମଧ୍ୟରୁ ଜଣେ କହିଲା, “ମୁଁ ଆପଣଙ୍କୁ କହିବି, ମଣିମା, ମୁଁ ଆପଣଙ୍କ ଶିଶୁର ସ୍ତନ୍ୟପାନ କରାଇବା ନିମନ୍ତେ ଏକ ଧାତ୍ରୀ ଖୋଜି ଆଣିବି ।”

“ଓଃ,” ସେ କହିଲେ, “ତାହା ବହୁତ ଭଲ ଅଟେ ।” ଛୋଟ...

265 କିଛି ଗୋଟାଏ କହିଲା, ସେହି ବୁଦା ପାଖରେ ଛିଡା ହୋଇଥିବା ଜଣେ ସ୍ୱର୍ଗଦୂତ, କହିଲେ, "ମରିୟମ୍, ସେଠାରେ ତୁମର ସୁଯୋଗ ଅଛି! ସେଠାରେ ତୁମର ସୁଯୋଗ ଅଛି!" ଛୋଟ ମରିୟମ ଦୌଡ଼ି ଗଲା। କହିଲେ, "ତୁମେ ବର୍ତ୍ତମାନ କିଛି କହିବ ନାହିଁ, ତୁମେ କିଛି କହି ପକାଇବ ନାହିଁ। ତୁମେ ବାହାରକୁ ଯାଇ କହିବ ଯେ ତୁମେ 'ଏକ ଧାତ୍ରୀ ଖୋଜି ଆଣିବ,' ଏବଂ ଯାଇ ତୁମର ମାତାଙ୍କୁ ଆଣିବ।"

ଠିକ ଅଛି, ତେବେ ସେ ତାହା କହିଲା। ସେ କହିଲା, "ମଣିମା!"

266 ତେବେ, ସାଧାରଣତଃ ଭାବେ, ସେ କହିଥାନ୍ତେ, "ତୁମେ ଏଠାରେ କଅଣ କରୁଛ?" ମାତ୍ର, ଦେଖନ୍ତୁ, ପରମେଶ୍ୱର ଏହାକୁ ସର୍ବତ୍ର ଘୋଡାଇ ରଖିଥିଲେ। କାହିଁକି? ତାଙ୍କର ତ ଦଶ ହଜାର ସ୍ୱର୍ଗଦୂତମାନେ ପ୍ରସ୍ତୁତ ରହିଥିଲେ। ବୁଝିଲ? ତାହାଙ୍କର କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବାକୁ ଯାଉଛି। ସେଠାରେ ତାଙ୍କର ଦଶ ହଜାର ସ୍ୱର୍ଗଦୂତମାନେ ଛିଡା ହୋଇ ରହିଥିଲେ।

267 ତେଣୁ ପ୍ରଥମ ବିଷୟ ତୁମେମାନେ ଜାଣ, କହିଲେ, "ତୁମର..."

କହିଲେ, "ହଁ, ପ୍ରିୟ ସାନ ଝିଅ, ତୁମେ ଏଠାରେ କଅଣ କରୁଛ?"

268 ସେ କହିଲା, "ମୁଁ ଆପଣଙ୍କୁ ଠିକ ସେହି ଶିଶୁ ସହିତ ଦେଖିଲି।" କହିଲା, "ମୁଁ ସେହି ସ୍ଥାନକୁ ଜାଣେ ଯେଉଁଠାରେକି ଜଣେ ସୁନ୍ଦର ମାତା ଅଛନ୍ତି ଯିଏକି ଆପଣଙ୍କ ପାଇଁ ଆପଣଙ୍କର ଶିଶୁର ଯତ୍ନ ନେବେ।"

269 ସେ କହିଲେ, "ଯାଅ, ତାଙ୍କୁ ଆଣ, ଏବଂ ତାଙ୍କୁ କହିବ ଯେ ଏହି ଶିଶୁର ଯତ୍ନ ନେବା ପାଇଁ ମୁଁ ତାଙ୍କୁ ସପ୍ତାହରେ ତିନି ଶହ ଡଲାର୍ ଟଙ୍କା ଦେବି, ଏବଂ ମୁଁ ତାଙ୍କୁ ରାଜପ୍ରାସାଦରେ ଏକ ସମ୍ପୂର୍ଣ୍ଣ କୋଠରୀ ଦେବି। ଏବଂ ଯଦି ତୁମେ ତାହା ଜାଣ ଯେ କେଉଁଠାରେ ଜଣେ ଏବ୍ରୀ ସ୍ତ୍ରୀଲୋକ ଅଛି, ଯିଏକି ସ୍ତନ୍ୟପାନ କରାଇବା ହେତୁ ଜଣେ ଧାତ୍ରୀ ଅଟେ, ଯିଏ ଏହି ଶିଶୁକୁ ଦୁଗ୍ଧପାନ କରାଇପାରେ, ଏହା ମୋର ଶିଶୁ ଅଟେ।"

କହିଲା, "ହଁ, ମଣିମା, ମୁଁ ଆପଣଙ୍କ ପାଇଁ ଜଣକାକୁ ଆଣି ଦେବି।"

270 କହିଲେ, "ତେବେ, ଗୋଟିଏ ମିନିଟ୍ ରୁହ! ଏହା ପୂର୍ବେକି ତୁମେ ଦୁର୍ଗକୁ ଯାଅ, ତୁମ ପାଖରେ ଏକ ଗୁପ୍ତ ଚାବିକାଠି ରହିବା ଆବଶ୍ୟକ। ଦେଖ, ତୁମେ ସେହି ଗୁପ୍ତ ଚାବିକାଠି ଜାଣି ନାହଁ। ପ୍ରତ୍ୟେକ ଦିନ ଆମର ଏକ ଗୁପ୍ତ ଚାବିକାଠି ରହିଥାଏ। ତେବେ, ଆଜିର ସେହି ଗୁପ୍ତ ଚାବିକାଠି, ତୁମେ ଜାଣିଛ ଯେ ଏହା କଅଣ ଥିଲା? 'ଏକ କଣ୍ଟାଳିଆ ଉପକରଣ ଏବଂ ଘାସର ବିଡା।'" କହିଲେ, "ଦ୍ୱାର ଦେଇ ଯିବା ପାଇଁ ତାହା ତୁମକୁ କହିବାକୁ ପଡିବ।"

271 ତେବେ ଛୋଟ ମରିୟମ ଘର ଆଡ଼କୁ ଶୀଘ୍ର ଫେରି ଯାଏ, ସେତିକି ଚଞ୍ଚଳ ଭାବେ ଯେତିକି ଚଞ୍ଚଳ ସେ ଯାଇପାରେ, ଏବଂ କାନ୍ଥ ଉପର ଡିଆଁ ମାରି, ରାସ୍ତାରେ ଚାଲିଯାଏ, ଏବଂ ଏହି ରାସ୍ତା ଦେଇ, ଏବଂ ସେହି ରାସ୍ତା ଦେଇ, ଏବଂ ଯେତେ ଶୀଘ୍ର ଯାଇପାରେ ସେ ଯାଏ। ସେ ଘର ଭିତରକୁ ଦୌଡିଯାଏ।

272 ଏବଂ—ଏବଂ ଅମ୍ରାମ ବର୍ତ୍ତମାନ ହିଁ ଘରକୁ ଆସିଥିଲେ, ଏବଂ ଜେକୋବେଦ୍ । ଏବଂ, ଓଃ, ସେମାନେ ଏହା ଭାବି ଦୁଃଖିତ ଥିଲେ, ଯେ କଅଣ ଘଟୁଅଛି । ସେ କହିଲେ, "ମୋର ବେଚାରା ଶିଶୁ! ମୋର ବେଚାରା ଶିଶୁ!" ସେ...

273 ସେ କହିଲେ, "ତେବେ କେବଳ ଶୁଣ ।" କହିଲେ, "ମୁଁ କିଛି ସମୟ ପୂର୍ବରୁ ସେଠାରେ ରାସ୍ତାରେ ଆସୁଥିଲି, ଏବଂ ସେହି ବେଚାରା ମାଆଟି ଦିନସାରା ସମସ୍ତଙ୍କୁ ଜାଗ୍ରତ କରି ରଖିଥିଲା । ସେମାନେ ଆଜି ସକାଳେ ଠିକ ଏହି ପଡ଼ୋଶ ପାଖ ଦେଇ ଆସିଥିଲେ, ଏବଂ ଆଖପାଖରେ ଥିବା ପ୍ରତ୍ୟେକ ଶିଶୁର ମୁଣ୍ଡକୁ ସେମାନେ ଛେଚି ଭାଙ୍ଗି ଦେଇଥିଲେ ।" ଏବଂ କହିଲେ, "ସେମାନେ କିପରି ଚିତ୍କାର କରି କାନ୍ଦୁଥିଲେ! ତେବେ, ଜାଣେ ନାହିଁ, ତୁମର ଶିଶୁ, ଏହା ଯେଉଁଠାରେ ବି ଅଛି । ଯେଉଁଠାରେ ଆମର ଶିଶୁ ଅଛି, ପରମେଶ୍ୱର ଏହାର ଯତ୍ନ ନେବେ ।"

274 ଠିକ୍ ସେତିକିବେଳେ କିଛି ଗୋଟାଏ ଘଟେ...[ଭାଇ ବ୍ରାନହାମ୍ ଚାରିଥର ପ୍ରଚାର ମଞ୍ଚରେ ଆଘାତ କରନ୍ତି—ସମ୍ପା ।] "ଓଃ! ଓଃ! ସେମାନେ ବର୍ତ୍ତମାନ, ଦ୍ୱାରରେ ଅଛନ୍ତି ।" ତେଣୁ ସେମାନେ ଯାଇ ଦେଖିଲେ । ନା, ଏହା ନ ଥିଲେ । ଏହା ତ ମରିୟମ ଥିଲା ।

275 ସେ କହିଲେ, "ଓଃ! ଓଃ, ମରିୟମ! ପ୍ରିୟ, ଭିତରକୁ ଆସ! ଶିଶୁଟିର କଅଣ ହେଲା?"

ସେ କହିଲା, "ମାଆ, ମୋତେ ବହୁତ ଭୋକ ଲାଗୁଛି ।"

କହିଲେ, "ମାତ୍ର ଶିଶୁଟିର କଅଣ ହେଲା?"

276 କହିଲା, "ମୁଁ ବହୁତ ଭୋକରେ ଅଛି, ମାଆ ।" କହିଲା, "ଓଃ, ପ୍ରଭୁଙ୍କର ପ୍ରଶଂସା ହେଉ! ହାଲ୍ଲେଲୁୟା! ମୁଁ ବହୁତ ଭୋକରେ ଅଛି, ମାଆ ।"

କହିଲେ, "କିନ୍ତୁ ଶିଶୁଟିର କଅଣ ହେଲା?"

277 କହିଲା, "ମାଆ, ମୁଁ ଏତେ ଭୋକିଲା ଅଟେ ଯେ ମୁଁ ଘରେ ଥିବା ସବୁକିଛିକୁ ଖାଇପାରେ ।"

278 କହିଲେ, "ଆମେ ତୋ ପାଇଁ କିଛି ଖାଇବାକୁ ଆଣି ଦେବୁ, ମାତ୍ର ଶିଶୁଟିର କଅଣ ହେଲା?" [ଭାଇ ବ୍ରାନହାମ୍ ତିନିଥର ପ୍ରଚାର ମଞ୍ଚରେ ଆଘାତ କରନ୍ତି—ସମ୍ପା ।]

279 କହିଲା, "ଓଃ, ଶିଶୁଟି ଠିକ୍ ଅଛି, ମାଆ । ମୋତେ କିଛି ଖାଇବାକୁ ଦିଅ । ଓଃ, ମୁଁ ବହୁତ ଖୁସି ଅଟେ!"

"କିନ୍ତୁ ଏହା ସହିତ କଅଣ ହେଲା?"

280 "ତେବେ, ମୋତେ କିଛି ଖାଇବାକୁ ଦିଅ, ମୁଁ ବହୁତ ଭୋକରେ ଅଛି ।" କଅଣ ତୁମେ ତାହା କଳ୍ପନା କରିପାରିବ କି?

281 ସେ କହିଲେ, "ମରିୟମ୍! ଏହା ତୋର ମାଆ ଏବଂ ବାପା ଅଟନ୍ତି । ଶିଶୁଟି କେଉଁଠାରେ ଅଛି?" [ଭାଇ ବ୍ରାନହାମ୍ ତିନିଥର ପ୍ରଚାର ମଞ୍ଚରେ ଆଘାତ କରନ୍ତି—ସମ୍ପା ।]

282 ସେ କହିଲା, "ମାଆ, ମୁଁ ତୁମକୁ କହିଲି । ଶିଶୁ, ମୁଁ ଏହା ଦେଖିଛି, ଏବଂ ତାହା ଠିକ୍ ଅଛି । ବର୍ତ୍ତମାନ, ମାଆ, ମୋତେ କିଛି ଖାଇବାକୁ ଦିଅ; ମୁଁ ଭୋକରେ ଅଛି । ତୁମେ ଜାଣ, ମୁଁ—ମୁଁ ବହୁତ ଭୋକରେ ଅଛି ।" ଯେପରିକି ତୁମେମାନେ ହୋଇଥାଅ ଯେତେବେଳେ ତୁମେମାନେ ସ୍କୁଲରୁ ଘରକୁ ଆସିଥାଅ, ତୁମେ ଜାଣ; ଓଃ, କେବଳ କିଛି ଗୋଟାଏ ଖାଇବା ପାଇଁ ହୋଇଥାଅ ।

ତେଣୁ, ସେ ଯାଇ ତାହା ପାଇଁ ଏକ ସାଣ୍ଡୱିଚ୍ ଆଣିଲେ । କହିଲେ, "ବର୍ତ୍ତମାନ ମୋତେ କୁହ ।"

283 ଏବଂ ସେ ଖାଇଲା, "ୟମ୍, ୟମ୍, ୟମ୍," ଖାଉଥିଲା, ତୁମେ ଜାଣ, ଯେପରିକି । କହିଲା, "ମାଆ?"

କହିଲେ, "ହଁ, ମାତ୍ର ଶିଶୁର କଅଣ ହେଲା?"

284 "କାହିଁକି," କହିଲା, "ମାଆ..." ସେ ତାଙ୍କୁ କାହାଣୀଟି କହିଲା । ଏବଂ କହିଲା, "ମାଆ, ତୁମେ ଯାଇ ତୁମର ସର୍ବୋତ୍ତମ ପୋଷାକ ନିଅ, ଏବଂ ନିଜର ବାକ୍ସ ପ୍ରସ୍ତୁତ କର, 'କାରଣ ତୁମେ ଶିଶୁର ଯତ୍ନ ନେବାକୁ ଯାଉଅଛ ।" ଓଃ! ଓଃ! ଓଃ!

"କଅଣ?"

285 ଯଦି ତୁମେ ଏହାକୁ ହରାଇବ, ତେବେ ତୁମେ ଏହାକୁ ପୁଣି ପ୍ରାପ୍ତ କରିବ । କଅଣ ତାହା ଠିକ୍ କି? ଯଦି ତୁମେ ଏହାକୁ ରଖିବ, ତେବେ ତୁମେ ଏହାକୁ ହରାଇବ । ଯଦି ତୁମେ ଏହାକୁ ଦେଇ ଦିବ, ତେବେ ତୁମେ ଏହାକୁ ପ୍ରାପ୍ତ କରିବ । କଅଣ ତାହା ଠିକ୍ କି?

286 ଏବଂ ଛୋଟ ମରିୟମ କେବଳ ଏହି-ଭଳି ଖାଇ ଚାଲିଲା । କହିଲା, "ହଁ" କହିଲା, "ତୁମେ ଆଜି ରାଜପ୍ରାସାଦକୁ ଯାଉଅଛ । ଆଉ କେବଳ ସେତିକି ନୁହେଁ, ମାତ୍ର ତୁମେ ଯାଉଅଛ, ଦିଆଯିବ, ସପ୍ତାହରେ ତିନି ଶହ ଡଲାର ଟଙ୍କା ଦିଆଯିବ, ଏବଂ ତୁମର ନିଜ ଶିଶୁର ଯତ୍ନ ନେବା ପାଇଁ, ଦେଶର ସର୍ବୋତ୍ତମ କୋଠରୀ ଦିଆଯିବ ।"

287 ବିଶ୍ୱର ସମସ୍ତ ଇତିହାସରେ ଏହା ପ୍ରଥମ ଥର ପାଇଁ ହୋଇଥିଲା ଯେଉଁଠାରେକି ଜଣେ ମାଆକୁ ତାର ନିଜର ଶିଶୁକୁ ସ୍ତନ୍ୟପାନ କରାଇବା ପାଇଁ କେବେ ଦରମା ଦିଆଯାଇଥିଲା । ଦେଖନ୍ତୁ ପରମେଶ୍ୱର ଏହାକୁ କିପରି କରନ୍ତି? [ଭାଇ ବ୍ରାନହାମ୍ ତିନିଥର ନିଜ ହାତରେ ତାଳି ମାରନ୍ତି—ସମ୍ପା ।] ହାଲ୍ଲେଲୁୟା! ତାଙ୍କର ନିଜ ଶିଶୁକୁ ସ୍ତନ୍ୟପାନ କରାଇବେ, ଏବଂ ଏଥିପାଇଁ ସପ୍ତାହରେ ତିନି ଶହ ଡଲାର ଟଙ୍କା ପାଇବେ, ଏବଂ ଦେଶର ସର୍ବୋତ୍ତମ କୋଠରୀ ପାଇବେ । ପରମେଶ୍ୱର ବିଷୟଗୁଡିକୁ କରନ୍ତି, କଅଣ ସେ କରନ୍ତି ନାହିଁ କି? ପ୍ରାର୍ଥନା କରିବା ପାଇଁ କଅଣ ଏହା ଦେୟ କି? [ମଣ୍ଡଳୀ କୁହନ୍ତି, "ହଁ ।"] ପ୍ରାର୍ଥନା କରିବା କଅଣ ଏହା ଉତ୍ତମ କି? ["ଆମେନ୍ ।"]

288 ତେଣୁ, ସେ ତାଙ୍କର ଛୋଟ ବାକ୍ସ ପ୍ରସ୍ତୁତ କଲେ । ଆମେ ବର୍ତ୍ତମାନ ଶୀଘ୍ର କରିବା, ଆମେ ମାତ୍ର ଗୋଟିଏ ମିନିଟରେ ବନ୍ଦ କରିବାକୁ ଯାଉଅଛୁ । ତେଣୁ ଆମେ…ସେ ତାଙ୍କ ବାକ୍ସ ପ୍ରସ୍ତୁତ କଲେ, ଏବଂ ସେ ରାସ୍ତାରେ ଚାଲିଲେ, ଯେତିକି ଶୀଘ୍ର କରିପାରନ୍ତି ସେତିକି ଶୀଘ୍ର କଲେ । ଏବଂ ପ୍ରଥମ ବିଷୟ ତୁମେମାନେ ଜାଣ, ସେ ଆସିଲେ; ସେଠାରେ ବିଶାଳକାୟ ପୁରୁଣା ଆରକ୍ଷୀ ତାର ବିରାଟ ବଡ ବର୍ଚ୍ଛା ଧରି ଛିଡା ହୋଇଥିଲା, କହିଲା, "କିଏ ସେଠାକୁ ଯାଏ?"

ସେ କହିଲେ, "ଏକ କଣ୍ଟାଳିଆ ଉପକରଣ ଏବଂ ଘାସର ବିଡା ।"

"ଭିତରକୁ ଯାଅ ।" ଦେଖନ୍ତୁ ପରମେଶ୍ୱର କିପରି କାର୍ଯ୍ୟ କରନ୍ତି?

289 ପରବର୍ତ୍ତୀ ଆରାକ୍ଷୀ ନିକଟକୁ ଗଲେ । ସେଠାରେ ସେ ନିଜର ଖଣ୍ଡା ବାହାର କରି, କହିଲା, "ତୁମେ କିଏ? କିଏ ସେଠାକୁ ଯାଏ?"

କହିଲେ, "ଏକ କଣ୍ଟାଳିଆ ଉପକରଣ ଏବଂ ଘାସର ବିଡା ।"

କହିଲା, "ଭିତରକୁ ଯାଅ ।" ମୋର ପ୍ରଭୁ! ଦେଖନ୍ତୁ ପରମେଶ୍ୱର କିପରି କାର୍ଯ୍ୟ କରନ୍ତି?

290 ଉପରକୁ ଯାଅ, ରାଜପ୍ରାସାଦ ଦେଇ ଦେଖ; ଉପରକୁ ଯିବାର ଆରମ୍ଭ କରନ୍ତି, ଏବଂ ସମସ୍ତ ରାଜକୀୟ ଲୋକ ବାହାରକୁ ଆସନ୍ତି, ସେମାନଙ୍କର ଖଣ୍ଡା ବାହାର କରନ୍ତି । "କିଏ ସେଠାକୁ ଯାଏ?"

କହିଲେ, "ଏକ କଣ୍ଟାଳିଆ ଉପକରଣ ଏବଂ ଘାସର ବିଡା ।"

"ଭିତରକୁ ପ୍ରବେଶ କର ।"

291 ପ୍ରଥମ ବିଷୟ ତୁମେମାନେ ଜାଣ, ଜଣେ ବ୍ୟକ୍ତି ବାହାରକୁ ଆସିଲା, କହିଲା, "କଅନ ତୁମେ ହିଁ ସେହି ଛୋଟ ମହିଳା ଅଟ ଯାହାର ମଣିମା ଅପେକ୍ଷା କରିଛନ୍ତି?"

"ହଁ ।"

292 "ଏବଂ ଆଜି ସକାଳେ ମିଳିଥିବା ଶିଶୁକୁ ସ୍ତନ୍ୟପାନ କରାଇବା ନିମନ୍ତେ ଏ ସେହି ଧାତ୍ରୀ କି?"

"ହଁ ।"

293 କହିଲେ, "ତେବେ, ତାକୁ ଭିତରକୁ ଆଣ ।" ତେଣୁ ସେ ଶିଶୁଟିକୁ ନେଇ ଆସିଲେ…କିମ୍ବା ମାଆକୁ ଭିତରକୁ ନେଇଗଲେ ।

294 ଏବଂ—ଏବଂ ଏହି—ସେହି ସାନ ରାଜକୁମାରୀଟି ବାହାରକୁ ଆସିଲେ, ଏବଂ ସେ କହିଲେ, "କଅଣ ତୁମେ ଶିଶୁମାନଙ୍କ ବିଷୟରେ କିଛି ଜାଣିଛ କି?"

ସେ କହିଲେ, "ହଁ, ମଣିମା ।"

ସେ କହିଲେ, "ଏହି ଶିଶୁଟିକୁ ଦେଖ । କଅଣ ସେ ସୁନ୍ଦର ନୁହେଁ କି?"

"ହଁ, ମଣିମା । ହଁ ।"

କହିଲେ, "ଗୋଟିଏ ଶିଶୁକୁ କିପରି ସ୍ତନ୍ୟପାନ କରାଇବାକୁ ଅଛି କଅଣ ତୁମେ ଜାଣିପାର କି?"

"ହଁ, ମଣିମା। ନିଶ୍ଚିତରେ।"

295 "ତେବେ," ସେମାନେ କହିଲେ, "ମୁଁ ତୁମକୁ ଦେବି, ତୁମର ଦରମା ହେଉଛି, ସପ୍ତାହରେ ତିନି ଶହ ଡଲାର ଟଙ୍କା।" ହୁମ୍! କଅଣ ପରମେଶ୍ୱର ଭଲ ନୁହଁନ୍ତି କି? ଏବଂ କହିଲେ, "ଏବଂ ତୁମେ ରାଜପ୍ରାସାଦର ସର୍ବୋତ୍ତମ କୋଠରୀ ପାଇଲ, ଏବଂ ତୁମର ଭୋଜନ ତୁମ ନିକଟକୁ ପଠାଯିବ। ତୁମକୁ ବାହାରକୁ ଆସି ନିଜର ଖାଦ୍ୟ ସୁଦ୍ଧା ରାନ୍ଧିବାକୁ ପଡ଼ିବ ନାହିଁ।" କହିଲେ, "ବର୍ତ୍ତମାନ, ଏଠାରେ ରହିଲା ଶିଶୁ, ଯତ୍ନ ସହକାରେ କର। ଏହାକୁ ପକାଇବ ନାହିଁ।"

"ଓଃ, ବ୍ୟସ୍ତ ହୁଅନ୍ତୁ ନାହିଁ, ମୁଁ ପକାଇବି ନାହିଁ। ବ୍ୟସ୍ତ ହୁଅନ୍ତୁ ନାହିଁ, ମୁଁ ଏହାକୁ ଛାଡିବି ନାହିଁ।"

"ତୁମେ ଏହାର ସର୍ବୋତ୍ତମ ଯତ୍ନ ନିଅ।"

296 "ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ, ମୁଁ ନେବି। ଏହା ତାର ସର୍ବୋତ୍ତମ ଯତ୍ନ ପାଇବ।" ନିଶ୍ଚିତରେ, ଏହା ତାର ନିଜର ଥିଲା, ଦେଖ। "ମୁଁ ଏହାକୁ ସବୁଠୁ ଉତ୍ତମ ଯତ୍ନ ଦେବି।"

"ତୁମେ ଦେଖୁଛ ଯେ ଏହା ଏକ ସୁନ୍ଦର ଶିଶୁଟିଏ ଅଟେ?"

"ବହୁତ ସୁନ୍ଦର," ସେ କହିଲେ।

"ଠିକ୍ ଅଛି।"

297 ଦ୍ୱାର ବନ୍ଦ କରି ଦେଲେ, ମରିୟମ, ଏବଂ ତାଙ୍କ ମାଆ, ଏବଂ ଛୋଟ ମୋଶା। ଏବଂ ଯେତେବେଳେ କବାଟ ବନ୍ଦ ହୋଇଗଲା, ସେ ଚାରିଆଡ଼େ ଅନାଇଲେ। ସେ କହିଲେ, "ଟସ୍କ-ଟସ୍କ-ଟସ୍କ! ଏବଂ ସେ ଭାବୁଛନ୍ତି ଯେ ତୁମେ *ତାଙ୍କର* ଶିଶୁ ଅଟ। ହା-ହା-ହା-ହା-ହା!" ଓଃ, ମୋର ପ୍ରଭୁ! ସେ ଏହାକୁ ଆଉଁସି ଦେଲେ।

298 ସେ କଅଣ କରିଥିଲେ? ସେ...ଯଦି ସେ ଏହାକୁ ରଖିଥାନ୍ତେ, ତେବେ ସେ କଅଣ କରିଥାଆନ୍ତେ? [ମଣ୍ଡଳୀ କୁହନ୍ତି, "ଏହାକୁ ହରାଇ ଦେଇଥାନ୍ତେ।"—ସମ୍ପା।] ଯେହେତୁ, ସେ ଏହାକୁ ସେହି ଜଣକାକୁ ଦେଇ ଦେଲେ ଯିଏକି ତାଙ୍କୁ ଏହା ଦେଇଥିଲେ, ଏବଂ ସେ (କଅଣ?) ଏହାକୁ ପ୍ରାପ୍ତ କଲେ, ଏବଂ ସେ ଏହାକୁ ରଖିପାରନ୍ତି। ତେବେ କଅଣ ହୁଏ ଯଦି ଆମେ ହରାଇବା...ଯଦି ଆମେ ଆମର ପ୍ରାଣକୁ ରଖିବା, ତାହାହେଲେ କଅଣ ହୁଏ? ["ଆମେ ଏହାକୁ ହରାଇବା।"] ଆମେ ଏହାକୁ ହରାଇବା। ଏବଂ ଯଦି ଆମେ ଏହାକୁ ସେହି ଜଣକାକୁ ଦେଇ ଦେବା ଯିଏକି ତାକୁ ଆମକୁ ଦେଇଥିଲେ, ତାହାହେଲେ କଅଣ ହେବ? ["ଆମେ ଏହାକୁ ପ୍ରାପ୍ତ କରିବା।"] ଆମେ ଏହାକୁ ପ୍ରାପ୍ତ କରିବା। କଅଣ ତାହା ଠିକ୍ କି?

299 ତୁମମାନଙ୍କ ମଧ୍ୟରୁ କେତେ ଜଣ ବେଦୀ ଚାରିପାଖରେ ଆସି ପ୍ରାର୍ଥନା କରିବାକୁ ଚାହାଁନ୍ତି? କଅଣ ତୁମେ ଏହା କରିବାକୁ ଚାହଁ କି? କଅଣ ତୁମେ ଚାହଁ ଯେ ଯୀଶୁ ତୁମମାନଙ୍କର

ସେହିପରି ଭାବରେ ଯତ୍ନ ନିଅନ୍ତୁ ଯେପରିକି ସେ ସେମାନଙ୍କର ନେଇଥିଲେ, ଛୋଟ ଶିଶୁର? କିପରି...ଆସନ୍ତୁ ଆମେମାନେ ସମସ୍ତେ, ଛୋଟ ପିଲାମାନେ, ବର୍ତ୍ତମାନ ଏଠାରେ ବେଦୀ ଚାରିପାଖରେ ଏକତ୍ର ହେବା । କଅଣ ତୁମେମାନେ ଏହା କରିବ କି? ଠିକ୍ ଚାରି ପାଖରେ ଆସ, ବେଦୀ ଚାରିପାଖରେ ଆଣ୍ଠୁମାଡି ବସ । ଆସନ୍ତୁ ଆମେମାନେ, ତୁମେମାନେ ସମସ୍ତେ ପ୍ରାର୍ଥନା କରିବା । ସମସ୍ତ ଛୋଟ ପିଲାମାନେ ବର୍ତ୍ତମାନ ଏଠାକୁ ଆସ । କଅଣ ତୁମେମାନେ ଏହି ବିଷୟରେ ମୋର କାହାଣୀକୁ ପସନ୍ଦ କଲ କି? [ମଣ୍ଡଳୀ କୁହନ୍ତି, "ହଁ ।"—ସମ୍ପା ।] କଅଣ ତୁମମାନଙ୍କୁ ତାହା ଭଲ ଲାଗିଲା କି? ଠିକ୍ ଅଛି, ବର୍ତ୍ତମାନ ତୁମେମାନେ ବେଦୀ ଚାରିପାଖରେ ଆସିଯାଅ । ଏବେ ଆସ । ତୁମେ ସମସ୍ତ ଛୋଟ ପିଲାମାନେ ଆସ, ଠିକ ଏହି ବେଦୀର ଚାରିପାଖରେ ଆଣ୍ଠୁମାଡି ବସି ଯାଅ, ଠିକ୍ ସେଇଠି—ଠିକ ସେଇଠି ବେଦୀ ନିକଟରେ ଆଣ୍ଠୁମାଡି ବସି ଯାଅ । ତାହାହିଁ ଏହା ଅଟେ । ପଛରେ ଥିବା ତୁମେ ସମସ୍ତେ ଛୋଟ ପିଲାମାନେ, ବର୍ତ୍ତମାନ ଏଠାକୁ ଆସ, ଆମେମାନେ ପ୍ରାର୍ଥନା କରିବାକୁ ଯାଉଅଛୁ । ଠିକ୍ ଅଛି । ତୁମେ ଆସି ପ୍ରାର୍ଥନା କରିବାକୁ ଚାହଁ । ଉପରକୁ ଆସି ବେଦୀ ଚାରିପାଖରେ ଆଣ୍ଠୁମାଡି ବସ । ତାହା ଠିକ୍ ଅଟେ । ବର୍ତ୍ତମାନ, ତାହା ଉତ୍ତମ ଅଟେ । ତାହା କେବଳ ଠିକ୍ ଅଟେ ।

300 ତେବେ, ମାଆମାନେ, ଆପଣମାନେ ମଧ୍ୟ, ଆସିବାକୁ ଚାହାଁନ୍ତି, ଏବଂ ପିତାମାନେ, ଆପଣମାନେ ସମସ୍ତେ ସେହି ଗଳିପଥରେ ଆଣ୍ଠୁମାଡି ବସିବାକୁ ଚାହିଁବେ କି?

301 ତେବେ ମୁଁ ଏଠାରେ ତୁମ ଛୋଟ ପିଲାମାନଙ୍କୁ କିଛି ପଚାରିବାକୁ ଚାହେଁ । ଦେଖ । କଅଣ ତୁମେମାନେ ବିଶ୍ୱାସ କର ଯେ ଯୀଶୁ ତୁମକୁ ଠିକ ସେହିପରି ପ୍ରେମ କରନ୍ତି ଯେପରି ସେ ମୋଶାଙ୍କୁ କରିଥିଲେ? କଅଣ ତୁମେମାନେ ବିଶ୍ୱାସ କର ଯେ ସ୍ୱର୍ଗଦୂତମାନେ ତୁମକୁ ଏହିପରି ଭାବରେ ଦେଖନ୍ତି? ତେବେ, ପରମେଶ୍ୱର ତୁମକୁ ଏକ ପ୍ରାଣ ଦେଇଛନ୍ତି, କଅଣ ସେ ଦେଇ ନାହାଁନ୍ତି କି? ତେବେ, ଯଦି ତୁମେ ନିଜର ପ୍ରାଣକୁ ରଖିବ, ତେବେ ଏହାର କଅଣ ହେବ? [ପିଲାମାନେ କୁହନ୍ତି, "ଏହାକୁ ହରାଇବ ।"—ସମ୍ପା ।] ଏହାକୁ ହରାଇବାକୁ ଯାଉଅଛ । ମାତ୍ର ଯଦି ତୁମେମାନେ ଆଜି ସକାଳେ ଏହାକୁ ଯୀଶୁଙ୍କୁ ଦେଇ ଦିଅ, ତେବେ ତୁମେ କଅଣ କରିବାକୁ ଯାଉଅଛ? ["ଏହାକୁ ପ୍ରାପ୍ତ କରିବ ।"] ଏହାକୁ ପ୍ରାପ୍ତ କରିବାକୁ ଯାଉଅଛ—ଯାଉଅଛ । ତୁମେ ରକ୍ଷା କରିବାକୁ ଚାହୁଁଛ । ତେବେ ତୁମେ ନିଜର ପ୍ରାଣକୁ ରକ୍ଷା କରିବାକୁ ଚାହୁଁଛ, କଅଣ ତୁମେ ନୁହଁ କି? ଏବଂ ତୁମେମାନେ ବୃଦ୍ଧି ପାଇ ପ୍ରକୃତ ମାଆ ଏବଂ ପ୍ରକୃତ ମହିଳା ହେବାକୁ ଚାହୁଁଛ, ତୁମେମାନେ ନୁହଁ କି; ଏବଂ ପ୍ରକୃତ ପୁରୁଷ, ପ୍ରଚାରକ, ଏବଂ ପ୍ରଭୃତି ସବୁ ହେବାକୁ ଚାହୁଁଛ? କଅଣ ତୁମେମାନେ ତାହା କରିବାକୁ ଚାହୁଁ ନାହଁ କି? ବର୍ତ୍ତମାନ, ଯଦି ତୁମେ ଚାହୁଁଛ, ତେବେ ତୁମେ ନିଜର ପ୍ରାଣକୁ ଯୀଶୁଙ୍କୁ ଦେଇ ଦିଅ । ଏଠାରେ ତାହା କରିବାର ସେହି ଉପାୟ ଅଛି । ତୁମେ କୁହ, "ପ୍ରିୟ ଯୀଶୁ, ଏହାହିଁ ସବୁ କିଛି ଯାହାକି ମୋ ପାଖରେ ତୁମକୁ ଦେବା ପାଇଁ ଅଛି, ତାହା ହେଉଛି ମୋର ପ୍ରାଣ, ମାତ୍ର ତୁମେ ମୋ ଉପରେ ସେହିପରି ନଜର ରଖ ଯେପରି ତୁମେ ମୋଶାଙ୍କ ଉପରେ ରଖିଥିଲ ।"

302 ତେବେ, ଯଦି ଆପଣ ବୟସ୍କମମାନଙ୍କ ମଧ୍ୟରୁ ସୁଦ୍ଧା, କେତେକ ଆସି ଆଣ୍ଠୁପାତ

କରିବାକୁ ଚାହାଁନ୍ତି, ଆପଣ ମାତାମାନଙ୍କ ମଧ୍ୟରୁ କେତେକେ, ବୋଧହୁଏ, ଆପଣ ଆଜି ସକାଳେ ଏଠାରେ ଆଣ୍ଠୁପାତ କରିବାକୁ ଚାହାଁନ୍ତି । ତେବେ, ଏହା ଆପଣଙ୍କ ପାଇଁ ମଧ୍ୟ, ଉନ୍ମୁକ୍ତ ଅଛି । ଯଦି ଆପଣମାନେ ଚାହାଁନ୍ତି, ତେବେ ଆସନ୍ତୁ, ଠିକ ଏଠାରେ ଆଣ୍ଠୁପାତ କରନ୍ତୁ । ତାହା ଉତ୍ତମ ଅଟେ । ଏଠାରେ ଜଣେ ମାଆ ନିଜର ସାନ ପୁଅ ସହିତ ଆସୁଛନ୍ତି । ଆଉ ଅନ୍ୟ କେହି ଆସିବେ କି?

303 ଜଣେ ପିତା, ବାପା, ଆପଣମାନଙ୍କ ମଧ୍ୟରୁ କେହି ବି, ଯଦି ଆପଣ ଅମ୍ରାମଙ୍କ ପରି ପ୍ରାର୍ଥନାକାରୀ ବ୍ୟକ୍ତି ହେବାକୁ ଚାହାଁନ୍ତି, ତେବେ ଆପଣ ମଧ୍ୟ, ଆସନ୍ତୁ, ଆଣ୍ଠୁପାତ କରନ୍ତୁ ।

304 ମାତା, ଯଦି ଆପଣ ଜେକୋବେଦ୍ ପରି ହେବାକୁ ଚାହାଁନ୍ତି, କାହିଁକି, ଆପଣ ମଧ୍ୟ, ଆସି ଠିକ ଏଠାରେ, ଆଣ୍ଠୁପାତ କରନ୍ତୁ ।

305 ନିଶ୍ଚିତ, ଏହା ସମସ୍ତଙ୍କ ପାଇଁ ଅଟେ । କାରଣ (କଅଣ?) ଆପଣଙ୍କର ମଧ୍ୟ, ଏକ ପ୍ରାଣ ଅଛି । ଯଦି ଆପଣ ଏହାକୁ ରଖିବେ, ତେବେ କଅଣ ହେବ? [ମଣ୍ଡଳୀ କୁହନ୍ତି, "ଏହାକୁ ହରାଇବେ ।"—ସମ୍ପା ।] ଏହାକୁ ହରାଇବେ । ଏବଂ ଯଦି ଆପଣ ଏହାକୁ ସେହି ବ୍ୟକ୍ତିଙ୍କୁ ଦେଇ ଦେବେ ଯିଏକି ଏହାକୁ ଆପଣଙ୍କୁ ଦେଇଥିଲେ, ତେବେ କଅଣ ହେବ? ["ଏହାକୁ ରକ୍ଷା କରିବେ ।"] ଆପଣ ଏହାକୁ ଅନନ୍ତ ଜୀବନ ନିମନ୍ତେ, ରକ୍ଷା କରିବେ । ତାହା ଠିକ୍ ଅଟେ । ତେବେ, କଅଣ ଆପଣମାନେ ସମସ୍ତେ, ଚାରି ପାଖରେ ଏକତ୍ରିତ ହେବେ ନାହିଁ କି, ଆପଣ ସମସ୍ତେ ଯେଉଁମାନେକି ବର୍ତ୍ତମାନ ଇଚ୍ଛା କରନ୍ତି, ଏବଂ ଆସନ୍ତୁ ଏହି ଛୋଟ ପିଲାମାନଙ୍କ ସହିତ, ଏବଂ ଆମ ସହିତ, ବର୍ତ୍ତମାନ ସମସ୍ତଙ୍କ ସହିତ ପ୍ରାର୍ଥନା କରିବା ।

306 ମାତୃ ଦିବସ, ଏକ ସୁନ୍ଦର ଦିନ । ଏବଂ ବୋଧହୁଏ ଆଜି ରାତିରେ, ମୁଁ ମୋର ବିଷୟକୁ ବଦଳାଇ ଆଜି ରାତିରେ ତାହା କହିବାକୁ ଯାଇପାରେ ଯେ ସେହି ମାଆ କଅଣ କଲା, ସେହି ମାଆ କିପରି କଲା । ସେ ହିଁ ସେହି ଜଣକା ଥିଲେ ଯିଏକି ତାଙ୍କ ସାନ ପୁଅକୁ ଶିକ୍ଷା ଦେଇଥିଲେ ଯେ ସେ ସମଗ୍ର ଇସ୍ରାଏଲକୁ ପ୍ରତିଜ୍ଞାତ ଦେଶ ମଧ୍ୟକୁ କଢାଇ ନେବ । ଓଃ, ସେ ଜଣେ ପ୍ରକୃତ ମାତା ଥିଲେ । କଅଣ ସେ ପ୍ରକୃତ ମାଆ ନ ଥିଲେ କି? [ପିଲାମାନେ କୁହନ୍ତି, "ହଁ ।"—ସମ୍ପା ।] ତେବେ, ତୁମେମାନେ ମଧ୍ୟ ଜଣେ ପ୍ରକୃତ ମାତା ପାଇଅଛ, ଏବଂ ମାଆ ତୁମ ପାଇଁ ପ୍ରାର୍ଥନା କରୁଛନ୍ତି । ସେ ଜଣେ ପ୍ରକୃତ ବାପା ଥିଲେ । ଏବଂ ବାପା ତୁମ ପାଇଁ ପ୍ରାର୍ଥନା କରୁଛନ୍ତି । ଏବଂ ବର୍ତ୍ତମାନ ଆମେମାନେ ସମସ୍ତେ ଏକାଠି ପ୍ରାର୍ଥନା କରିବାକୁ ଯାଉଛୁ, ଏବଂ ଯୀଶୁଙ୍କୁ ଆମକୁ ସାହାଯ୍ୟ କରିବା ପାଇଁ କହିବାକୁ ଯାଉଛୁ ।

ଭାଇ ନେଭିଲ୍, କଅଣ ଆପଣ ଆସି, ଆମ ସହିତ ଆଣ୍ଠୁପାତ କରିବେ କି?

307 ଏବଂ ଆସନ୍ତୁ ଅମେମାନେ ସମସ୍ତେ, ସର୍ବତ୍ର ମସ୍ତକ ନତ କରିବା । ବର୍ତ୍ତମାନ ଭଉଣୀ ଗର୍ଟି...[ପିଆନୋବାଦକ ସେହି ଗୀତ *ସେମାନଙ୍କୁ ଭିତରକୁ ଆଣ* ବଜାଇବାକୁ ଆରମ୍ଭ କରନ୍ତି—ସମ୍ପା ।]

308 ପ୍ରିୟ ସ୍ୱର୍ଗସ୍ଥ ପିତା, ଆଜିର ଏହି ଛୋଟ, ସରଳ କାହାଣୀ, ଯାହାକି ଅତୀତ-ସମୟର ପୁରୁଣା ଦିନ ସମ୍ବନ୍ଧରେ ଅଟେ, ଯେଉଁଠାରେକି ଜଣେ ପ୍ରକୃତ ପିତା ଏବଂ ମାତା, ଜଣେ ପ୍ରକୃତ ବିଶ୍ୱାସୀ, ତୁମ ନିକଟକୁ ଆସିଥିଲେ ଏବଂ ସେମାନେ ତୁମକୁ ଉପାସନା କରିଥିଲେ। ସେମାନେ ତୁମକୁ ବିଶ୍ୱାସ କରିଥିଲେ। ସେହି ସମୟରେ ଦେଶରେ ଏକ ସଙ୍କଟ ରହିଥିଲା। ଏବଂ ଆମେମାନେ କିପରି ଜାଣିବା ଯେ ଆଜି ସକାଳେ ଏଠାରେ ଜଣେ ଆଧୁନିକ ମୋଶା ଆଣ୍ଠୁପାତ କରି ନାହିଁ ବୋଲି! ଆମେମାନେ କିପରି ଜାଣିବା ଯେ ଆଜି ସକାଳେ ଏଠାରେ ଜଣେ ଆଧୁନିକ ଛୋଟ ମରିୟମ୍, ସେହି ଭବିଷ୍ୟତ୍‌ବକ୍ତ୍ରୀ ଆଣ୍ଠୁପାତ୍ କରି ନାହିଁ ବୋଲି!

309 ହେ ପିତା ପ୍ରିୟ, ଏହି ଛୋଟ ପିଲାମାନେ ତୁମକୁ ପ୍ରେମ କରନ୍ତି, ଏବଂ ସେମାନେ କ୍ରୁଶ ନିକଟରେ, ଆଣ୍ଠୁପାତ କରି ଆସିଛନ୍ତି, ଏହା ଚିହ୍ନିତ କରି ଯେ ସେମାନଙ୍କ ପାଖରେ ଏପରି ଏକ ପ୍ରାଣ ଅଛି ଯାହାକି ଉଦ୍ଧାର କରାଯିବା ଆବଶ୍ୟକ, ଏବଂ ସେମାନେ ବର୍ତ୍ତମାନ ଏହାକୁ ତୁମକୁ ଦେଉଅଛନ୍ତି। କାରଣ ଆମେ ଏହାକୁ ବର୍ତ୍ତମାନ ତୁମ ବାକ୍ୟରେ ପାଠ କରିଅଛୁ, "ଯଦି ତୁମେ ଏହାକୁ ହରାଇବ, ତୁମେ ଏହାକୁ ପ୍ରାପ୍ତ କରିବ; ଏବଂ ଯଦି ତୁମେ ଏହାକୁ ରଖିବ, ତୁମେ ଏହାକୁ ହରାଇବ।" ଏବଂ, ପିତା, ସେମାନେ ନିଜ ପ୍ରାଣକୁ ସେମାନଙ୍କ ପାଖରେ ରଖିବାକୁ ଚାହାଁନ୍ତି ନାହିଁ। ସେମାନେ ନିଜ ପ୍ରତି ବଞ୍ଚି ରହିବାକୁ ଚାହାଁନ୍ତି ନାହିଁ। ସେମାନେ ନିଜ ପ୍ରାଣକୁ ତୁମକୁ ଦେବା ପାଇଁ ଚାହାଁନ୍ତି, ଯେପରିକି, ତାହା ଦେବା ଦ୍ୱାରା, ସେମାନେ ଅନନ୍ତ ଜୀବନ ପାଇବେ। ପ୍ରଭୁ, ପ୍ରଦାନ କର, ଏହା ପ୍ରଦାନ କର।

310 ବେଦୀ ଚାରିପାଖରେ ଏହି ସମସ୍ତ ଛୋଟ ପୁଅ ଏବଂ ଝିଅମାନଙ୍କୁ ଆଶୀର୍ବାଦ କର। ଆଜି ସକାଳେ ଏଠାରେ ଥିବା ମାତା ଏବଂ ପିତାମାନଙ୍କୁ ଆଶୀର୍ବାଦ କର। ଓଃ, ତୁମର ସ୍ନେହପୂର୍ଣ୍ଣ କରୁଣା ଏବଂ ଦୟା ସେସମସ୍ତଙ୍କ ଉପରେ ବର୍ତ୍ତୁ। ହେ ପ୍ରଭୁ, ଆମର ସମସ୍ତ ପାପ ଏବଂ ଦୁର୍ବଳତାରୁ ଆମକୁ କ୍ଷମା କର। ଆମ ମଧ୍ୟରୁ ଅସୁସ୍ଥତାକୁ ନେଇ ନିଅ।

311 ସ୍ୱର୍ଗଦୂତମାନଙ୍କୁ ପଠାଅ! ହାଲ୍ଲେଲୁୟା! ହେ ପରମେଶ୍ୱର, ତୁମେ ଯିଏକି ଗାବ୍ରିୟେଲଙ୍କୁ ଆଦେଶ ଦେଇଥିଲ, ଏବଂ ଦଶ ହଜାର ସ୍ୱର୍ଗଦୂତ ପ୍ରସ୍ତୁତ ହୋଇ ଆଗକୁ ବଢିଥିଲେ, ତାହାହେଲେ ଆଜି ସକାଳେ କେତେ ଅଧିକ ସ୍ୱର୍ଗଦୂତ ଚାରିପାଖକୁ ଆସନ୍ତି ଯେତେବେଳେ ସେମାନେ ଏହି ବେଚାରା ସାନ ପିଲାମାନଙ୍କୁ ଏହି ବେଦୀ ନିକଟରେ ଆଣ୍ଠୁପାତ କରିଥିବାର ଦେଖନ୍ତି! ଚତୁର୍ଦ୍ଦିଗରେ, ଏହି ବେଦୀ ଉପରେ ଏବଂ ଏହି ମଣ୍ଡଳୀରେ ସର୍ବତ୍ର, ପରମେଶ୍ୱରଙ୍କ ସ୍ୱର୍ଗଦୂତମାନେ ଛିଡା ହୋଇଛନ୍ତି। ସେହି ଲେଖାଜୋଖା କରୁଥିବା ସ୍ୱର୍ଗଦୂତ ଏଠାରେ ଅଛନ୍ତି, ସେମାନଙ୍କର ନାମଗୁଡିକୁ ଏକ ପୁସ୍ତକରେ ଲେଖୁଛନ୍ତି। ସେମାନେ ସେମାନଙ୍କର ପ୍ରାଣ ହରାଉଛନ୍ତି, ଯେଣୁ ସେମାନେ ଏହାକୁ ଖ୍ରୀଷ୍ଟଙ୍କଠାରେ ପାଇପାରନ୍ତି! ହେ ପ୍ରଭୁ, ଏହା ପ୍ରଦାନ କର।

312 ଏହା ହେଉ, ଯେ ଏହି ଦିନଠାରୁ, ଆଗକୁ, ସେମାନଙ୍କର ଛୋଟ ଜୀବନଟି ସୁମଧୁର ଏବଂ ବିନମ୍ର ହେଉ। ସେମାନେ ସେମାନଙ୍କର ପିତାମାତା ଏବଂ ସେମାନଙ୍କର ସ୍ୱର୍ଗୀୟ

ପିତାଙ୍କ ପ୍ରତି ଆଜ୍ଞାକାରୀ ସନ୍ତାନ ହୋଇ ରୁହନ୍ତୁ, ଯେଉଁ ଦିନ ପର୍ଯ୍ୟନ୍ତ ତୁମେ ସେମାନଙ୍କୁ ଘରକୁ ନ ଡାକ। ପ୍ରତ୍ୟେକ ଘୂର୍ଣ୍ଣିବଳୟ ଦେଇ, ସେମାନଙ୍କୁ ସେମାନଙ୍କର ଛୋଟ ଡଙ୍ଗାରେ ମାର୍ଗଦର୍ଶନ କର। ପ୍ରତ୍ୟେକ ଥର ଯେତେବେଳେ ଏହା ବୁଦାରେ ଅଟକି ଯାଏ, ଏହା ହେଉ ଯେ ପରମେଶ୍ୱରଙ୍କ ସ୍ୱର୍ଗଦୂତମାନେ ଏହାକୁ ପରମେଶ୍ୱରଙ୍କ ପ୍ରେମର ପ୍ରବାହିତ ସ୍ରୋତ ମଧ୍ୟକୁ ଠେଲି ଦିଅନ୍ତୁ। ହେ ପ୍ରଭୁ, ଏହା ପ୍ରଦାନ କର। ଏବଂ ମାର୍ଗର ଶେଷରେ, ସେମାନେ ଏକ ସ୍ନେହପୂର୍ଣ୍ଣ ଘର ପାଆନ୍ତୁ, ଏବଂ ସେମାନଙ୍କର ମାତା ଓ ସେମାନଙ୍କର ପ୍ରିୟଜନମାନେ ମହିମାରେ ରୁହନ୍ତୁ, ଯେଉଁଠାରେକି ପରମେଶ୍ୱର ସ୍ୱାଗତ କରିବା ନିମନ୍ତେ, ସେହି ଦିନ ଫାଟକରେ ଛିଡା ହୋଇଥାନ୍ତି। ପିତା, ଏହା ପ୍ରଦାନ କର।

313 ଆମର ସମସ୍ତ ପାପ ଏବଂ ଅପରାଧଗୁଡିକୁ କ୍ଷମା କର। ଏବଂ ଆଜିର ଦିନଠାରୁ ଆମକୁ ସମ୍ପୂର୍ଣ୍ଣ ଭାବେ ତୁମର ହେବା ପାଇଁ ସାହାଯ୍ୟ କର। ଆମେ ବର୍ତ୍ତମାନ ଏହି ଛୋଟ ପିଲାମାନଙ୍କୁ ତୁମ ହସ୍ତରେ ଦେଉଅଛୁ। ଏବଂ ପ୍ରଭୁ, ସେମାନଙ୍କ ସହିତ ଏହି ମାତାମାନଙ୍କୁ, ଯେ ସେମାନେ ଏହି ମାତୃ ଦିବସରେ ସଠିକ୍ ପ୍ରକାରର ମାତା ହେବେ, ଏହି ସ୍ମୃତି ସମୟ ଯାହାକି ମାଆମାନଙ୍କୁ ଦିଆ ଯାଇଥାଏ। ଏବଂ ସେମାନେ, ଏହି ଦିନଠାରୁ, ଅଧିକ ଉତ୍ତମ ମାତା ହୁଅନ୍ତୁ। ସେହି ପିଲାମାନେ ଭଲ ପିଲା ହୁଅନ୍ତୁ। ହେ ପ୍ରଭୁ, ଆମେ ସମସ୍ତେ ଉତ୍ତମ ହେଉ, ଏବଂ ତୁମକୁ ଆହୁରି ଅଧିକ ସେବା କରୁ। ହେ ପିତା, ଏହା ପ୍ରଦାନ କର, କାରଣ ଆମେ ଏହାକୁ ଯୀଶୁଙ୍କ ନାମରେ ମାଗୁଅଛୁ। ଆମେନ୍।

ଆସନ୍ତୁ ଆମେମାନେ ବର୍ତ୍ତମାନ ଏକ ସାମୂହିକ ଗୀତ ଗାଇବା।

314 କଅଣ ତୁମେମାନେ ବିଶ୍ୱାସ କର ଯେ ଯୀଶୁ ତୁମକୁ ଉଦ୍ଧାର କରିଛନ୍ତି? କଅଣ ଯୀଶୁ ତୁମକୁ ବର୍ତ୍ତମାନ ଦେଖନ୍ତୁ ବୋଲି ତୁମେ ଚାହଁ କି, ଯେତେବେଳେ ତୁମେ ଛିଡା ହୋଇଥାଅ? ତେବେ ତାହାଙ୍କ ପ୍ରତି ନିଜର ହାତକୁ, ଏହିପରି ଭାବରେ ଉଠାଅ। ମୁଁ ଚାହେଁ ଯେ ବର୍ତ୍ତମାନ ତୁମେମାନେ ନିଜର ବାପା ଓ ମାଆ ଆଡକୁ ବୁଲି ପଡ, ଏବଂ ସେମାନେ ସମସ୍ତେ। ଏହି ପଟକୁ ବୁଲି ପଡ। ତେବେ ମାଆ ଏବଂ ବାପା, ଏଠାରେ ଦେଖନ୍ତୁ। ତୁମେ ସମସ୍ତେ ସାନ ଝିଅ ଏବଂ ପୁଅମାନେ ଛିଡା ହୋଇଯାଅ। ତେବେ, କେତେ ଜଣ ଯୀଶୁଙ୍କୁ ନିଜର ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରନ୍ତି, ଏବଂ ତୁମେମାନେ ବର୍ତ୍ତମାନଠାରୁ ଯୀଶୁଙ୍କୁ ବିଶ୍ୱାସ କରିବାକୁ ଯାଉଅଛ, ଯେ ସେ ତୁମର ଯତ୍ନ ନେବେ ଯେପରିକି ସେ ଛୋଟ ମୋଶାର ନେଇଥିଲେ, ଆସନ୍ତୁ ତୁମର ହାତଗୁଡିକୁ ଦେଖିବା। ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ। ତାହା ଉତ୍ତମ ଅଟେ! ତେବେ କଅଣ ହେଲା? ଯଦି ତୁମେ ତୁମର ପ୍ରାଣ ରଖିବ, ତୁମର କଅଣ ହେବ? [ମଣ୍ଡଳୀ କୁହନ୍ତି, "ଏହାକୁ ହରାଇବ।"—ସମ୍ପା।] ଏହାକୁ ହରାଇବ। କିନ୍ତୁ ଯଦି ତୁମେ ଏହାକୁ ଯୀଶୁଙ୍କୁ ଦେଇ ଦେବ, ତେବେ କଅଣ ହେବ? ["ଏହାକୁ ପ୍ରାପ୍ତ କରିବ।"] ତୁମେ ଏହାକୁ ପ୍ରାପ୍ତ କରିବ। ତେବେ, କଅଣ ହୁଏ ଯଦି ଯୀଶୁ ଆଜି ସକାଳେ ତୁମମାନଙ୍କୁ ପାଇ ଯାଇଛନ୍ତି? ଏବଂ ବର୍ତ୍ତମାନ ତୁମେ ଯୀଶୁଙ୍କର ଅଟ, କଅଣ ତୁମେ ନୁହଁ କି? ତୁମେ ଯୀଶୁଙ୍କର ଛୋଟ ପୁଅ ଏବଂ ଝିଅ ଅଟ।

315 ଅଶ୍ରୁଜଳରେ ଏଠାରେ ଛିଡା ହୋଇଥିବା ଏହି ଛୋଟ ସାଥୀମାନଙ୍କୁ ଦେଖନ୍ତୁ । ମୋତେ କୁହନ୍ତୁ କଅଣ ପରମେଶ୍ୱର ତାହା ଜାଣନ୍ତି ନାହିଁ କମୀ? ଆମେନ୍ । ଆସନ୍ତାକାଲିର ପୁରୁଷ ଓ ମହିଳାମାନେ! ଛିଡା ହୁଅ ।

ସେମାନଙ୍କୁ ପାପ କ୍ଷେତ୍ରରୁ ଭିତରକୁ ଆଣ;
ସେମାନଙ୍କୁ ଭିତରକୁ ଆଣ, ସେମାନଙ୍କୁ ଭିତରକୁ ଆଣ,
ଛୋଟ ପିଲାମାନଙ୍କୁ ଯୀଶୁଙ୍କ ନିକଟକୁ ଆଣ ।

*ଓଃ, ମୁଁ ଯୀଶୁଙ୍କୁ କିପରି ପ୍ରେମ କରେ*, ତେବେ ଆସ!

ଓଃ,

ଆପଣମାନେ ସମସ୍ତେ ।

...ମୁଁ ଯୀଶୁଙ୍କୁ କିପରି ପ୍ରେମ କରେ,

ବର୍ତ୍ତମାନ ଆମର ହାତକୁ ଉପରକୁ ଉଠାଇବା ।

ଓଃ, ମୁଁ ଯୀଶୁଙ୍କୁ କିପରି ପ୍ରେମ କରେ,
ଓଃ, ମୁଁ ଯୀଶୁଙ୍କୁ କିପରି ପ୍ରେମ କରେ,
କାରଣ ସେ ପ୍ରଥମେ ମୋତେ ପ୍ରେମ କଲେ ।

316 କଅଣ ତାହା ସୁନ୍ଦର ନୁହେଁ କି? ତେବେ, *ଯୀଶୁ ଜଗତର ଛୋଟ ପିଲାମାନଙ୍କୁ ଭଲ ପାଆନ୍ତି ।* ଭଉଣୀ, ଆମକୁ ସେହି ଗୀତର କୋର୍ଡ ଦିଅନ୍ତୁ । ବର୍ତ୍ତମାନ ତୁମେ ସମସ୍ତେ ମୋ ଆଡକୁ, ଏହି ପଟକୁ ବୁଲିଯାଅ, ତୁମେ ଛୋଟ ଝିଅମାନେ । ମୁଁ ସେହି ଗୀତ ଗାଇବାକୁ ଚାହୁଁଛି *ଯୀଶୁ ଜଗତର ଛୋଟ ପିଲାମାନଙ୍କୁ ଭଲ ପାଆନ୍ତି ।* କେତେ ଜଣ ଏହା ଜାଣନ୍ତି? ଠିକ ଅଛି, ଆସନ୍ତୁ ତେବେ ଗାଇବା ।

ଯୀଶୁ ଛୋଟ ପିଲାମାନଙ୍କୁ ଭଲ ପାଆନ୍ତି,
ଜଗତର ସମସ୍ତ ପିଲାମାନଙ୍କୁ;
ନାଲି ଏବଂ ହଳଦିଆ, କଳା ଏବଂ ଧଳା, ସେମାନେ ତାହାଙ୍କ ଦୃଷ୍ଟିରେ
ବହୁମୂଲ୍ୟ ଅଟନ୍ତି,
ଯୀଶୁ ଜଗତର ଛୋଟ ପିଲାମାନଙ୍କୁ ଭଲ ପାଆନ୍ତି ।

317 ତେବେ, ତୁମେମାନେ ସମସ୍ତେ ବର୍ତ୍ତମାନ ସୈନ୍ୟବାହିନୀରେ ଅଛ । କଅଣ ତୁମେମାନେ ତାହା ଜାଣ କି? କଅଣ ତୁମେ ଜାଣ ଯେ ତୁମେମାନେ ପରମେଶ୍ୱରଙ୍କ ସୈନ୍ୟବାହିନୀରେ ଅଛ? ତେବେ, ତୁମେ ବର୍ତ୍ତମାନ ଠିକ ମୋ ଆଡକୁ ଅନାଅ । ଏବଂ ବର୍ତ୍ତମାନ ଏହାକୁ ମୋ ସହିତ ଗାନ କର, କାରଣ ତୁମେ ବର୍ତ୍ତମାନ ସୈନିକ ଅଟ । କଅଣ ତୁମେ ତାହା ଜାଣ କି? କୁଶର ସୈନିକମାନ! ବର୍ତ୍ତମାନ, *ମୁଁ ହୁଏତ କଦାପି ପଦଯାତ୍ରା କରି ନ ଥାଇପାରେ*...କଅଣ

ତୁମେମାନେ ତାହା ଜାଣିଛ କି? ଠିକ୍ ଅଛି । ଠିକ୍ ଅଛି, ବହୁ ସମୟ ପୂର୍ବରୁ, ମୁଁ ଶିଖିଥିବା ପୁରୁଣା ରବିବାର ଶ୍ରେଣୀର ଗୀତ ।

ମୁଁ ହୁଏତ କଦାପି କରି ନ ଥାଇପାରେ...

ତେବେ ତୁମେ, ମୋ ସହିତ ବର୍ତ୍ତମାନ । [ଭାଇ ବ୍ରାନହାମ୍ ସେହି ଗୀତ *ମୁଁ ପ୍ରଭୁଙ୍କର ସୈନ୍ୟ ବାହିନୀରେ ଅଛି* ଗାଇବା ସମୟରେ ଗତିବିଧି କରନ୍ତି—ସମ୍ପା ।]

ମୁଁ ହୁଏତ କଦାପି ପଦାତିକ ସୈନ୍ୟଦଳରେ ପଦଯାତ୍ରା କରି ନ
 ଥାଇପାରେ,
ଅଶ୍ୱାରୋହୀ ସୈନ୍ୟଦଳରେ ଆରୋହଣ, ଗୋଳାବାରୁଦ ଚଳାଇ ନ
 ଥାଇପାରେ;
ମୁଁ ହୁଏତ ଶତ୍ରୁ ଉପରେ ଉଡି ନ ଥାଇପାରେ,
କିନ୍ତୁ ମୁଁ ପ୍ରଭୁଙ୍କର ସୈନ୍ୟ ବାହିନୀରେ ଅଛି ।

ମୁଁ ପ୍ରଭୁଙ୍କର ସୈନ୍ୟ ବାହିନୀରେ ଅଛି,
ଓଃ, ମୁଁ ପ୍ରଭୁଙ୍କର ସୈନ୍ୟ ବାହିନୀରେ ଅଛି!

ବର୍ତ୍ତମାନ ମୋ ସହିତ କରନ୍ତୁ । ସମସ୍ତେ ବର୍ତ୍ତମାନ ଏକାଠି ମିଶି । ବର୍ତ୍ତମାନ!

ମୁଁ ହୁଏତ କଦାପି ପଦାତିକ ସୈନ୍ୟଦଳରେ ପଦଯାତ୍ରା କରି ନ
 ଥାଇପାରେ,
ଅଶ୍ୱାରୋହୀ ସୈନ୍ୟଦଳରେ ଆରୋହଣ, ଗୋଳାବାରୁଦ ଚଳାଇ ନ
 ଥାଇପାରେ;
ମୁଁ ହୁଏତ ଶତ୍ରୁ ଉପରେ ଉଡି ନ ଥାଇପାରେ,
କିନ୍ତୁ ମୁଁ ପ୍ରଭୁଙ୍କର ସୈନ୍ୟ ବାହିନୀରେ ଅଛି ।

318 କଅଣ ତୁମେ ବିଶ୍ୱାସ କର ଯେ ତୁମେ ଏହି ଗୀତ ନିଜେ ଗାଇପାର? ଏଠାରେ ଉପରକୁ ଆସ, ଲେସି, ଠିକ୍ ଏଠାରେ ଉପରକୁ ଆସ । ତେବେ ମୁଁ ଚାହୁଁଛି ଯେ ତୁମେମାନେ ସମସ୍ତେ ସେହି ସମାନ ଭାବରେ ଗତିବିଧି କର ଯେପରି ମୁଁ କରୁଅଛି । ତେବେ, ବେଦୀର ପଛ ପଟରୁ ହୋଇ, ଏଠାକୁ ଆସ । ଠିକ ଏଠାରେ ଉପରକୁ ଆସ । ତୁମେମାନେ ପ୍ରତ୍ୟେକ ଜଣ, ଠିକ ଏଠାରେ ଉପରକୁ ଆସ ଯେଉଁଠାରେ ମୁଁ ଅଛି, ବୁଝିଲ । ଏଠାରେ ଉପରକୁ ଚାଲି ଆସ; କେହି ହେଲେ ବେଦିରୁ ଦୂରେଇ ରୁହ ନାହିଁ । ଠିକ ଏଠାରେ ମୋ ନିକଟକୁ ଆସ । ତାହାହିଁ ଏହା ଅଟେ । ଠିକ୍ । ଠିକ୍ ଏହିପରି ଭାବରେ । ତେବେ ଏହିପରି ଭାବରେ ଘୁରି ଯାଅ, ଏହି ଦର୍ଶକବୃନ୍ଦଙ୍କୁ, ଏହିପରି ଅନାଅ । ତାହାହିଁ ହେଉଛି ଏହା । ମୁଁ ତୁମକୁ ଦେଖାଇବାକୁ ଚାହେଁ ଯେ ଛୋଟ ଛୋଟ ଭଲ ପୁଅ ଏବଂ ଝିଅମାନେ ଯୀଶୁଙ୍କୁ ଜାଣିବା ପରେ କଅଣ କରନ୍ତି । ତେବେ, ପୁଅ ଏବଂ ଝିଅମାନେ, ଠିକ ଏଠାରେ ପଛକୁ ଆସି ଯାଅ । ବର୍ତ୍ତମାନ ତୁମେମାନେ...ତାହାହିଁ ଏହା ଅଟେ । ତେବେ ସେଠାରେ ଦେଖ ।

319 ବର୍ତ୍ତମାନ ଯେତେବେଳେ ମୁଁ କହିବି, "ମୁଁ ହୁଏତ କଦାପି ପଦଯାତ୍ରା କରି ନ ଥାଇପାରେ," ତୁମେ..."ପଦାତିକ ସୈନ୍ୟଦଳରେ ପଦଯାତ୍ରା," ତୁମେ ମଧ୍ୟ, ପଦଯାତ୍ରା କର। ଯେତେବେଳେ ମୁଁ କହିବି, "ମୁଁ ହୁଏତେ କଦାପି ଅଶ୍ୱାରୋହୀ ସୈନ୍ୟଦଳରେ ଆରୋହଣ କରି ନ ଥାଇପାରେ," ତୁମେ ସେହି ସମାନ ବିଷୟ କର ଯାହା ମୁଁ କରେ। ତେବେ ମୋ ଠାରୁ ଦୂରରେ ରୁହ, ତେବେ ଟିକେ ପଛକୁ ହୋଇଯାଅ, ସ୍ଥାନ ତିଆରି କର। ପଛକୁ ଫେରିଯାଅ, ପଛକୁ ଫେରିଯାଅ, ବର୍ତ୍ତମାନ ତୁମେମାନେ ପ୍ରସ୍ତୁତ ଅଟ। ତେବେ ଆସ, ଆମେମାନେ ଏହାକୁ ଗାଉ। [ଭାଇ ବ୍ରାନହାମ୍ ଏବଂ ପିଲାମାନେ ଗୀତ ଗାଇବା ସମୟରେ ଗତିବିଧି କରନ୍ତି—ସମ୍ପା।]

ମୁଁ ହୁଏତ ପଦାତିକ ସୈନ୍ୟଦଳରେ ପଦଯାତ୍ରା କରି ନ ଥାଇପାରେ,
(ଦେଖ!)
ଅଶ୍ୱାରୋହୀ ସୈନ୍ୟଦଳରେ ଆରୋହଣ, ଗୋଳାବାରୁଦ ଚଳାଇ ନ
ଥାଇପାରେ;
ମୁଁ ହୁଏତ ଶତ୍ରୁ ଉପରେ ଉଡି ନ ଥାଇପାରେ,
କିନ୍ତୁ ମୁଁ ପ୍ରଭୁଙ୍କର ସୈନ୍ୟ ବାହିନୀରେ ଅଛି।

ଓଃ, ମୁଁ ପ୍ରଭୁଙ୍କର ସୈନ୍ୟ ବାହିନୀରେ ଅଛି,
ମୁଁ ପ୍ରଭୁଙ୍କର ସୈନ୍ୟ ବାହିନୀରେ ଅଛି! (ପ୍ରସ୍ତୁତ!)

ମୁଁ ହୁଏତ ପଦାତିକ ସୈନ୍ୟଦଳରେ ପଦଯାତ୍ରା କରି ନ ଥାଇପାରେ,
ଅଶ୍ୱାରୋହୀ ସୈନ୍ୟଦଳରେ ଆରୋହଣ, ଗୋଳାବାରୁଦ ଚଳାଇ ନ
ଥାଇପାରେ;
ମୁଁ ହୁଏତ ଶତ୍ରୁ ଉପରେ ଉଡି ନ ଥାଇପାରେ,
କିନ୍ତୁ ମୁଁ ପ୍ରଭୁଙ୍କର ସୈନ୍ୟ ବାହିନୀରେ ଅଛି।

320 ଆମେନ୍! କେବଳ ସ୍ଥିର ଭାବରେ ଛିଡା ରୁହ। କେତେ ଜଣ ତାହା ପସନ୍ଦ କଲେ? କୁହ, "ଆମେନ୍।"

321 ତେବେ, ହେ ସ୍ୱର୍ଗସ୍ଥ ପିତା, ଆଜି ଏହି ଛୋଟ ପିଲାମାନଙ୍କୁ ଆଶୀର୍ବାଦ କର। ସେମାନେ ତୁମର ଅଟନ୍ତି, ପ୍ରଭୁ। ସେମାନେ ତୁମକୁ ନିଜର ଜୀବନ ଦେଇଛନ୍ତି। ସେମାନେ ମୋଶାଙ୍କର ଛୋଟ କାହାଣୀକୁ ଶୁଣିଛନ୍ତି ଏବଂ କିପରି ଯେ ତୁମେ ତାଙ୍କୁ ରକ୍ଷା କଲ। ସେମାନେ ଜଣେ ଭଲ ମାଆ ଏବଂ ଜଣେ ଭଲ ବାପାଙ୍କ ବିଷୟରେ ଶୁଣିଛନ୍ତି ଯିଏକି ସେମାନଙ୍କୁ ସାହାଯ୍ୟ କରିଥିଲେ ଏବଂ ସେମାନଙ୍କୁ ଲାଳନ ପାଳନ କରିଥିଲେ। ଏବଂ ତଦୃପେ ଏହି ଛୋଟ ପିଲାମାନଙ୍କର ମଧ୍ୟ ଭଲ ମାଆ ଏବଂ ବାପାମାନେ ଅଛନ୍ତି। ଏବଂ ମୁଁ ପ୍ରାର୍ଥନା କରୁଛି ଯେ, ହେ ପିତା, ତୁମେ ସେମାନଙ୍କ ଉପରେ ନଜର ରଖିବ ଏବଂ ସେମାନଙ୍କୁ ସମୟର ସ୍ରୋତରେ ଚଳାଇ ନେବ, ଏବଂ ପରମେଶ୍ୱରଙ୍କ ସ୍ୱର୍ଗଦୂତମାନେ ସେମାନଙ୍କୁ ରକ୍ଷା କରନ୍ତୁ। ପ୍ରଦାନ କରିବ...ଏବଂ ତାହାପରେ

ସେମାନଙ୍କୁ ଗ୍ରହଣ କରିବା ପାଇଁ, ହେ ପ୍ରଭୁ, ତୁମ ରାଜ୍ୟରେ ସେମାନଙ୍କୁ ଗ୍ରହଣ କରିବାକୁ, ଶେଷରେ ରହିବ । ଆମେ ଖ୍ରୀଷ୍ଟଙ୍କ ନାମରେ ମାଗୁଅଛୁ । ଆମେନ୍ ।

322 ବର୍ତ୍ତମାନ ତୁମେମାନେ ନିଜର ଆସନକୁ ଫେରିଯାଇ ବାପା ଏବଂ ମାତାଙ୍କୁ କହିପାର ଯେ ତୁମେ କେତେ ଭଲ ଅନୁଭବ କରୁଛ । ଆମେନ୍ ।

323 "ସେମାନଙ୍କର ଭ୍ରମଣର ସମ୍ପୂର୍ଣ୍ଣ ଦିନ ସେମାନେ କଢେଇ ନିଆଗଲେ ।" (ତୁମେମାନେ ତାହା ମଧ୍ୟ, ଜାଣିଛ କି?)

> ସେମାନଙ୍କର ଭ୍ରମଣର...ସେମାନେ କଢେଇ ନିଆ ଗଲେ ।
> ପ୍ରତିଜ୍ଞାତ ଦେଶକୁ ସେମାନେ କଢେଇ ନିଆ ଗଲେ;
> ନିଶ୍ଚିତ ଭାବରେ ପ୍ରଭୁଙ୍କର ହସ୍ତ ଦ୍ୱାରା ମାର୍ଗଦର୍ଶନରେ,
> ସେମାନେ କିଣାନ କୂଳକୁ ଅଣାଗଲେ ।

ପ୍ରତ୍ୟେକଜଣ!

> ରାତି ସମୟରେ ଅଗ୍ନିର ଚିହ୍ନ,
> ଏବଂ ଦିନ ସମୟରେ ମେଘର ଚିହ୍ନ,
> ଠିକ୍ ଆଗରେ ଆଗରେ, ଉପରେ ଘୁରି ବୁଲୁଥିଲା,
> ଯେତେବେଳେ ସେମାନେ ଆମ ମାର୍ଗରେ ଯାତ୍ରା କରିଥିଲେ,
> ଜଣେ ମାର୍ଗଦର୍ଶକ ଏବଂ ଜଣେ ନେତା ହେବେ,
> ଯେପର୍ଯ୍ୟନ୍ତ ପ୍ରାନ୍ତର ଶେଷ ନ ହୋଇଯାଏ,
> ଯେହେତୁ ସଦାପ୍ରଭୁ, ଆମ୍ଭମାନଙ୍କ ପରମେଶ୍ୱର, ତାହାଙ୍କର ନିଜର
> ଉତ୍ତମ ସମୟରେ
> ଅବଶେଷରେ ଆମକୁ ଆଲୋକ ଆଡ଼କୁ କଢେଇ ନେଇଯିବେ ।

324 ଆଜି ସକାଳେ କେତେ ଜଣ ଅସୁସ୍ଥ ଅଛନ୍ତି ଏବଂ ପ୍ରାର୍ଥନା ଆବଶ୍ୟକ କରନ୍ତି? ଆସନ୍ତୁ ଆପଣମାନଙ୍କର ହାତଗୁଡିକୁ ଦେଖିବା । ଏହା ଦେଖି ଯେ ଆମେମାନେ ଟିକିଏ ବିଳମ୍ୱ ହୋଇଯାଇଛୁ, ବୋଧହୁଏ ଆମେମାନେ ଆଜି ଆମର ଆରୋଗ୍ୟ ସେବାକୁ ବନ୍ଦ କରିବା, ଏବଂ ବର୍ତ୍ତମାନ କେବଳ ପ୍ରାର୍ଥନାର ଏକ ଶବ୍ଦ ଅର୍ପଣ କରିବା, କାରଣ ଆମେମାନେ ଟିକିଏ ବିଳମ୍ୱ ହୋଇଯାଇଛୁ ।

325 କଅଣ ଆପଣମାନେ ସେହି ଛୋଟ କାହାଣୀକୁ ଉପଭୋଗ କଲେ କି? [ମଣ୍ଡଳୀ କୁହନ୍ତି, "ଆମେନ୍!"—ସମ୍ପା ।] କଅଣ ଆପଣମାନେ ଭାବୁଛନ୍ତି ଯେ ତାହା ଛୋଟ ଛୋଟ ପିଲାମାନଙ୍କ ପାଇଁ ଭଲ ଥିଲା? ["ଆମେନ୍!"] ହଁ । ଆମେ—ଆମେ ସେମାନଙ୍କୁ ଅନେକ ସମୟରେ ଅତିକ୍ରମ କରି ଚାଲି ଯାଇଥାଉ । ଆମେ ତାହା କରିବା ଉଚିତ୍ ନୁହେଁ । ଦେଖନ୍ତୁ, ମୁଁ କେବେବି ରବିବାର ଶ୍ରେଣୀର ଶିକ୍ଷା ଦେବାର ସୁଯୋଗ ପାଏ ନାହିଁ, ଏବଂ ଆଜି ସକାଳେ

ସେମାନଙ୍କ ସହ କଥାବାର୍ତ୍ତା କରିବାର ଏକ ସମୟ ପାଇଲି । ମୁଁ ତୁମମାନଙ୍କୁ କ୍ଲାନ୍ତ କରିବାକୁ ଚାହୁଁ ନ ଥିଲି, ମାତ୍ର ମୁଁ ତୁମମାନଙ୍କୁ ଏହି ଛୋଟ କାହାଣୀ କହିବାକୁ ଚାହୁଁଥିଲି ।

326 ମନେରଖ, ଛୋଟ ପିଲାମାନେ, ତାହା ଏପରି କୌଣସି ଛୋଟ ପୁରୁଣା କାହାଣୀ ନୁହେଁ ଯାହାକି ତୁମେ କୌଣସି ସ୍ଥାନରେ ବି ପଢ଼ି ଦେବ । ତାହା ତ ସତ୍ୟ ଅଟେ । ତାହା ତ ସେହି ସତ୍ୟ ଅଟେ! ପରମେଶ୍ୱର ତାହା କରିଥିଲେ । ଏବଂ ବର୍ତ୍ତମାନ ସେ *ତୁମମାନଙ୍କ* ସହିତରେ ଅଛନ୍ତି । ଠିକ୍ ଅଛି ।

327 ଆସନ୍ତୁ ଆମେମାନେ ବର୍ତ୍ତମାନ ନିଜର ମସ୍ତକ ନତ କରିବା ଯେତେବେଳେକି ଆମେ ଆମର ବିସର୍ଜନ ଗୀତ ଗାଉ, ଧୀରେ ଧୀରେ, "ପ୍ରତ୍ୟେକ ଶତ୍ରୁଙ୍କଠାରୁ ଏକ ଢାଲ ସ୍ୱରୂପେ, ଯୀଶୁଙ୍କ ନାମକୁ ଆପଣା ସଙ୍ଗରେ ଘେନି ଚାଲନ୍ତୁ ।" ଠିକ୍ ଅଛି ।

ଯୀଶୁଙ୍କର ନାମକୁ ଆପଣା ସଙ୍ଗରେ ଘେନି ଚାଲନ୍ତୁ,<br>
ଦୁଃଖ ଓ ସନ୍ତାପର ସନ୍ତାନ ।

56-0513 ମୋଶାଙ୍କ ଉପରେ ଶିକ୍ଷା

ବ୍ରାନ୍‌ହାମ୍ ଟାବର୍ନେକଲ

ଜେଫର୍ସନ୍‌ଭିଲେ, ଇଣ୍ଡିୟାନା ୟୁ.ଏସ୍.ଏ.

ORIYA

©2024 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org

## ପ୍ରତିଲିପ୍ୟାଧିକାର ସୂଚନା

ସମସ୍ତ ଅଧିକାର ସୁରକ୍ଷିତ ଅଟେ। ଏହି ପୁସ୍ତକଟି ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଗୃହ ପ୍ରିଣ୍ଟରରେ ଛପା ଯାଇପାରେ କିମ୍ବା ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରର ପ୍ରଚାର ନିମନ୍ତେ ଏକ ଉପକରଣ ଭାବରେ, ମାଗଣାରେ, ଦିଆ ଯାଇପାରେ। ଏହି ପୁସ୍ତକଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ® ର ପ୍ରକାଶ୍ୟ ଲିଖିତ ଅନୁମତି ବିନା ବିକ୍ରୀ କରା ଯାଇ ନ ପାରେ, ବଡ ମାତ୍ରାରେ ପୁନରୁତ୍ପାଦିତ କରା ଯାଇ ନ ପାରେ, ଏକ ୱେବସାଇଟରେ ପୋଷ୍ଟ କରା ଯାଇ ନ ପାରେ, କୌଣସି ଗନ୍ଥାଘରରେ ଗଚ୍ଛିତ କରା ଯାଇ ନ ପାରେ, ଅନ୍ୟ ଭାଷାରେ ଅନୁବାଦ୍ କରା ଯାଇ ନ ପାରେ, କିଅବା ଧନ ସଂଗ୍ରହ ନିମନ୍ତେ ବ୍ୟବହାର କରା ଯାଇ ନ ପାରେ।

ଅଧିକ ସୂଚନା ନିମନ୍ତେ କିମ୍ବା ଅନ୍ୟାନ୍ୟ ଉପଲବ୍ଧ ସମାଗ୍ରୀ ନିମନ୍ତେ, ଦୟାକରି ଯୋଗାଯୋଗ କରନ୍ତୁ:

VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org